ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୪୯
୬ ନଭେମ୍ବର, ୨୦୨୫ ଗୁରୁବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 149
6th November, 2025 Thursday
Bhubaneswar

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ


## ନୀତି ବାଣୀ

**ଇଶା ବାସ୍ୟମିଦଁ ସର୍ବଂ ଯକ୍ରିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୂଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧମମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

**ଅମ୍ବିକା ପ୍ରସାଦ ଦାସଙ୍କ**
**'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ**
**ଷଡ଼ଯନ୍ତ୍ରର ଅନ୍ୟନାମ ବୁମେରାଂ !**

# ୨୨ଥର ଭୋଟ ଦେଇଛନ୍ତି ବ୍ରାଜିଲ ସୁନ୍ଦରୀ

## ରାହୁଲଙ୍କ ହାଇଡ୍ରୋଜେନ ବମ୍ !

**ନୂଆଦିଲ୍ଲୀ,୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୋଟ ଚୋରିକୁ ନେଇ ଲୋକସଭାର ବିରୋଧୀ ଦଳ ରାହୁଲ ଗାନ୍ଧି ଆଜି ବଡ ଦାବି କରିଛନ୍ତି। ସମ୍ଭବତଃ ସେ ନିଜର ବହୁପ୍ରତିକ୍ଷୀତ ହାଇଡ୍ରୋଜେନ ବୋମା ସାମ୍ନାକୁ ଆଣିଛନ୍ତି। ସେ ତଥ୍ୟ ପ୍ରମାଣ ସହ ହରିୟାଣ ଭୋଟ ଚୋରିର କାରସାଦି ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି। ଗତବର୍ଷ ହରିୟାଣାରେ ବିଧାନସଭା ନିର୍ବାଚନ ହୋଇଥିଲା।

ସମସ୍ତଙ୍କୁ ଚକିତ କରି ବିଜେପି ଏଠାରେ ବିଜୟୀ ହୋଇଥିଲା। ସବୁ ରାଜନୀତିକ ପଣ୍ଡିତ ଓ ଏକଜିଟ ପୋଲ୍‌ର ଭବିଷ୍ୟଣବାଣୀ ଭୁଲ ହୋଇଥିଲା। ଏବେ ବିଜେପି ଭୋଟ ଚୋରି କରି ହରିୟାଣାରେ ବିଜୟୀ ହୋଇଥିଲା ବୋଲି ରାହୁଲ ଗାନ୍ଧି କାଗଜପତ୍ର ଦେଖାଇ ପୂରା ଦେଶକୁ ଜଣାଇଛନ୍ତି।

ତାଙ୍କ କହିବା କଥା ଯେ ହରିୟାଣାରେ ଅତିକମରେ ୨୫ ଲକ୍ଷ ଭୋଟରେ ହେରଫେର ହୋଇଛି। ରାଜ୍ୟର ୨ କୋଟି ଭୋଟର ଥିବା ବେଳେ ୨୫ ଲକ୍ଷରେ ଠକେଇ ହୋଇଥିବା ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ଏହାର ଅର୍ଥ ହରିୟାଣର ୮ଟି ଭୋଟରଙ୍କ ମଧ୍ୟରେ ଜଣେ ନକଲି। ୧୨.୫% ଭୋଟର ଫେକ୍।"

ରାହୁଲ ଗାନ୍ଧିଙ୍କ କହିବା କଥା ଯେ ସମସ୍ତ ଏକ୍ସିଟ ପୋଲ ହରିୟାଣାରେ କଂଗ୍ରେସ ଜିତିବ ବୋଲି ଆକଳନ କରିଥିଲେ। କିନ୍ତୁ ରେଜଲ୍ଟ ବିଜେପି ସପକ୍ଷରେ ଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ରାହୁଲ ଭୋଟ ଚୋରିର ତଥ୍ୟ ଉପସ୍ଥାପନ କରିବା ବେଳେ ହରିୟାଣା ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ନାୟବ ସିଂହ ସୈନିଙ୍କ ଗୋଟିଏ ଭିଡିଓ ସମସ୍ତଙ୍କୁ ଦେଖାଇଛନ୍ତି।

ଏଥିରେ ସୈନି ରେଜଲ୍ଟ ବାହାରିବା ପୂର୍ବରୁ କହୁଛନ୍ତି ଯେ "ସବୁ କିଛିର ବ୍ୟବସ୍ଥା ହୋଇଛି ଓ ବିଜେପି ନିର୍ବାଚନ ଜିତିବାକୁ ଯାଉଛି।" ଏହାକୁ ଦେଖାଇ ରାହୁଲ ଗାନ୍ଧି ପ୍ରଶ୍ନ କରିଛନ୍ତି ଯେ "କ'ଣ ସବୁ ବ୍ୟବସ୍ଥା କରାଯାଇଥିଲା ?"




ଭୋଟ ଚୋରିର ଉଦାହରଣ ଦେଇ ରାହୁଲ ଗାନ୍ଧି କହିଛନ୍ତି ଯେ ଜଣେ ମହିଳାଙ୍କ ଫଟୋକୁ ବ୍ୟବହାର କରି ୨୨ ଜଣ ଭୋଟରଙ୍କ ନାଁ ପଞ୍ଜୀକରଣ କରାଯାଇଛି। ଭୋଟର ଭାବେ ଯେଉଁ ମହିଳାଙ୍କ ଫୋଟ ୨୨ ଥର ବ୍ୟବହାର କରାଯାଇଛି, ସେ ହେଉଛନ୍ତି ବ୍ରାଜିଲର ମଡେଲ ମାଥ୍ୟୁସ ଫେରେରୋ।

ମଡେଲଙ୍କ ଫଟୋକୁ ମାଗଣାରେ ଇଣ୍ଟରନେଟରୁ ଡାଉନଲୋଡ କରାଯାଇଥିଲା। ଏହାପରେ ଏହାକୁ ବ୍ୟବହାର କରି ନକଲି ଭୋଟର ତାଲିକା ପ୍ରସ୍ତୁତ କରାଯାଇଥିଲା। ବ୍ରାଜିଲୀୟ ମଡେଲଙ୍କ ଫଟୋ ୨୨ ଥର ବ୍ୟବହାର କରାଯାଇଛି। କେଉଁଠି ତାଙ୍କ ନାଁ ସ୍ୱିଟୀ ରହିଛି ତ ଆଉ କେଉଁଠି ସୀମା ଓ ସରସ୍ୱତୀ ରହିଥିବା ରାହୁଲ ଗାନ୍ଧି ସମସ୍ତଙ୍କୁ ଦେଖାଇଛନ୍ତି। ସେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଗତବର୍ଷ ସଡ଼କ ଦୁର୍ଘଟଣାରେ ୧.୭ ଲକ୍ଷ ଲୋକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶରେ ସଡ଼କ ଦୁର୍ଘଟଣା ମାମଲା ଲଗତାରା ବଢିବାରେ ଲାଗିଛି। ଏହାକୁ ନେଇ ନ୍ୟାସନାଲ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏନସିଆରବି)ର ଆଶ୍ଚର୍ଯ୍ୟଜନକ ତଥ୍ୟ ପ୍ରକାଶ କରିଛି। ଏହି ତଥ୍ୟ ଅନୁସାରେ ୨୦୨୩ ତୁଳନାରେ ୨୦୨୪ରେ ସଡ଼କ ଦୁର୍ଘଟଣା ଯୋଗୁ ହୋଇଥିବା ମୃତ୍ୟୁ ସଂଖ୍ୟା ଅଧିକ ରହିପାରେ।

ଏନସିଆରବି ରିପୋର୍ଟରେ ଉତ୍ତର ପ୍ରଦେଶ, ତାମିଲନାଡୁ, ମଧ୍ୟପ୍ରଦେଶ, ରାଜସ୍ଥାନ, ଓଡ଼ିଶା, ତେଲଙ୍ଗାନା, ଆସାମ ଓ ଦିଲ୍ଲୀରେ ସବୁଠୁ ଅଧିକ ସଡ଼କ ଦୁର୍ଘଟଣା ଘଟିଛି। ଅନ୍ୟପଟେ ପଶ୍ଚିମବଙ୍ଗକୁ ଛାଡ଼ି ପୂରା ଦେଶରେ ଗତବର୍ଷ ସଡ଼କ ଦୁର୍ଘଟଣାରେ ୧ ଲକ୍ଷ ୭୦ ହଜାର ଲୋକଙ୍କ ମୃତ୍ୟୁ ହୋଇଛି। ୨୦୨୩ରେ ସଡ଼କ ଦୁର୍ଘଟଣା ଯୋଗୁ ୧ ଲକ୍ଷ ୭୩ ହଜାର ଲୋକଙ୍କ ମୃତ୍ୟୁ ହୋଇଛି, ଯାହା ଆଜି ଯାଏଁର ସବୁଠୁ ବଡ଼ ସଂଖ୍ୟା। ପଶ୍ଚିମବଙ୍ଗରେ ୬,୦୨୭ ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ପଶ୍ଚିମବଙ୍ଗ ୨୦୨୪ ହୋଇଥିବା ସଡ଼କ ଦୁର୍ଘଟଣାର ଡାଟା ସେୟାର କରି ନାହିଁ। ତଥ୍ୟ ମିଳିବା ପରେ ୨୦୨୪ରେ ସଡ଼କ ଦୁର୍ଘଟଣା ମାମଲା ଆହୁରି ଅଧିକ ହେବ। ତାଲିକାର ପ୍ରଥମ ସ୍ଥାନରେ ଉତ୍ତର ପ୍ରଦେଶ ରହିଛି। ଉତ୍ତର ପ୍ରଦେଶରେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୪ଜଣଙ୍କ ଉପରେ ମାଡ଼ିଗଲା ଟ୍ରେନ୍



**ଲକ୍ଷ୍ନୌ,୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍ତର ପ୍ରଦେଶର ମିର୍ଜାପୁରରେ ବଡ ଅଘଟଣ। ରେଳ ଧାରଣା ପାର କରୁଥିବା ବେଳେ ୪ ଜଣଙ୍କୁ ଧକ୍କା ଦେଇଛି ଗୋଟିଏ ଦ୍ରୁତଗାମୀ ଟ୍ରେନ। ଚୁନାର ରେଳ ଷ୍ଟେସନରେ ଏହି ଘଟଣା ଘଟିଛି। ଏଠାରେ ଗୋଟିଏ ଟ୍ରେନ ଅଟକିବା ପରେ କିଛି ଯାତ୍ରୀ ପ୍ଲାଟଫର୍ମର ବିପରୀତ ଦିଗରେ ଓହ୍ଲାଥିଲେ। ଏହି ସମୟରେ ଉକ୍ତ ଟ୍ରାକରେ ଆସୁଥିବା ଦ୍ରୁତଗାମୀ ଟ୍ରେନ ସେମାନଙ୍କ ଉପରେ ମାଡି ଯାଇଥିଲା। ସକାଳ ୯.୩୦ରେ ଘଟିଥିବା ଏହି ଘଟଣାରେ ୪ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି।

ମୃତ ଯାତ୍ରୀମାନେ ଚୋପାନ-ପ୍ରୟାଗରାଜ ଏକ୍ସପ୍ରେସରେ ଯାତ୍ରା କରି ଚୁନାର ଷ୍ଟେସନରେ ପହଞ୍ଚିଥିଲେ। ନିୟମ ଅନୁସାରେ ସେମାନେ ପ୍ଲାଟଫର୍ମ ପଟେ ଥିବା ଦ୍ୱାରରେ ଓହ୍ଲାଇବା କଥା। କିନ୍ତୁ କିଛି ଯାତ୍ରୀ ପ୍ଲାଟଫର୍ମ ୪ରେ ଅଟକି ଥିବା ଟ୍ରେନର ଟ୍ରାକ ପଟେ ଥିବା ଦ୍ୱାର ଦେଇ ଓହ୍ଲାଇଥିଲେ। ଏହି ସମୟରେ ଉକ୍ତ ଟ୍ରାକରେ ବିପରୀତ ଦିଗରୁ *(ଶେଷ ପୃଷ୍ଠା ଦେଖନ୍ତୁ)*



କଟକ ମହାନଦୀ ଗଡ଼ଗଡ଼ିଆ ଘାଟରେ କାର୍ତ୍ତିକ ପୂର୍ଣ୍ଣମି ଅବସରରେ ଡଙ୍ଗାଭସା। (ଫଟୋ-ଚନ୍ଦନ)

# ଅମଙ୍ଗେଇକୁଦକୁ ଯିବାବେଳେ ବୁଡ଼ିଲା ଡଙ୍ଗା

**ଆଠଗଡ଼:,୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ତ୍ତିକ ପୂର୍ଣ୍ଣିମାରେ ଅଘଟଣ। ଅମଙ୍ଗେଇକୁଦକୁ ଯାଉଥିବା ବେଳେ ବୁଡିଲା ଯାତ୍ରୀବାହୀ ଡଙ୍ଗା। କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଗାଁ ନିକଟ ଘାଟରେ ଯାତ୍ରୀବାହୀ ଡଙ୍ଗାଟି ବୁଡ଼ିଯାଇଥିବା ସୂଚନା ମିଳିଛି। ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୩୦ ଊର୍ଦ୍ଧ୍ୱ ଯାତ୍ରୀ। ଡଙ୍ଗାରେ ଥିବା ଯାତ୍ରୀଙ୍କ ମଧ୍ୟରେ ୮ ଜଣ ଶିଶୁ ଥିବା ଜଣାପଡିଛି।

ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଗାଁ ନିକଟ ଘଟରୁ ଅମଙ୍ଗେଇକୁଦକୁ ଯାଉଥିଲା ଡଙ୍ଗା। ଯାତ୍ରୀବାହୀ ଡଙ୍ଗାଟିରେ ୮ ଜଣ ଶିଶୁଙ୍କ ସମେତ ୩୦ରୁ ଅଧିକ ଯାତ୍ରୀ ଥିଲେ। କୌଣସି କାରଣ ବଶତଃ ଘାଟ ନିକଟରେ ଡଙ୍ଗାଟି ବୁଡ଼ିଯାଇଥିଲା। ଯାହା ଫଳରେ ଡଙ୍ଗାରେ ଥିବା ଯାତ୍ରୀମାନେ ପାଣିକୁ ଡେଇଁପଡିଥିଲେ। କେହିକେହି ଯାତ୍ରୀ ପାଣିରେ ପହଁରି ପହଁରି କୂଳକୁ ପଳାଇଆସିଥିଲେ। ଆଉ କିଛି ଜଣଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରିଥିଲେ। ତେବେ ଏହି ଦୁର୍ଘଟଣା ଫଳରେ କାହାର କିଛି ବିଶେଷ କ୍ଷୟକ୍ଷତି ହୋଇନାହିଁ। ତେବେ ଏଭଳି ଅଘଟଣ କାହିଁକି ଘଟିଲା ସେ ନେଇ ଅନୁଧାନ କରାଯିବା ନେଇ ସୂଚନା ରହିଛି।

# ନୂଆପଡ଼ାରେ ଆଜି ପ୍ରଚାର କରିବେ ଦୁଇ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡ଼ାରେ ଗୁରୁବାର ହେଭିୱେଟଙ୍କ ପ୍ରଚାର। ବିଜେପିର ଦୁଇ ମୁଖ୍ୟମନ୍ତ୍ରୀ କରିବେ ପ୍ରଚାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ପ୍ରଚାର କରିବେ। ଦିନ ୧୧ଟା ସମୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ନୂଆପଡ଼ା ବ୍ଲକ ପଞ୍ଚମପୁରଠାରେ ସାଧାରଣ ସଭାରେ ଯୋଗଦେବେ।

ସେହିପରି ଅପରାହ୍ନ ୨ଟା ୩୦ରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡ଼ା ଉଦ୍ୟାନ ବନ୍ଧଠାରେ ପହଁଚିବେ। ସେଠାରୁ କୋମନା ଯାଇ ଅଢେଇ କିଲୋମିଟରର ରୋଡ଼ ଶୋ କରିବେ। ଏହାପରେ ସେଠାରେ ଜନ ସାଧାରଣଙ୍କୁ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ତ୍ରିପାଠୀ।

## ମହିଳାଙ୍କୁ ନଗଦ ଟଙ୍କା ସହାୟତା ଯୋଜନା

# ରାଜ୍ୟ ଉପରେ ବଢୁଛି ଆର୍ଥିକ ଚାପ: ରିପୋର୍ଟ

**ନୂଆଦିଲ୍ଲୀ,୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ବିଭିନ୍ନ ରାଜ୍ୟରେ ଆରମ୍ଭ ହୋଇଥିବା ସର୍ତ୍ତମୁକ୍ତ ନଗଦ ଟ୍ରାନ୍ସଫର ଯୋଜନା ରାଜ୍ୟଗୁଡ଼ିକର ଆର୍ଥିକ ଚାପ ବଢାଉଛି। ପିଆର୍‌ଏସ୍ ଲେଜିସ୍‌ଲେଟିଭ ରିସର୍ଚ୍ଚର ଏକ ରିପୋର୍ଟରେ ଏହି ତଥ୍ୟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ମହିଳାଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରୁଥିବା ରାଜ୍ୟର ସଂଖ୍ୟା ୨୦୨୨-୨୩ରେ ମାତ୍ର ଦୁଇଟି ଥିବାବେଳେ ୨୦୨୫-୨୬ ବେଳକୁ ଏହା ୧୨କୁ ବୃଦ୍ଧି ପାଇଛି।

୨୦୨୫-୨୬ ବଜେଟ୍ ଅଟକଳ ଅନୁସାରେ, ଏହି ମହିଳା କେନ୍ଦ୍ରିତ କାର୍ଯ୍ୟକ୍ରମରେ ରାଜ୍ୟଗୁଡ଼ିକ ମିଳିତ ଭାବରେ ୧.୬୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ଆଶା କରାଯାଉଛି, ଯାହା ଭାରତର ମୋଟ୍ ଜିଡିପିର ୦.୫% ସହ ସମାନ। ଏହିପରି ଯୋଜନା କାର୍ଯ୍ୟକାରୀ କରୁଥିବା ୧୨ଟି ରାଜ୍ୟ ମଧ୍ୟରୁ ଛଅଟି ରାଜ୍ୟ ୨୦୨୫-୨୬ ପାଇଁ ରାଜସ୍ୱ ନିଅଣ୍ଟ ଆକଳନ କରିଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ, ଏହି ନଗଦ ଟ୍ରାନ୍ସଫର ବ୍ୟୟକୁ ବାଦ୍ ଦିଆଗଲେ ଅନେକ ରାଜ୍ୟର ଆର୍ଥିକ ସୂଚକାଙ୍କରେ ଉନ୍ନତି ଦେଖାଯାଉଛି। ଉଦାହରଣସ୍ୱରୂପ, କର୍ଣ୍ଣାଟକ ଯେଉଁଠାରେ ରାଜସ୍ୱ ବଳକାର ୦.୩% ଆକଳନ କରାଯାଇଥିବା ବେଳେ ମହିଳା କେନ୍ଦ୍ରିକ ଯୋଜନାରେ ବ୍ୟୟକୁ ହିସାବକୁ ନେଲେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବାଲିଯାତ୍ରା ଓଡ଼ିଆ ଜାତିର ଗୌରବ ଓ ଐତିହ୍ୟର ପ୍ରତୀକ: ମୁଖ୍ୟମନ୍ତ୍ରୀ

**କଟକ,୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଐତିହାସିକ ବାଲିଯାତ୍ରା କଟକ ୨୦୨୫ ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ସ୍ମୃତି ଓ ସ୍ମାରକୀ ବହନ କରୁଥିବା ବାଲିଯାତ୍ରାର ଗୌରବମୟ ଇତିହାସକୁ ଉଜ୍ଜୀବିତ କରିବା ଲକ୍ଷ୍ୟ ନେଇ ଗଣକବି ବୈଷ୍ଣବ ପାଣି ମଞ୍ଚରେ ଆୟୋଜିତ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲିଯାତ୍ରାର ଶୁଭ ଉଦଘାଟନ କରିଥିଲେ। କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ପୌରହିତ୍ୟରେ ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ସୁଶ୍ରୀ ଇନା.ଏଚ କୃଷ୍ଣମୂର୍ତ୍ତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ, ରାଜ୍ୟସଭା ସାଂସଦ




ଦେବାଶିଷ ସାମନ୍ତରାୟ, ରାଜ୍ୟର ଉଚ୍ଚଶିକ୍ଷା ଓ କ୍ରୀଡ଼ା ଏବଂ ଯୁବବ୍ୟପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋଷ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଉନ୍ନୟନ କମିଶନର ଅନୁ ଗର୍ଗ, ପୋଲିସ କମିଶନର ଏସ ଦେବଦତ୍ତ ସିଂହ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନ ତାପସ କୁମାର ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଉଦବୋଧନରେ କହିଲେ, ବାଲିଯାତ୍ରା ହେଉଛି ଓଡ଼ିଶାର ଇତିହାସ ଓ ସମୃଦ୍ଧ ନୌବାଣିଜ୍ୟର ପ୍ରତୀକ। ବାଲିଯାତ୍ରା କେବଳ ଏକ ଯାତ୍ରା ନୁହେଁ ଏହା ବିଦେଶ ସହ ସଂପର୍କ ସ୍ଥାପନର ଏକ ମାଧ୍ୟମ ଥିଲା। ତେଣୁ ବାଲିଯାତ୍ରାକୁ ଅଧିକରୁ ଅଧିକ ସଂପ୍ରସାରଣ କରିବା ପାଇଁ ରାଜ୍ୟ ସରକାର ସଚେତନ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଲେ, ଓଡ଼ିଶାରେ ୫୭୫କିଲୋମିଟର ସୁଦୀର୍ଘ ସମୁଦ୍ରତଟ ରହିଛି। ଓଡ଼ିଶାର ଅର୍ଥନୀତିକୁ ଦୃଢ଼ କରିବାରେ ଏହା ବିଶେଷ ସହାୟକ ହେବ । ରାଜ୍ୟରେ ବନ୍ଦରଭିତ୍ତିକ ଅର୍ଥନୀତି ପାଇଁ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । କଟକର ତାରକସି କାମ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। କଟକର ସାମଗ୍ରିକ ଅଗ୍ରଗତି ପାଇଁ ଏ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବିଶେଷ ଅତିଥି ଭାରତରେ ଅବସ୍ଥାପିତ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସୁଶ୍ରୀ କୃଷ୍ଣମୂର୍ତ୍ତି ତାଙ୍କ *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାସ୍ତାକଡ଼ରୁ ଗାଡ଼ି ଉଠାଇ ଘରୋଇ ସଂସ୍ଥା ମାଲାମାଲ୍

**ଭୁବନେଶ୍ୱର,୫।୧୧: ତଥ୍ୟ**

ବେଆଇନ୍ ଭାବେ ରାସ୍ତାକଡରେ ପାର୍କିଂ ହୋଇଥିବା ଯାନକୁ ଟ୍ରାଫିକ ପୁଲିସ୍ ଉଠାଇ ନେଉଥିବାବେଳେ ଏଥିରେ କିନ୍ତୁ ଘରୋଇ ସଂସ୍ଥା ମାଲାମାଲ ହେଉଛନ୍ତି। ଏଥିରୁ ରାଜକୋଷକୁ ଯେତିକି ପାଉଣା ଆସୁଛି ତାହାଠାରୁ ଅଧିକ ଘରୋଇ ସଂସ୍ଥା ନେଇଯାଉଛନ୍ତି।

କମିଶନରେଟ ପୁଲିସ୍ ଅଞ୍ଚଳରେ ଯଦି କୌଣସି ଠାରେ ବେଆଇନ୍ ପାର୍କିଂ ହେଉଛି ତେବେ ଟ୍ରାଫିକ ପୁଲିସ୍ ତାହାକୁ ଉଠାଇ ନେଉଛି। ଏହିସବୁ ଗାଡି ଉଠାଇବାପାଇଁ କେତେକ ଘରୋଇ ସଂସ୍ଥା ନିଜ ନିଜର ଗାଡିଉଠା ଯନ୍ତ୍ର ମୁତୟନ କରିଛନ୍ତି। ଟ୍ରାଫିକ ପୁଲିସ୍ ଠାରୁ ଖବର ପାଇଲା ମାତ୍ରେ ଗାଡି ଉଠାଇବା ପାଇଁ ସେଠାକୁ ଝପଟି ଯାଉଛନ୍ତି।

ଗୋଟିଏ ଚାରି ଚକିଆ ଯାନ ବେଆଇନ୍ ପାର୍କିଂରୁ ଉଠାହୋଇ ଆସିଲେ ଗାଡି ମାଲିକଙ୍କୁ ୧୨୦୦ ଟଙ୍କାର ଫାଇନ୍ ଗଣିବାକୁ ପଡୁଛି। ହେଲେ ଏଥିରୁ ରାଜକୋଷକୁ ଆସୁଛି ମାତ୍ର ୫୦୦ ଟଙ୍କା। ୭୦୦ ଟଙ୍କା ନେଉଛନ୍ତି ଘରୋଇ କମ୍ପାନୀ। ଏହି ବେପାର ବେଶ୍ ଭଲ ହେଉଥିବାରୁ ଓ ପୁଲିସ୍ ସହାୟତାରେ ହେଉଥିବାରୁ ଘରୋଇ ସଂସ୍ଥାମାନେ ଏଥିପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଛନ୍ତି।

ତେବେ ସବୁଠାରୁ ବଡକଥା ହେଲା ଯଦି କୌଣସି ଗାଡି ମାଲିକ ନିଜର ଗାଡି ଉଠାଣ ସଂକ୍ରାନ୍ତରେ ପୁଲିସ୍ ଉପରେ ଚାପ ପକାଉଛନ୍ତି ତେବେ ପୁଲିସ୍ ପରିସ୍ଥିତିକୁ ଦେଖି ତୁରନ୍ତ ସେମାନଙ୍କ ଠାରୁ ଘରୋଇ ଗାଡି ବାବଦୀୟ ଅର୍ଥ ନେଇ ଛାଡି ଦେଉଛନ୍ତି। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କ ମୋବାଇଲ୍‌କୁ ଆଉ ୫୦୦ ଟଙ୍କା ପ୍ରଦାନ ପାଇଁ ନୋଟିସ୍ ଆସୁଛି। ଗାଡି ଟଣା ସମୟରେ କମ୍ ପରିମାଣର ଫାଇନ୍




ଦେଇ ଖୁସି ହେଉଥିବା ଲୋକ କିଛିଦିନ ପରେ ଅବଶିଷ୍ଟ ଟଙ୍କା ଦାଖଲ ପାଇଁ ନୋଟିସ୍ ପାଇ ପୁଣି ଅର୍ଥ ପଇଠ କରୁଛନ୍ତି।

ବର୍ତ୍ତମାନ ପୁରୁଣା ଚାଲାଣ ପଇଠ ନେଇ ପରିବହନ ବିଭାଗ ତାଗିଦା ଆରମ୍ଭ କରିବା ଓ ସହିତ ନିୟମ ଅନୁଯାୟୀ ପ୍ରଦୂଷଣ ପ୍ରମାଣପତ୍ରକୁ ଏଥିରେ ଯୋଡୁଥିବାରୁ ଲୋକେ ନିଜ ନିଜର ପୁରୁଣା ଚାଲାଣ ସଂକ୍ରାନ୍ତରେ ଖୋଳତାଡ କରୁଛନ୍ତି। ଯେଉଁମାନେ ନିଜ ନିଜ ଗାଡିର ଚାଲାଣ ଦାଖଲ କରିନଥିବେ ସେମାନଙ୍କ ଗାଡିର ଆଉ ପ୍ରଦୂଷଣ ସାର୍ଟିଫିକେଟ ହୋଇପାରିବ ନାହିଁ। ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଡଣ୍ଡ ଗଣିବାକୁ ପଡିବ। ସେଥିପାଇଁ ଅନେକ ଗାଡିମାଲିକ ଏବେ ନିଜ ନିଜର ଚାଲାଣ ସଂକ୍ରାନ୍ତରେ ଖୋଳତାଡ ଆରମ୍ଭ କରିଦେଇଛନ୍ତି।

ରାଜଧାନୀରେ ଏବେ ପୁଣିଥରେ ପୁଲିସ୍ ପକ୍ଷରୁ ଗାଡିମୋଟର ଯାଞ୍ଚ ସହିତ ରାସ୍ତାକଡରୁ ଗାଡି ଉଠାଇବା ଆରମ୍ଭ ହୋଇଛି। ଏହାକୁ ନେଇ ଗାଡି ମାଲିକ ଓ ଟ୍ରାଫିକ ପୁଲିସ୍ ମଧ୍ୟରେ ଏକ ପ୍ରକାର ଛକାପଞ୍ଝା ଚାଲିଥିବାବେଳେ କାହାର କେତେବେଳେ ଚାଲାଣ କଟିବ କେହି ଜାଣିପାରୁ ନାହାନ୍ତି। ସେହିଭଳି ଯେଉଁମାନଙ୍କର ସିଟବେଲ୍ଟ ବାନ୍ଧି ନଥିବା ନେଇ ଚାଲାଣ ଆସୁଛି ସେଥିରେ ଥିବା ଫଟୋ ସ୍ପଷ୍ଟ ହେଉନଥିବା ଓ ଚାଲାଣ ଦୀର୍ଘଦିନର ହୋଇଥିବାରୁ ଗାଡି ମାଲିକ କାନମୁଣ୍ଡା ଆଉଁଷି ଅର୍ଥ ଦାଖଲ କରିବାକୁ ବାଧ ହେଉଛନ୍ତି।

# ଡିଜେ ପାଇଁ ଚାଲିଗଲା ଯାତ୍ରା କଳାକାରଙ୍କ ଜୀବନ !

**ପାରାଦୀପ,୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାତ୍ରା କଳାକାର ଦେବୀ ପ୍ରସାଦ ରଥଙ୍କର ଆଜି ଭୋରରେ ପାରାଦୀପଗଡ ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଛି। ତେବେ କାର୍ତ୍ତିକ ପୂର୍ଣ୍ଣିମା ଶୋଭାଯାତ୍ରା ବେଳେ ଡିଜେର ବିକଟାଳ ଶବ୍ଦ ଯୋଗୁ ତାଙ୍କର ହୃଦଘାତ ହୋଇ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ତାଙ୍କ ପୁଅ ସମ୍ବିତ ରଥ।

ସେ କହିଛନ୍ତି, ବାପାଙ୍କର ଶ୍ୱାସରୋଗରେ ପୀଡିତ ଥିଲେ। ଗତ ଦେଢ଼ ମାସ ହେଲାଣି ତାହା ବହୁତ ବଢ଼ିଯାଇଥିଲା। ଭୁବନେଶ୍ୱର ନେଇ ତାଙ୍କର ଚିକିତ୍ସା କରାଯାଇଥିଲା। ତାଙ୍କର ହାର୍ଟବିଟ୍ ଦୁର୍ବଳ ହୋଇଯାଇଥିଲା। କାଲି ତାଙ୍କୁ ଅଧିକ ଖରାପ ଲାଗିଥିଲା। ତେଣୁ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଯାଇଥିଲା। କିନ୍ତୁ ମୁଁ ଭାବୁଛି, ଗତକାଲି ଆମ ଛକ ଉପରେ



ତିନିଟି ଡିଜେ ବାଜିଥିଲା। ତା' ଶବ୍ଦରେ ଆମ ଝରକା ବି ହଲିଯାଇଥିଲା। ତେଣୁ ଜଣେ ବ୍ୟକ୍ତି ଯାହାଙ୍କ ହାର୍ଟ ଦୁର୍ବଳ ଅଛି, ସେ କେତେ ସମୟ ବଞ୍ଚିପାରିବ। ଆମେ ଭାବୁଛୁ ସେହି ଡିଜେ ଶବ୍ଦ ଯୋଗୁ ବାପାଙ୍କର ହୃଦ୍‌ଘାତ ହୋଇଗଲା। ତିନିଟି ଡିଜେ ଏକସଙ୍ଗରେ ବାଜୁଥିଲା। ସମସ୍ତଙ୍କୁ କହିଲି। କେହି ଶୁଣିଲେନି।

ସମ୍ବିତ କହିଛନ୍ତି, ଗତକାଲି ରାତି ୨.୩୦ ପର୍ଯ୍ୟନ୍ତ ସେ ଠିକ୍ ଥିଲେ। ଯଦିଓ ଧଇଁସଇଁ ହେଉଥିଲେ ଓ ଇନ୍‌ହେଲର ନେଉଥିଲେ, *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ନଭେମ୍ବର ୨୦୨୫ । ଗୁରୁବାର




## ଭାଲୁ ଆକ୍ରମଣରେ ବାଳିକା ଗୁରୁତର



**ଠାକୁରମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ ଅନ୍ତର୍ଗତ ଭାଲିଆଡାଳ ଗ୍ରାମପଞ୍ଚାୟତ ଜାମୁବଣି ଗ୍ରାମରେ ବୁଧବାର ବିଲ୍‌ରେ ଧାନ ଜଗିଥିବା ଜଣେ ୧୨ ବର୍ଷର ବାଳିକାକୁ ଭାଲୁ ଆକ୍ରମଣ କରି ଗୁରୁତର କରିଦେଇଛି। ଗୁରୁତର ନାବାଳିକା ଜଣକ ସେହି ଗ୍ରାମର ଲକ୍ଷ୍ମଣ ବାଙ୍କିରାଙ୍କ ଝିଅ ପାଙ୍ଗିଲା ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ବିଦ୍ୟାଳୟ ଛୁଟି ଥିବାରୁ ବାପାଙ୍କ ସହିତ ପାଙ୍ଗିଲା ତାଙ୍କ ଧାନ ବିଲକୁ ଯାଇଥିଲା। ବିଲରେ ଧାନ କଟା ଯାଉଥିବାରୁ ପାଙ୍ଗିଲାର ମା ଓ ବାପା ଝିଅ ପାଙ୍ଗିଲା ସହିତ ଅନ୍ୟ କେତେଜଣ ସାଙ୍ଗଙ୍କୁ ବିଲରେ ଜଗାଇ କଟା ଯାଇଥିବା ଧାନ ବିଡ଼ା ଗୁଡିକୁ ଘରକୁ ବୋହୁଥିଲେ। ବାପା ମା ଧାନ ବିଡ଼ା ବୋହି ଘରକୁ ଯାଇଥିବା ବେଳେ ଜଙ୍ଗଲ ଭିତରୁ ୨ଟି ଭାଲୁ ଆସି ଥିବାବେଳେ ସେଥିରୁ ଗୋଟିଏ ଭାଲୁ ପାଙ୍ଗିଲାକୁ ଆକ୍ରମଣ କରିବାରୁ ଅନ୍ୟ ସାଙ୍ଗମାନେ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଯାଇଥିଲେ। ଭାଲୁ ପାଙ୍ଗିଲାକୁ ଆକ୍ରମଣ କରୁଥିବା ଦେଖି ନିକଟରେ ଥିବା ତାଙ୍କ ପୋଷା କୁକୁର ଦୌଡ଼ି ଆସି ଭାଲୁକୁ ଘଉଡ଼ାଇ ଦେଇଥିଲା। ପରେ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଅଟୋ ଯୋଗେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଭାଲୁ ଆକ୍ରମଣରେ ନାବାଳିକାଙ୍କ ଜଙ୍ଘ ଓ ପିଠିରେ ଗଭୀର କ୍ଷତ ହୋଇଛି।

## ଛାତ୍ରୀ ଆତ୍ମହତ୍ୟା ମାମଲା
## ନ୍ୟାୟ ଦାବିରେ ଗ୍ରାମବାସୀଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା

**କଳିଙ୍ଗନଗର: ଏକ୍ସପ୍ରେସ୍ ନ୍ୟୁଜ୍**

ନବମ ଶ୍ରେଣୀର ଛାତ୍ରୀ ସୁହାନୀ ରାୟଙ୍କ ଦୁର୍ଭାଗ୍ୟଜନକ ଆତ୍ମହତ୍ୟା ଘଟଣା ପରେ ପୂରା ଅଞ୍ଚଳ ଶୋକାକୁଳ ହୋଇପଡିଛି। ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟ ଓ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପଙ୍କପାଳ ଗ୍ରାମବାସୀଙ୍କ ତରଫରୁ ବୁଧବାର ସନ୍ଧ୍ୟା ସମୟରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

ଏହି ଶୋଭାଯାତ୍ରା ପଙ୍କପାଳ ଗ୍ରାମର ମହାଦେବ ମନ୍ଦିର ଠାରୁ ଆରମ୍ଭ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ମନ୍ଦିର ଚତ୍ୱରରେ ପ୍ରଥମେ ମୃତ ସୁହାନୀଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା ହୋଇଥିଲା। ପରେ ହଜାର ଦୀପ ଜ୍ୱଳିତ ହୋଇ ସୁହାନୀ ଅମର ରହେ, ନ୍ୟାୟ ଦିଅ ସୁହାନୀକୁ ଧ୍ୱନିରେ ଆକାଶ ମୁହାଁ ଦେଇ ସୋର ଗୁଞ୍ଜରଣ ଉଠିଥିଲା ଗ୍ରାମ। ଶୋଭାଯାତ୍ରାରେ ବୃଦ୍ଧ, ଯୁବ, ଛାତ୍ରଛାତ୍ରୀ, ସୁହାନୀଙ୍କ ସହପାଠୀ, ଅଭିଭାବକ ଓ ସାମାଜିକ ସଂଗଠନ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବୀଣାପାଣି ଉଚ୍ଚ ବିଦ୍ୟାପୀଠର ଅନେକ ଛାତ୍ରଛାତ୍ରୀ ମୋହମବତୀ ହାତରେ ଧରି ତାଙ୍କ ସାଥିର ସ୍ମୃତି ମଧ୍ୟରେ ଅଶ୍ରୁଧାରା ଝରାଇଥିଲେ। ଉଲ୍ଲେଖନୀୟ ଯେ, ଗତ ନଭେମ୍ବର ୧ରେ ସୁହାନୀ ରାୟ (୧୫), ନୀଳମଣି ଦେଇପୁର ଶାସନ ବୀଣାପାଣି ଉଚ୍ଚ ବିଦ୍ୟାପୀଠର ନବମ ଶ୍ରେଣୀ ଛାତ୍ରୀ, ନିଜ ଘରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଘଟଣା ପରେ ଗ୍ରାମରେ ଶୋକର ଛାୟା ପଡ଼ିଥିଲା। ପରିବାର ପକ୍ଷରୁ ଦାବି ହୋଇଛି ଯେ, ସୁହାନୀ ଶିକ୍ଷା ସଂସ୍ଥାନରେ ମନୋବଳ ଭଞ୍ଜନ ହୋଇଥିବା ସମ୍ଭାବନା ରହିଛି, ଯାହା ନିମନ୍ତେ ସେ ଏହି ଚୂଡ଼ାନ୍ତ ପଦକ୍ଷେପ ନେଇଥିଲେ। ଏହି ଘଟଣା ସନ୍ଦର୍ଭରେ ଜାଖପୁର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି ଓ ପୋଷ୍ଟମର୍ଟମ ରିପୋର୍ଟ ଅପେକ୍ଷାରେ ଅଛି। ଗ୍ରାମବାସୀ ଓ ସମାଜସେବୀମାନେ ଏକ ସ୍ୱତନ୍ତ୍ର ନିଷ୍ପତ୍ତି ତଦନ୍ତ ଦାବି କରିଛନ୍ତି ଯାହାଦ୍ୱାରା ସୁହାନୀଙ୍କ ମୃତ୍ୟୁର ପଛରେ ଥିବା ପ୍ରକୃତ କାରଣ ଜଣାପଡ଼ିବ ଓ ଦୋଷୀମାନଙ୍କୁ କଠୋର ଶାସ୍ତି ମିଳୁ ଦାବି କରୁଛନ୍ତି।

## କ୍ୟୁଏସ ଏସିଆ ୟୁନିଭରସିଟି ର୍ୟାଙ୍କିଂ ୨୦୨୬: ଓଡ଼ିଶାର ଶୀର୍ଷରେ କିଟ୍



**ଭୁବନେଶ୍ୱର: ଏକ୍ସପ୍ରେସ୍ ନ୍ୟୁଜ୍**

କ୍ୟୁଏସ ଏସିଆ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂ ୨୦୨୬ ପ୍ରକାଶ ପାଇଥିବାବେଳେ ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନରେ ରହିଛି। ଏହା ସହିତ ସମଗ୍ର ଭାରତରେ କିଟ୍ ବିଶ୍ୱବିଦ୍ୟାଳୟ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବେଳେ ଏସିଆରେ ୨୯୪ ତମ ସ୍ଥାନ ହାସଲ କରି ବହୁଲବ୍ଧ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ସମକକ୍ଷ ହୋଇପାରିଛି। ସମଗ୍ର ଭାରତରେ ଘରୋଇ ବିଶ୍ୱବିଦ୍ୟାଳୟ ମଧ୍ୟରେ କିଟ୍ ସମ୍ମାନଜନକ ସ୍ଥାନରେ ରହିଛି।

ସୂଚନାଯୋଗ୍ୟ, ପ୍ରତିବର୍ଷ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ନେଇ କ୍ୟୁଏସ୍ ପକ୍ଷରୁ ର୍ୟାଙ୍କିଂ ପ୍ରସ୍ତୁତ କରାଯାଇଥାଏ। ଚଳିତବର୍ଷ ମଧ୍ୟ କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂ ପ୍ରକାଶ ପାଇଛି। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଘରୋଇ ଓ ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଭାରତରେ ସମ୍ମାନଜନକ ସ୍ଥାନରେ ରହିଛି। ପୂର୍ବ ଭାରତରେ ମଧ୍ୟ କିଟ୍ ସର୍ବୋଚ୍ଚ ସ୍ଥାନ ବଜାୟ ରଖିଛି। ଏହି ସଫଳତା କିଟ୍‌ର ଉତ୍କର୍ଷତାରେ ଉତ୍କର୍ଷତା ପ୍ରତି ଉତ୍ସର୍ଗକୁ ପ୍ରତିପାଦିତ କରୁଛି। କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂ ୨୦୨୬ରେ ବିଶ୍ୱର ୧୫ ଶହରୁ ଅଧିକ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଚଳିତବର୍ଷ ୫୫୫ ନୂତନ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଥିଲେ। ନିକଟରେ ପ୍ରକାଶ ପାଇଥିବା ଟାଇମ୍ସ ହାଇୟର ଏଜୁକେସନ୍ ର୍ୟାଙ୍କିଂରେ ମଧ୍ୟ କିଟ୍ ବିଶ୍ୱର ୫୦୧ କୋହର୍ଟରେ ରହିଥିବା ବେଳେ ସମଗ୍ର ଭାରତରେ ଶ୍ରେଷ୍ଠ ୫ମ ବିଶ୍ୱବିଦ୍ୟାଳୟ ହେବାର ଗୌରବ ଅର୍ଜନ କରିଥିଲେ।

ଏହି ର୍ୟାଙ୍କିଂ ଶୈକ୍ଷିକ ପ୍ରତିଷ୍ଠା, ନିଯୁକ୍ତିଦାତାଙ୍କ ପ୍ରତିଷ୍ଠା, ଅଧ୍ୟାପକ-ଛାତ୍ର ଅନୁପାତ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧ୍ୟାପକଙ୍କ ପ୍ରଶଂସା, ଅନ୍ତର୍ଜାତୀୟ ଫାକଲ୍ଟି, ଅନ୍ତର୍ଜାତୀୟ ଛାତ୍ର, ଅନ୍ତର୍ଜାତୀୟ ଛାତ୍ର ବିବିଧତା, ଅନ୍ତର୍ଜାତୀୟ ଗବେଷଣା ନେଟୱାର୍କ, ନିଯୁକ୍ତି ଫଳାଫଳ ଏବଂ ସ୍ଥାୟିତ୍ୱ ଆଦି ମାନଦଣ୍ଡକୁ ଭିତ୍ତିକରି ଏହି ର୍ୟାଙ୍କିଂ ପ୍ରଦାନ କରାଯାଇଛି।

ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, କ୍ୟୁଏସ୍ ଏସିଆ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂର ଶୈକ୍ଷିକ ଉତ୍କର୍ଷତା କ୍ଷେତ୍ରରେ ନିରନ୍ତର ପ୍ରୟାସର ପ୍ରତିଫଳନ। ନିରବଚ୍ଛିନ୍ନ ଭାବେ ସମସ୍ତ ୱାର୍ଲ୍ଡ ର୍ୟାଙ୍କିଂରେ କିଟ୍ ବିଶ୍ୱବିଦ୍ୟାଳୟ ନିଜର ଉନ୍ନତ ର୍ୟାଙ୍କ ବଜାୟ ରଖି ଓଡ଼ିଶାକୁ ଗୌରବାନ୍ୱିତ କରିଆସିଛି। କିଟ୍ ମାତ୍ର ୨୨ ବର୍ଷର ଏକ କନିଷ୍ଠତମ ବିଶ୍ୱବିଦ୍ୟାଳୟ ହୋଇଥିବା ବେଳେ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂରେ ଭଲ ପ୍ରଦର୍ଶନ କରି ଅନେକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ସହ ସମକକ୍ଷ ହୋଇପାରିଛି। ଏହି ସଫଳତା ପାଇଁ ଶ୍ରୀ ସାମନ୍ତ କିଟ୍‌ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କିଟ୍ ଓ କିସ୍‌ର ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ସଫଳତା ପାଇଁ ପ୍ରତିଷ୍ଠାତା ଶ୍ରୀ ସାମନ୍ତଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି।

## କୋଠିଶାଳ ଯାତ୍ରା ଅବସରରେ ସାମାଜିକ ନାଟକ ପରିବେଷଣ



**ପୁରୁଷୋତ୍ତମପୁର ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ସମା ଗ୍ରାମ ବନ୍ଧସାହି ରେ ଦୀର୍ଘ ଏକ ମାସଧରି ଚାଲି ଥିବା ମା'ମଙ୍ଗଳା କୋଠିଶାଳ ଯାତ୍ରା ଉଦ୍‌ଯାପନୀ ହୋଇଯାଇଛି। ଏହି ଅବସରରେ ଯାତ୍ରା କମିଟି ଓ ଗ୍ରାମବାସୀଙ୍କ ସହଯୋଗରେ ସାମାଜିକ ନାଟକ ଗୁପ୍ତ ସମ୍ପର୍କ ପରିବେଷଣ କରାଯାଇଥିଲା। ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟକକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ତାପସ ବେହେରା, ସ୍ଥାନୀୟ ସମିତି ସଭ୍ୟା ରିଙ୍କି ବେହେରା, ପାଣ୍ଡିଆ ସମିତି ସଭ୍ୟ ସିମାଞ୍ଚଳ ଗୌଡ, ସମାଜସେବୀ ଜଗତ ପଣ୍ଡା, ଗୋବର୍ଦ୍ଧନ ବିଷୋୟୀ, ସିଆରସିସି କୈଳାସ ଚନ୍ଦ୍ର ସ୍ୱାଇଁ, ଜୟ ଚନ୍ଦ୍ର ରାଏ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ବାଲ୍ୟ କୃଷ୍ଣ ପଲାଇ ଓ ଅକ୍ଷୟ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ପୂର୍ବ ପୁରୁଷରୁ ଏହି କୋଠିଶାଳ ଯାତ୍ରା ଗାଁରେ ଅନୁଷ୍ଠିତ ସହ ପୂଜାବିଧି, ପ୍ରସାଦ ସେବନର କାର୍ଯ୍ୟକ୍ରମ ହେଉଛି।

## ପୋଖରୀରେ ବୁଡ଼ି ଯୁବତୀ ମୃତ୍ୟୁ

**ବୁଗୁଡା: ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ରାମଣ୍ଡା ଗ୍ରାମର ଏକ ପୋଖରୀରେ ବୁଡି ଜଣେ ଯୁବତୀ ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତା ଯୁବତୀ ଜଣକ ହେଲେ ରାମଣ୍ଡା ଗାଁର ଭଗବାନ ଡାକୁଆଙ୍କ ଝିଅ ସୁଲତା ଡାକୁଆ (୩୦)। ପ୍ରକାଶ ଯେ, କାର୍ତ୍ତିକ ପୂର୍ଣ୍ଣିମା ସକାଳେ ସୁଲତା ଗାଧୋଇବାକୁ ପୋଖରୀକୁ ଯାଇଥିଲା ବେଳେ ଅସାବଧାନତା ବଶତଃ ସେ ପୋଖରୀରେ ବୁଡି ଯାଇଥିଲେ। ତାଙ୍କୁ ପୋଖରୀରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖବର ପାଇବା ପରେ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିବା ବେଳେ କେସ୍ ନଂ ୨୨/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି।

## ଅଙ୍ଗାରଗଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ: ମନ୍ତ୍ରୀଡାହି ଏଫସି ଚାମ୍ପିଅନ



**ବୈଶିଙ୍ଗା: ଏକ୍ସପ୍ରେସ୍ ନ୍ୟୁଜ୍**

ରାହସ ପୂର୍ଣ୍ଣିମା ଅବସରରେ ବେତନଟୀ ବ୍ଲକ ଅନ୍ତର୍ଗତ ଆମ୍ବଗଡିଆ ଗ୍ରା.ପ.ର ଅଙ୍ଗାରଗଡିଆଠାରେ ଖେରୱାଳ ଆର୍ଶାଲ ସେମଲେଦ୍ କ୍ଲବ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବାଲେଶ୍ୱରର ତାହାରପୁରର ବୋକାକଳା ଟହଲ ଏଫସି ଓ ମୟୂରଭଞ୍ଜର ମନ୍ତ୍ରୀଡାହି ଏଫସି ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଡାହି ଦଳ ୧-୦ ଗୋଲରେ ଚମ୍ପିଆନ ହୋଇଥିଲା ବେଳେ ବୋକାକଳା ଟହଲ ଏଫସି ଉପ ବିଜେତା ହୋଇଥିଲା। ବାସିପିଠାର ସାଗେନ ବ୍ରଦର ଏଫସି ଦଳ ତୃତୀୟ ଓ ନୂଆଗାଁର ନାଗରାଜ ଏଫସି ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଦଘାଟନୀ ଉତ୍ସବରେ ପ୍ରତିରକ୍ଷା ଓ ଗବେଷଣା ସଂସ୍ଥାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ଭୀମଚରଣ ମାଝି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ପୂର୍ବତନ ସରପଞ୍ଚ କାରୁ ମୁର୍ମୁ, ସାହିତ୍ୟିକ ତଥା ଯୁବ ସଂଗଠକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଏବଂ ଶିକ୍ଷକ ଡମ୍ବରୁଧର ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସମାଜସେବୀ ଇଂ ବୃନ୍ଦାବନ ଦାସ ମୁଖ୍ୟଅତିଥି, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ବିଶିଷ୍ଟ ଅତିଥି, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଓ ସ୍ଥାନୀୟ ୱାର୍ଡ ମେମ୍ବର ସୁହାଗୀ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚମ୍ପିଆନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ବୁଦ୍ଧଦେବ ମୁର୍ମୁ, ଅଜୟ ମୁର୍ମୁ, ରବୀନ୍ଦ୍ର ହାଁସଦାଃ ଓ ତିଲକା ହାଁସଦାଃ ରେଫରୀ ଭାବେ ଖେଳ ପରିଚାଳନ କରିଥିଲେ। ବେତନଟୀ ବ୍ଲକର ପୂର୍ବତନ ଅଧ୍ୟକ୍ଷ କାଳୀଚରଣ ସୋରେନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ରାମଚନ୍ଦ୍ର ମାରାଣ୍ଡି, ସଂପାଦକ ବାଇଧର ମାରାଣ୍ଡି, ସୁନାରାମ ମୁର୍ମୁ, ରାଜୁ ବାସ୍କେ, ଖରୱାଲ ବୀର ସୋରେନ, ସୁନାରାମ ମାରାଣ୍ଡି, ମାଧ ମୁର୍ମୁ, ଗଣେଶ ମୁର୍ମୁ, ସମରାୟ ମାରାଣ୍ଡି ଓ ସନୁ ବାସ୍କେ ଖେଳ ଆୟୋଜନରେ ସହଯୋଗ କରିଥିଲେ।

## ପୂର୍ବତନ ଉପାଧକ୍ଷଙ୍କୁ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସମ୍ମାନ

**ବାଙ୍କୀ: ଏକ୍ସପ୍ରେସ୍ ନ୍ୟୁଜ୍**

ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଗ୍ରାମସ୍ଥ ବାବା ଧୂଳିଆଷଣ୍ଡ ପୀଠ ଠାରେ ଧାରାଶ୍ରୀ ରାଧା ଟ୍ରଷ୍ଟ ଭୁବନେଶ୍ୱର ଓ କବିକେଶରୀ ନବକେଶରୀ ଟ୍ରଷ୍ଟ ତରଫରୁ ଆୟୋଜିତ ପୁସ୍ତକ ଉନ୍ମୋଚନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ପ୍ରାବନ୍ଧିକ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କୁ ତାଙ୍କର ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ଜାତି ପ୍ରାଣ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ସହିତ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ପ୍ରାକ୍ତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ସାହିତ୍ୟିକ ପ୍ରଫେସର ଡକ୍ଟର ବୈଷ୍ଣବ ଚରଣ ସାମଲ, ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଗ୍ରାମ ସ୍ୱରାଜ୍ୟର ଅଧକ୍ଷ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ଧାରାଶ୍ରୀ ରାଧାଟ୍ରଷ୍ଟର ଅଧକ୍ଷ ଅମରେନ୍ଦ୍ର ମହାପାତ୍ର, କବିକେଶରୀ ନବକିଶୋର ମହାରଣା ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

## ବାଣିଜ୍ୟ

### ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସମାବର୍ତ୍ତନ ସମାରୋହ



**ହରିଦ୍ୱାର: ଏକ୍ସପ୍ରେସ ନ୍ୟୁଜ୍**

ଭାରତର ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବିଶ୍ୱବିଦ୍ୟାଳୟର ସ୍ନାତକ, ସ୍ନାତକୋତ୍ତର ଏବଂ ଗବେଷଣା ବିଦ୍ୱାନମାନଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ। ରାଷ୍ଟ୍ରପତିଙ୍କଠାରୁ ପଦକ ପାଇଥିବା ଭାଗ୍ୟବାନ ଛାତ୍ରୀମାନଙ୍କ ମଧ୍ୟରେ ସାଧ୍ୱୀ ଦେବପୂଜା ଜୀ, ଦେବେନ୍ଦ୍ର ସିଂହ (ସ୍ୱାମୀ ଇନ୍ଦ୍ରଦେବ), ମାନସୀ (ସାଧ୍ୱୀ ଦେବବାଣୀ), ଅଜୟ କୁମାର (ସ୍ୱାମୀ ଆର୍ଶଦେବ), ରୀତା କୁମାରୀ (ସାଧ୍ୱୀ ଦେବସୁଧା), ଶାଲୁ ଭଟିରିଆ (ସାଧ୍ୱୀ ଦେବଶୀଳା), ଅଂଶିକା, ପ୍ରୀତି ପାଠକ, ପୂର୍ବା ଏବଂ ମୈତ୍ରେୟୀ ଥିଲେ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଏହି ସମାବର୍ତ୍ତନ ଉତ୍ସବରେ ୬୪ ପ୍ରତିଶତ ସ୍ୱର୍ଣ୍ଣ ପଦକ ମହିଳା ଛାତ୍ରୀମାନେ ଗ୍ରହଣ କରିଛନ୍ତି, ଏହା ଅତ୍ୟନ୍ତ ଆନନ୍ଦର ବିଷୟ। ସେ କହିଥିଲେ ଯେ ଏହି ଝିଅମାନେ ଭାରତର ଗର୍ବ ବୃଦ୍ଧି କରୁଛନ୍ତି ଏବଂ ଏକ ବିକଶିତ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେ କହିଥିଲେ ଯେ ଦେଶର ୧.୪ ବିଲିୟନ ଲୋକଙ୍କ ଆକାଂକ୍ଷା ପୂରଣ କରିବାରେ ମହିଳାମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାର ସମୟ ଆସିଛି। ଯଦି ଝିଅମାନେ ପଛରେ ପଡ଼ିଯାଆନ୍ତି, ତେବେ ଏକ ବିକଶିତ ଭାରତର ସ୍ୱପ୍ନ ଅଧୁରା ରହିବ। ସେ କହିଥିଲେ ଯେ ହରିଦ୍ୱାରର ଏହି ପବିତ୍ର କ୍ଷେତ୍ର ଆଧ୍ୟାତ୍ମିକତାର ପ୍ରବେଶ ଦ୍ୱାର ଏବଂ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଭୂମି ଦେବୀ ସରସ୍ୱତୀଙ୍କ ପୂଜାରେ ସଜ୍ଜିତ।

ରାଷ୍ଟ୍ରପତି କହିଛନ୍ତି ଯେ ଯୋଗ, ଆୟୁର୍ବେଦ ଏବଂ ଆଧ୍ୟାତ୍ମିକତା କ୍ଷେତ୍ରରେ ପତଞ୍ଜଳି ଦ୍ୱାରା କରାଯାଇଥିବା କାର୍ଯ୍ୟ ମହର୍ଷି ପତଞ୍ଜଳିଙ୍କ ପରମ୍ପରାକୁ ଆଗକୁ ବଢ଼ାଇବା ପାଇଁ ଏକ ମହାନ ପ୍ରୟାସ। ରାଷ୍ଟ୍ରପତି କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷା ସହିତ ମୂଲ୍ୟବୋଧ, ଆଧ୍ୟାତ୍ମିକତା ସହିତ ବିଜ୍ଞାନ ଏବଂ ଜ୍ଞାନ ସହିତ ଅଭ୍ୟାସର ଏକ ଅଦ୍ଭୁତ ସମନ୍ୱୟ ରହିଛି, ଯାହା 'ବସୁଧୈବ କୁଟୁମ୍ବକମ୍' ଭାବନାକୁ ପ୍ରତିପାଦିତ କରେ। ଏହି ଅବସରରେ, ସେ ଛାତ୍ରଛାତ୍ରୀମାନଙ୍କୁ ତପସ୍ୟା, ସରଳତା ଏବଂ ସମର୍ପଣକୁ ନିଜ ଜୀବନର ମୂଳଦୁଆ କରିବାକୁ ଏବଂ ଭାଗୀରଥିଙ୍କ ପରି ସମାଜ ଏବଂ ରାଷ୍ଟ୍ରର ଉନ୍ନତିରେ ଯୋଗଦାନ ଦେବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ। ସେ କହିଥିଲେ ଯେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ବ୍ୟକ୍ତିଗତ ବିକାଶ ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ପଥ ଗ୍ରହଣ କରିଛି। ରାଷ୍ଟ୍ରପତି ତାଙ୍କ ଅଭିଭାଷଣ ଶେଷ କରି କହିଥିଲେ ଯେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ବିଜ୍ଞାନ ଏବଂ ଆଧ୍ୟାତ୍ମିକତାକୁ ସମନ୍ୱିତ କରି ଆଦର୍ଶ ଜୀବନ ଗଠନରେ ସାହାଯ୍ୟ କରିବେ ଏବଂ ସାରା ବିଶ୍ୱରେ ଯୋଗ, ପ୍ରାଣାୟମ ଏବଂ ଭାରତୀୟ ଜୀବନ ଦର୍ଶନର ପ୍ରସାର କରି ଭାରତକୁ ପୁଣି ଥରେ ବିଶ୍ୱର ନେତା କରିବେ।

ତାଙ୍କ ଅଭିଭାଷଣରେ, ସ୍ୱତନ୍ତ୍ର ଅତିଥି ଏବଂ ଉତ୍ତରାଖଣ୍ଡର ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଗୁରମୀତ ସିଂହ କହିଥିଲେ ଯେ ଯୋଗ ଏବଂ ଆୟୁର୍ବେଦ କ୍ଷେତ୍ରରେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଅବଦାନ ଅଭୂତପୂର୍ବ। ସେ କହିଥିଲେ ଯେ ଯୋଗ ଏବଂ ଆୟୁର୍ବେଦ ମାଧ୍ୟମରେ, ପତଞ୍ଜଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ନୂତନ ବିପ୍ଳବ ଆଣିଛି। ଯୋଗ, ଆୟୁର୍ବେଦ ଏବଂ ଆଧ୍ୟାତ୍ମିକତାର ପ୍ରାଚୀନ ଭାରତୀୟ ଜ୍ଞାନ ପରମ୍ପରାକୁ ଗ୍ରହଣ କରିବାକୁ ଆଜିର ଯୁବପିଢ଼ି ଆଗ୍ରହୀ ଥିବା ଦେଖି ସେ ଖୁସି ପ୍ରକାଶ କରିଥିଲେ। ରାଜ୍ୟପାଳ କହିଥିଲେ ଯେ ଛାତ୍ରମାନେ ସେତେବେଳେ ସଫଳ ବୋଲି ବିବେଚିତ ହେବେ ଯେତେବେଳେ ସେମାନଙ୍କର ଜ୍ଞାନ ଏବଂ ଶିକ୍ଷା ସମାଜର କଲ୍ୟାଣ ପାଇଁ ବ୍ୟବହୃତ ହେବ। ସେ କହିଥିଲେ ଯେ ଭାରତୀୟ ସଂସ୍କୃତି ଏବଂ ପରମ୍ପରା ଆଜି ମଧ୍ୟ ସବୁଠାରୁ ପ୍ରାସଙ୍ଗିକ ଏବଂ ଭବିଷ୍ୟତରେ, ଏହି ଛାତ୍ରମାନେ ଏକ ବିକଶିତ ଭାରତ ଗଠନରେ ଅମୂଲ୍ୟ ଅବଦାନ ଦେବେ।

ଏହି ଅବସରରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ତାଙ୍କ ଭାଷଣରେ କହିଛନ୍ତି ଯେ ପତଞ୍ଜଳି ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ। ସ୍ୱାମୀ ରାମଦେବ ଏବଂ ଆଚାର୍ଯ୍ୟ ବାଳକୃଷ୍ଣଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି ସେ କହିଛନ୍ତି ଯେ ରାଜ୍ୟ ସରକାର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ କରି ଉତ୍ତରାଖଣ୍ଡକୁ ଗବେଷଣା, ନବସୃଜନ ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ପ୍ରତିବଦ୍ଧ। ସେ ବିଶ୍ୱାସ ପ୍ରକାଶ କରିଛନ୍ତି ଯେ ପତଞ୍ଜଳି ବିଶ୍ୱବିଦ୍ୟାଳୟର ଛାତ୍ରମାନେ ମଧ୍ୟ ସର୍ବୋତ୍ତମ ଉତ୍ତରାଖଣ୍ଡ ଗଠନର ଏହି ସଂକଳ୍ପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ।

## ବିଭିନ୍ନ ଦେବଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଜନସମାଗମ

**ନୀଳଗିରି: ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷକ ବାରମାସ ମଧ୍ୟରୁ କାର୍ତ୍ତିକ ମାସକୁ ଧାର୍ମିକମାସ ଭାବେ ପାଳିତ କରିଥାନ୍ତି। ଏହି ସମୟରେ ହବିଶ୍ୟାଳି ଓ ମହିଳାମାନେ ଏକମାସ ଧରି ନୀତିନିୟମ ଅନୁସାରେ ଅତ୍ୟନ୍ତ ନିଷ୍ଠାର ସହିତ ବ୍ରତପାଳନ କରିଥାନ୍ତି। ବୁଧବାର କାର୍ତ୍ତିକପୂର୍ଣ୍ଣିମାରେ ନିଜର ବ୍ରତକୁ ସମ୍ପୂର୍ଣ୍ଣ କରିବା ସହିତ ହବିଶ୍ୟାଳି ଓ ବ୍ରତଧାରୀ ମହିଳା ଓ ପୁରୁଷମାନେ ମହାପ୍ରଭୁ ରାଜରାଜେଶ୍ୱର ବେଶରେ ଦର୍ଶନ କରି କୋଟି ଜନ୍ମର ପୁଣ୍ୟ ଅର୍ଜନ ହୋଇଥାଏ। ଏନେଇ ତୃତୀୟ ଶ୍ରୀକ୍ଷେତ୍ର ବାଲେଶ୍ୱର ଜିଲ୍ଲା ନୀଳଗିରି ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ କରିବା ସହିତ ନୀଳଗିରି ରାଧାକିଶୋର ମନ୍ଦିର, ଦୁର୍ଗାଦେବୀ ମନ୍ଦିର, ମଙ୍ଗଳା ମନ୍ଦିର, ଶ୍ରୀ ଗୁଣ୍ଡିଚା ମନ୍ଦିର ସହିତ ବିଭିନ୍ନ ଶୈବ ପୀଠ ଓ ଶ୍ରୀ ହନୁମାନ ମନ୍ଦିର, ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ମନ୍ଦିରରେ ଭିଡ ପରିଲକ୍ଷିତ ହୋଇଥିବା ବେଳେ ବିଭିନ୍ନ ନଦୀ, ପୋଖରୀ, ଜଳାଶୟ ଓ ଗାଡିଆରେ ହବିଶ୍ୟାଳି ଓ ବ୍ରତାଧାରୀ ମହିଳାମାନେ ଡଙ୍ଗା ଭସାଇବା ସହିତ 'ଆ କା ମା ବୈ ପାନ ଗୁଆ ଥୁଇ ପାନ ଗୁଆ ତୋର ମାସକ ଧରମ ମୋର' ବୋଲି ଗାନ କରିବା ସହିତ ଶଙ୍ଖ ଓ ହୁଳୁହୁଳିରେ ଉକ୍ତ ସ୍ଥାନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେଉଛି। ଏଥିସହିତ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ଶ୍ରୀ ଗୁଣ୍ଡିଚାମନ୍ଦିର ସମ୍ମୁଖରେ କ୍ଷୀରି ଓ ପାଏସ ବଣ୍ଟନ କରାଯାଇଥିବା ବେଳେ ବହୁ ସ୍ଥାନରେ ପ୍ରସାଦ ସେବନର ଆୟୋଜନ କରାଯାଇଛି। ଭିଡ଼କୁ ଦୃଷ୍ଟିରେ ରଖି ନୀଳଗିରି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଦିଲ୍ଲୀର ହାଉଜଖାସ ଜଗନ୍ନାଥ ମନ୍ଦିରରେ ବୋଇତ ବନ୍ଦାଣ ଉତ୍ସବ



**ନୂଆଦିଲ୍ଲୀ : ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ପର୍ବ ଓ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ମନ୍ଦିର ପରିଚାଳନା କମିଟି ଶ୍ରୀ ନୀଳାଚଳ ସେବା ସଂଘ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଦିଲ୍ଲୀ ଏବଂ ଜାତୀୟ ରାଜଧାନୀ କ୍ଷେତ୍ରର ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଜନସାଧାରଣ, ସେମାନଙ୍କର ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ସହିତ ସକାଳୁ ଆସି ସାମିଲ ହୋଇଥିବାର ଦେଖାଯାଇଥିଲା। ପୂର୍ଣ୍ଣିମା ଉପଲକ୍ଷେ ବୋଇତ ବନ୍ଦାଣର ସ୍ଥଳ ମନ୍ଦିର ପାର୍ଶ୍ୱବର୍ତ୍ତୀ ଫୁଆରାର ଚାରିପଟ ଏବଂ ସମ୍ପୂର୍ଣ୍ଣ ମନ୍ଦିର ବେଢ଼ାକୁ ଖୁବ ସୁନ୍ଦର ଭାବେ ସଜାଯାଇଥିଲା। ସମଗ୍ର ପରିବେଶ ଅତ୍ୟନ୍ତ ଭକ୍ତିପୁତ ଓ ବେଶ ଉତ୍ସବ ମୁଖର ହୋଇପଡିଥିବାର ଲକ୍ଷ୍ୟ କରାଯାଇଥିଲ। ବଡ଼ି ଭୋରରୁ ପୂଜାରୀମାନେ ମୁଖ୍ୟ ମନ୍ଦିର ମଧ୍ୟରେ ଚାରିଦିଅଁଙ୍କର ସାମନାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଏହାପରେ ଫୁଆରାର ପୋଖରୀ କୂଳରେ ଭାସମାନ ଥିବା ସୁନ୍ଦର ଓ ସୁସଜ୍ଜିତ ବୋଇତଟିକୁ ପୂଜା କରାଯାଇଥିଲା। ଉପସ୍ଥିତ ମହିଳାମାନେ ବୋଇତର ବନ୍ଦାପନା କାର୍ଯ୍ୟ ସମ୍ପନ୍ନ କରିଥିଲେ।

ସମାରୋହରେ ଦିଲ୍ଲୀ ସରକାରର ମନ୍ତ୍ରୀ ଆଶିଷ ସୁଦ ଓ ତାଙ୍କର ଧର୍ମପତ୍ନୀ ଅନୁ ସୁଦ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଆୟୋଜକ ତଥା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରବିନ୍ଦ୍ର ନାଥ ପ୍ରଧାନଙ୍କର ତତ୍ତ୍ୱାବଧାନରେ ଆଗନ୍ତୁକ ଅତିଥି ଅଭ୍ୟାଗତମାନଙ୍କ ଦ୍ୱାରା ପାରମ୍ପରିକ ଢଙ୍ଗରେ 'ଆ-କା-ମା-ବୈ' ଧ୍ୱନୀ ଉଚ୍ଚାରଣ କରାଯିବା ସହିତ ସୁଶୋଭିତ ବୋଇତଟିର ଯାତ୍ରା ଶୁଭାରମ୍ଭ ହୋଇଥିଲା।


ଉତ୍ସବର ମୁଖ୍ୟ ଆକର୍ଷଣ ଓଡ଼ିଶାରୁ ଆସିଥିବା ବିଶିଷ୍ଟ ଗାୟିକା ଅନିନ୍ଦିତା ଦାସ, ଉଦୀୟମାନ କଣ୍ଠଶିଳ୍ପୀ ଆରାଧନା ପାଣିଗ୍ରାହୀ ଓ ଗୋପୀନାଥ ପାଣିଗ୍ରାହୀଙ୍କର ସୁମଧୁର ଭଜନ ପରିବେଷଣ ଥିଲା। ସୁନାମଧନ୍ୟ ଓଡ଼ିଶୀ ଗୁରୁ ନିତ୍ୟାନନ୍ଦ ଦାସଙ୍କର ଶିଷ୍ୟ ଓ ଶିଷ୍ୟାମାନଙ୍କ ଦ୍ୱାରା ମଞ୍ଚସ୍ଥ ନୃତ୍ୟ ଅଭିନୟ ମଧ୍ୟ ବେଶ ଭାବୋଦ୍ଦୀପକ ଥିଲା ଏବଂ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏଠାରେ ବିଶିଷ୍ଟ ହାସ୍ୟ କଳାକାର ଗୋଲୁଙ୍କର ଅଭିନୟ ଦମଦାର ଥିଲା। କାର୍ଯ୍ୟକ୍ରମକୁ ସ୍ୱର୍ଣ୍ଣପ୍ରଭା ପତି ସୁଚାରୁ ରୂପେ ସଞ୍ଚାଳନା କରିଥିଲେ।

ଏହି ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ତରଫରୁ ସ୍ୱାଦିଷ୍ଟ ହବିଷ ପ୍ରସାଦ ପରଷା ଯାଇଥିଲା। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅବନୀ ସାହୁ, ଗୁରୁ ପ୍ରସାଦ ମିଶ୍ର, ସବିତା ପ୍ରଧାନ, ରୀତା ପାତ୍ର, ସଞ୍ଜୟ ମିଶ୍ର, ବିଷ୍ଣୁ ପ୍ରଧାନ, ଡ଼ଃ ଶକ୍ତି ସୁଧା ସାମନ୍ତରାୟ ଓ ରୁପାଲୀ ଅପରାଜିତା ମହାନ୍ତି ପ୍ରମୁଖ ଅନର୍ଭୂକ୍ତ ଥିଲେ। ସମଗ୍ର ବୋଇତ ବନ୍ଦାଣ ଉତ୍ସବକୁ ସଫଳତାର ସହିତ ଆୟୋଜନ କରିବାରେ ଶ୍ରୀ ନୀଳାଚଳ ସେବାସଂଘର ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନ, ଉପ-ସଭାପତି ରବି ପାଣି, ଗଜେନ୍ଦ୍ର ସାମନ୍ତ, ଯୁଗ୍ମ ସମ୍ପାଦକ ଅଶୋକ ପ୍ରଧାନ, ଅଭୟ ପ୍ରଧାନ, ରଙ୍କନିଧି ସାହୁଏବଂ ସଦସ୍ୟ ଯଥା କ୍ଷୀରୋଦ ପାତ୍ର, ଅଭିରାମ ସୁତାର, ଉପେନ୍ଦ୍ର ବେହେରା, ଅଶୋକ ପ୍ରଧାନ, ଜୀତେନ୍ଦ୍ର ମହାପାତ୍ର, ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ନିଶାନ୍ଧ କୁମାର ଦାସ, ସୁରଜ ନାୟକ, ଅଫିସର ରାଉତ, ଦିଲ୍ଲୀପ କୁମାର ସ୍ୱାଇଁ, ବିଜୟ କୁମାର ସାହୁ, ଅମୁଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିର ମୁଖ୍ୟ ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହପରିଚାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା, ମନ୍ଦିରର ପୂଜକ ଯଥା ସନାତନ ପାଢ଼ୀ ଓ ଦେବବ୍ରତ ମିଶ୍ର ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।

## ଆରପାରିରେ ଯାତ୍ରା ଦୁନିଆର ଭେଟରାନ ଅଭିନେତା ଦେବୀ ରଥ



**ସିନେମାଫିନେମା ଟିଭିଫିଭି**



**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଆରପାରିରେ ଓଡ଼ିଶା ଯାତ୍ରା ଦୁନିଆର ଭେଟରାନ ଅଭିନେତା ଦେବୀ ରଥ। ୭୧ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ମହାନ ଯାତ୍ରା କଳାକାର ଦେବୀ ପ୍ରସାଦ ରଥ। ବୁଧବାର ଭୋର ସାଢେ ୪ଟାରୁ ୫ଟା ମଧ୍ୟରେ ତାଙ୍କର ଦେହାନ୍ତ ହୋଇଥିବା ସୂଚନା ମିଳିଛି। ତାଙ୍କ ବିୟୋଗରେ ଯାତ୍ରା ଜଗତରେ ଶୋକର ଛାୟା ଖେଳିଯାଇଛି।

ଯାତ୍ରା ଜଗତର ବାପା ତଥା ଚରିତ୍ର ଅଭିନେତା ଭାବେ ସେ ବେଶ ପ୍ରଶଂସା ସାଉଁଟିଥିଲେ। ଜଣେ ଉଚ୍ଚକୋଟୀର କଳାକାର ଥିଲେ ସେ। ହିରୋଇନରୁ ହିରୋ, ଆଣ୍ଟି ହିରୋ ସବୁପ୍ରକାର ଚରିତ୍ରରେ କରିଛନ୍ତି ଅଭିନୟ। ୫୦ ବର୍ଷରୁ ଅଧିକ ସମୟ ଧରି ଓଡ଼ିଆ ଯାତ୍ରା ଜଗତରେ ରାଜ କରି ଅଭିନେତା ଭାବରେ ନିଖୁଣ ଅଭିନୟର ଛାପ ଛାଡ଼ି ଯାଇଛନ୍ତି। ଅନେକ ଅପେରା ପାର୍ଟିରେ କାମ କରିଛନ୍ତି। ତାଙ୍କର ଅଭିନୟରେ ଦର୍ଶକ କାନ୍ଦିଛନ୍ତି, ହସିଛନ୍ତି, ଭାବବିହ୍ୱଳ ହୋଇଛନ୍ତି, ପ୍ରେମରେ ପଡିଛନ୍ତି ଆଉ ଭିଜିଛନ୍ତି ଏବଂ ମଜିଛନ୍ତି। ଯାତ୍ରାରେ ଦୀର୍ଘ ୪୯ ବର୍ଷର ଯାତ୍ରାରେ ସେ ସାଉଁଟିଛନ୍ତି ଭିନ୍ନ ଭିନ୍ନ ପରିଚୟ। କିଏ କହେ ତାଙ୍କୁ ମାମା ବା ମାମୁଁ ତ ଆଉ କିଏ କହେ ସେ ଯାତ୍ରା ଗଜତର ବାପା। ତାରାପୁର ଅପେରାରୁ ଆରମ୍ଭ ହୋଇଥିବା ଦେବୀ ରଥଙ୍କ ଯାତ୍ରା କ୍ୟାରିୟର ଯବନିକା ପଡିଥିଲା ପାର୍ବତୀ ଗଣନାଟ୍ୟର ନାଟକ 'ଠକିଦେଲ ବନ୍ଧୁ ଠିକଣା ବେଳେ' ନାଟକରେ।

ସେ ଅଭିନୟ କରିଥିବା ଯାତ୍ରା ନାଟକ ଗୁଡିକ ମଧ୍ୟରେ, ଚାର୍ ଶୋ ବିସ୍, ଗରୀବ କାନ୍ଦେ କାହିଁକି, ମହାଦେବ ବେଢା ବଉଦ ବେଦୀ, ପାଇକ ପୁଅ ଦଳବେହେରା, ପ୍ରେମ ସମାଧିରେ ବିବାହ ବେଦୀ, ମୁଣ୍ଡରେ ଥୋଇଛି ପାଦର ଜୋତା, ପଣତକାନି ଭଳି ଅନେକ ଲୋକପ୍ରିୟ ନାଟକ ଦେବୀ ରଥର ଜ୍ୱଳନ୍ତ ଅଭିନୟର ପ୍ରମାଣ ଦେଇଛି।

# ମଣ୍ଡି ଖୋଲିବାରେ ବିଳମ୍ବ : ବଢ଼ୁଛି ଅଭାବୀ ବିକ୍ରି ଆଶଙ୍କା

**୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ ଜିଲା ରାଜ୍ୟର ଭାତହାଣ୍ଡି । ଏହି ଜିଲାରେ ରାଜ୍ୟରୁ ଅଧିକ ଧାନ ଉତ୍ପାଦନ ପାଇଁ ବରଗଡ଼ ଏପରି ଆଖ୍ୟା ପାଇଛି । ହେଲେ ଜିଲାର ଚାଷ ଏବଂ ଚାଷୀଙ୍କ ସମସ୍ୟା ଏବେ ମଧ୍ୟ ଅସମାହିତ ରହିଛି । ବର୍ତ୍ତମାନ ଜିଲାରେ ଖରିଫ ଧାନ ଅମଳରୁ ଏହା ଆପେ ବାରି ହୋଇପଡୁଛି । ଚାଷୀମାନେ ଧାନ ଅମଳ ଆରମ୍ଭ କଲେଣି । କଟା ଧାନ କ୍ଷେତରେ ପଡ଼ିଥିବା ବେଳେ ଅମଳ ଧାନ ଖଳାରେ ପଡ଼ିଛି । ଏଥିରୁ ଗ୍ରାମାଞ୍ଚଳ ରାସ୍ତା ଘାଟଠାରୁ ଜାତୀୟ ରାଜପଥ ବି ବାଦ୍ ପଡ଼ିନାହିଁ । ବରଗଡ଼-ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥରୁ ଏହା



ପରିଲକ୍ଷିତ ହୋଇଛି । ଏହି ରାଜପଥର କଳାପାଣି, ଅତାବିରା, ସରଣ୍ଡା ଆଦି ସ୍ଥାନରେ ଚାଷୀମାନେ ଅମଳ ଧାନ ଶୁଖାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏ ପର୍ଯ୍ୟନ୍ତ ଜିଲାର ମଣ୍ଡିଗୁଡ଼ିକ ଖୋଲିବା ତ ଦୂରର କଥା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଧ୍ୟ ବସିପାରି ନାହିଁ । ଏହାକୁ ନେଇ ଜିଲାରେ ବର୍ତ୍ତମାନ ନାନା ଚର୍ଚ୍ଚା ଚାଲିଛି । ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ବିଳମ୍ବ ହୋଇଥିବା କେତେକେ କହୁଥିବା ବେଳେ ଜିଲାର ଅନେକ ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବାଦ ପଡ଼ିଥିବାରୁ ପ୍ରସ୍ତୁତି ବୈଠକ ବିଳମ୍ବ ହେଉଥିବା କିଛି ଲୋକ କହୁଛନ୍ତି । କିନ୍ତୁ ବିଗତ ବର୍ଷଗୁଡିକର ଧାନ ସଂଗ୍ରହ ପ୍ରକ୍ରିୟାକୁ ଏବଂ ସାମ୍ପ୍ରତିକ ପରିସ୍ଥିତିକୁ ଅନୁଧାନ କଲେ ନୂଆପଡ଼ା ଉପର୍ନିବାଚନ ପାଇଁ ଖରିଫ ଧାନ ସଂଗ୍ରହ ବୈଠକ ଅଟକି ଯାଇଛି ବୋଲି ସାଧାରଣରେ ଆଲୋଚନା ହୋଉଛି ।

ସରକାରଙ୍କ ବିଗତ ଗାଇଡ୍‌ଲାଇନ ଅନୁଯାୟୀ ରାଜ୍ୟରେ ନଭେମ୍ବର ମାସ ପହିଲାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କ୍ରମରେ ରାଜ୍ୟର ଜିଲାଗୁଡ଼ିକରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ମାସ ଶେଷ ସୁଦ୍ଧା ଜିଲାସ୍ତରୀୟ ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ ବସିଥାଏ । ବୈଠକରେ ଜିଲାର ସମସ୍ତ ଜନପ୍ରତିନିଧି ତଥା ଏମ୍‌ପି, ବିଧାୟକ, ଜିଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ, ସମ୍ପାଦକ, ପ୍ରାଥମିକ କୃଷି ସମବାୟ ସମିତି ଅଧିକାରୀ, ମିଲର୍ସ ଓ ଚାଷୀ ପ୍ରତିନିଧି ଉପସ୍ଥିତ ରହିଥାନ୍ତି । ବୈଠକରେ ଧାନ ସଂଗ୍ରହ ପାଇଁ ନୀତି ନିର୍ଦ୍ଧାରଣ କରାଯାଇଥାଏ । କିନ୍ତୁ ଏବେ ନୂଆପଡ଼ା ଉପନିର୍ବାଚନ ପ୍ରଚାର ଜୋରଦାର ଚାଲିଛି । ଜିଲାର ଏମ୍‌ପି ଏବଂ ବିଧାୟକ ନିଜ ନିଜ ସମର୍ଥିତ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ନୂଆପଡାରେ ଡେରା ପକାଇଛନ୍ତି । ଆସନ୍ତା ୯ ତାରିଖ ସନ୍ଧ୍ୟାରେ ସେଠାରେ ପ୍ରାର୍ଥୀଙ୍କ ପ୍ରଚାର ସରିବ । ଏହି ଦୃଷ୍ଟିରୁ ଏବେ ଧାନ ସଂଗ୍ରହ କମିଟି ବୈଠକ ଡକାଗଲେ ବୈଠକରେ ଏମ୍‌ପି ଓ ବିଧାୟକମାନଙ୍କ ଉପସ୍ଥିତି ସମ୍ଭବ ନୁହେଁ । ଏଭଳି ସ୍ଥିତିରେ ଉପ ନିର୍ବାଚନକୁ ଗୁରୁତ୍ୱ ଦିଆଯାଇ ଧାନ ସଂଗ୍ରହ କମିଟି ବୈଠକକୁ ଜାଣି ଶୁଣି ବିଳମ୍ବିତ କରାଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର- ପ୍ରତିପଦା |
|---|---|
| ୬.୧୧.୨୦୨୫ | ନକ୍ଷତ୍ର- କୃତ୍ତିକା, ମେଷଚନ୍ଦ୍ର |

| | |
|---|---|
| ମେଷ | ନୂତନ ଆୟର ପନ୍ଥା ଖୋଜିବେ । |
| ବୃଷ | ବନ୍ଧୁଙ୍କ ସହ କଳହ ହେବ । |
| ମିଥୁନ | ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| କର୍କଟ | ନୂତନ ବ୍ୟବସାୟ ଆରମ୍ଭ କରିବେ । |
| ସିଂହ | ଶାରୀରିକ ଅସୁସ୍ଥତା ଭୋଗିବେ । |
| କନ୍ୟା | ଅପମାନ ଯୋଗ ରହିଛି । |
| ତୁଳା | ବକେୟା ଅର୍ଥ ଲାଭ ହେବ । |
| ବିଛା | ଦ୍ରବ୍ୟଲାଭ ଯୋଗ ରହିଛି । |
| ଧନୁ | ମାନସିକ ଅସ୍ଥିରତା ବୃଦ୍ଧି ପାଇବ । |
| ମକର | ଅପବାଦ ପାଇବେ । |
| କୁମ୍ଭ | ଦିନଟି ଶାନ୍ତିରେ କଟିବ । |
| ମୀନ | ବ୍ୟବସାୟରେ ଲାଭବାନ ହେବେ । |

## ପ୍ରେମିକାର ବାପାଙ୍କ ବେକ କାଟିଦେଲା ପ୍ରେମିକ

**ଭଦ୍ରକ, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଆରୁହା ପଞ୍ଚାୟତ କୁଞ୍ଜାଗଡିଆ ଗାଁରେ ଯୁବକଙ୍କ ଉନ୍ମତ୍ତ କାଣ୍ଡ । ଏକତରଫା ପ୍ରେମକୁ ବିରୋଧ କରିବାରୁ ପ୍ରେମିକାର ବାପାଙ୍କ ବେକ କାଟିଦେଲା ପ୍ରେମିକ । ଗୁରୁତର ଅବସ୍ଥାରେ ରାଜେନ୍ଦ୍ର ରାଉତଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ମୁତାବକ, ରାଜେନ୍ଦ୍ରଙ୍କ ଝିଅକୁ ବରଣ୍ଡ ପଞ୍ଚାୟତ କେନାଲ ଆଡି ଗ୍ରାମର ଏକ ଯୁବକ ଏକତରଫା ଭଲ ପାଉଥିଲା । ଏପରି ଏକତରଫା ପ୍ରେମକୁ ଝିଅର ବାପା ରାଜେନ୍ଦ୍ର ବିରୋଧ କରୁଥିଲେ । ବୁଧବାର ରାଜେନ୍ଦ୍ରଙ୍କ ଝିଅ ତୁଳାମତୁଳା ବିଦ୍ୟାଳୟକୁ ଟ୍ୟୁସନ ହେବାକୁ ଆସିଥିବା ବେଳେ ରାଜେନ୍ଦ୍ର ଝିଅ ନିକଟକୁ ଆସିଥିଲେ । ଟ୍ୟୁସନ ନିକଟରେ ଝିଅର ପ୍ରେମିକ ଜଗି ବସିଥିବା ବେଳେ ରାଜେନ୍ଦ୍ର ପାଟି କରିଥିଲେ । ହେଲେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ଯୁବକ ପକେଟରୁ ଏକ ଧାରୁଆ ଅସ୍ତ୍ର କାଢି ରାଜେନ୍ଦ୍ରଙ୍କ ବେକ କାଟିଦେଇଥିଲା । ପରେ ସ୍ଥାନୀୟ ଲୋକେ ପହଞ୍ଚିବାରୁ ଯୁବକ ଜଣକ ନିଜର ବାଇକ ଛାଡି ଚମ୍ପଟ ମାରିଥିଲା । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବାଇକ୍‌କୁ ଜବତ କରି ଥାନାକୁ ନେଇଆସିଥିଲା । ଅନ୍ୟପଟେ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ରାଜେନ୍ଦ୍ରଙ୍କୁ ବାସୁଦେବପୁର ଡାକ୍ତରଖାନା ନେଇଆସିଥିଲେ । ସେଠାରେ ରାଜେନ୍ଦ୍ରଙ୍କ ଚିକିତ୍ସା ଚାଲିଛି ।

## ଦୁର୍ଘଟଣାରେ ଯୁବକ ମୃତ

**ଚିକିଟି, ୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଧାନଘରଠାରୁ ପ୍ରାୟ ୧୨ କିମି ଦୂର କେରାଣ୍ଡି ମାଳ ପର୍ବତ ଶିଖରେ ଅବସ୍ଥିତ ମା' ବାଲକୁମାରୀ । ଘାଟିରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି । ମୃତ ଜଣକ ହେଲେ ଶିବ ଶଙ୍କର ସାହୁ (୩୪), ଗୁରୁତର ଆହତ ଦ୍ୱୟ ହେଲେ ସୁରେଶ ଚୌଧୁରୀ (୪୯)ଓ ଡିକେଶ୍ୱର ରେଡ୍ଡୀ (୨୮) । ଉଭୟ ସମସ୍ତେ ଗୋଳନ୍ଥରା ଥାନା ଅନ୍ତର୍ଗତ କଡୁରୁ ନୂଆଗାଁ ବୋଲି ଜଣାପଡ଼ିଛି ।

ସୂଚନାଯୋଗ୍ୟ, ଶିବ ଶଙ୍କର, ଡିକେଶ୍ୱର ଓ ସୁରେଶ ଗୋଟିଏ ସ୍କୁଟିରେ ୩ ଜଣ ମିଶି ମା' ବାଲକୁମାରୀ ପୀଠକୁ ଆଜି ସକାଳେ ଦର୍ଶନ କରିବା ପାଇଁ ଯାଇଥିଲେ । ସେଠାରୁ ଦର୍ଶନ କରି ଫେରୁଥିବା ବେଳେ ଘାଟିରେ ଭାରସାମ୍ୟ ହରାଇ ଏକ ପଥରକୁ ଧକ୍କା ଦେଇ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ । ଯାହାଫଳରେ ଘଟଣାସ୍ଥଳରେ ଶିବଶଙ୍କରଙ୍କ ମୃତ୍ୟୁ ଘଟିଥିଲା । ଡିକେଶ୍ୱର ଓ ସୁରେଶ ଗୁରୁତର ହୋଇଥିଲେଛ କୌଣସି ସୂତ୍ରରୁ ଖବର ପାଇ ଚିକିଟି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଗୁରୁତରମାନଙ୍କୁ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେମାନଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବ୍ରହ୍ମପୁରସ୍ଥିତ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି ।

## ୧୦୮ ଆମ୍ବୁଲାନ୍ସ କୋମାରେ : ପଡ଼ିଛି ରାସ୍ତାକଡ଼ରେ

**ମାଲକାନଗିରି, ୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରୋଗୀଙ୍କ କାମରେ ଲାଗୁନାହିଁ ୧୦୮ ଆମ୍ବୁଲାନ୍ସ, ରାସ୍ତାକଡ଼ରେ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡିଛି ୮ଟି ଆମ୍ବୁଲାନ୍ସ । ମାଲକାନଗିରି ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥ ବିଜାଘାଟି ଓ ମାଲକାନଗିରି କାଲିମେଳା ୩୨୬ ନମ୍ବର ଜାତୀୟ ରାଜପଥ ଏମଭି୨୩ ଗ୍ରାମ ନିକଟରେ ଆମ୍ବୁଲାନ୍ସ ପଡି ରହିଥିବା ଦେଖିବାକୁ ମିଳୁଛି । ଏହି ୧୦୮ ଆମ୍ବୁଲାନ୍ସ ଗୁଡିକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ନରହି ସିଧାସଳଖ ଭୁବନେଶ୍ୱର ହେଡ୍ ଅଫିସ ଅଧୀନରେ ରହିଛି । ସରକାରଙ୍କ ପକ୍ଷରୁ ଠିକ ସମୟରେ ଆମ୍ବୁଲାନ୍ସ ମରାମତି ପାଇଁ ଅର୍ଥ ଆସୁନଥିବାରୁ ଦୀର୍ଘ ଦିନ ଧରି ଅଚଳ



ହୋଇ ରାସ୍ତା କଡ଼ ରେ ପଡିରହୁଛି । କିଛି ଆମ୍ବୁଲାନ୍ସ ଉପରେ ଗଛଲତା ମାଡିଗଲାଣି । ରୋଗୀଙ୍କ ନିକଟରେ ଠିକ ସମୟରେ ଆମ୍ବୁଲାନ୍ସ ପହଁଚି ପାରୁ ନଥିବାରୁ ଗରିବ ରୋଗୀ ଧାରକରଜ କରି ଗାଡ଼ି ଭଡା ନେଇ ଡାକ୍ତରଖାନାକୁ ଆସିଥାନ୍ତି ।

ଏ ସମ୍ପର୍କରେ ଜିଲ୍ଲା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ତଥା ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବ୍ରଜ ବନ୍ଧୁ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଜିଲ୍ଲାର ସାତଟି ବ୍ଲକ ପାଇଁ ୨୦ଟି ୧୦୮ଟି ଆମ୍ବୁଲାନ୍ସ, ୮ଟି ୧୦୨ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଯୋଗାଯାଇଛି । ସେଥି ମଧ୍ୟରୁ ୩ଟି ୧୦୮ ଆମ୍ବୁଲାନ୍ସ ଅଚଳ ଅବସ୍ଥାରେ ଅଛି । ଗତ କିଛି ଦିନ ହେଲା ଆଉ ୫ଟି ୧୦୮ଆମ୍ବୁଲାନ୍ସ ଅଚଳ ହୋଇଥିଲ । ହେଲେ ସେ ଅଚଳ ଆମ୍ବୁଲାନ୍ସ ଗୁଡିକର ମରାମତ କାମ ଆରମ୍ଭ ହୋଇଛି । ଗତ ଦୁଇଦିନ ହେଲା ମରାମତ କାମ ସରିଥିବାରୁ ସେ ଗୁଡିକ ଆଜି ଠାରୁ ଚଳାଚଳ ଆରମ୍ଭ କରିଛି । ଅନ୍ୟ ତିନୋଟି ଆମ୍ବୁଲାନ୍ସ ନଷ୍ଟ ହୋଇଥିବାରୁ ତାହା ମରାମତି ହେବା ସମ୍ଭବ ନୁହଁ, ତେଣୁ ନୂଆ ଆମ୍ବୁଲାନ୍ସ ଯୋଗାଇ ଦେବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ପଠା ଯାଇଛି ବୋଲି ଶ୍ରୀ ଦାଶ ସୂଚନା ଦେଇଛନ୍ତି ।

## ଗାଡ଼ି ଧକ୍କାରେ ନାବାଳକ ମୃତ

**ବିଷମକଟକ, ୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅନ୍ତର୍ଗତ ହାଟମୁନିଗୁଡ଼ା ରାମକ୍ରିଷ୍ଣ ମିଶନ ନିକଟରେ ଏକ ଅଜଣା ଗାଡ଼ି ବାଇକକୁ ଧକ୍କା ଦେବା ଫଳରେ ୫ ବର୍ଷ ନାବାଳକର ମୃତ୍ୟୁ ଘଟିଥିବା ବେଳେ ବାପା ମା' ଗୁରତର ହୋଇଛନ୍ତି । ଗୁରୁତର ବାପା ମା ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମୁନିଗୁଡ଼ା ଥାନା ଅନ୍ତର୍ଗତ ଡାଲିଆକୁଜି ଗ୍ରାମର ଯଦୁ ଶଗଡ଼ିଆ, ସାବିତ୍ରୀ ଶଗଡ଼ିଆ ଓ ତାଙ୍କର ୫ ବର୍ଷର ନାବାଳକ ପୁତ୍ର ତାପସ ଶଗଡ଼ିଆ ବିଷମ କଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଯାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା

## ଖିରିଡା ପଞ୍ଚାୟତରେ ଜନଶୁଣାଣି

**ଶେରଗଡ଼, ୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଗତ ୧୮ ତାରିଖରେ ଆରମ୍ଭ ହୋଇଛି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି । ଏହି କ୍ରମରେ ଆଜି ଶେରଗଡ ବ୍ଲକ ଧନନ୍ତର ପଞ୍ଚାୟତରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଏବିଡ଼ିଓ ସୁଧାଂଶୁ ଶେଖର ତରାଇ, ତହସିଲଦାର ତ୍ରିଦେବ ରଥ,ଶେରଗଡ ଥାନା ଏସ ଆଇ ରାଜା ରଞ୍ଜନ ନାୟକ, ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା,ସିଡିପିଓ ମମତାଞ୍ଜଳି ପଣ୍ଡା, ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ, ବ୍ଲକ ପଞ୍ଚାୟତ ଅଧିକାରୀ ଜି.ରବି କୁମାର, ପୂର୍ବତନ ସରପଞ୍ଚ ଅଜିତ କୁମାର ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପିଣ୍ଟୁ ମହାରଣାଙ୍କ ସହିତ ସ୍ଥାନୀୟ ଜନପ୍ରତିନିଧି ଏବଂ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଆଜିର ଏହି ଜନଶୁଣାଣି ବେଳେ ପଞ୍ଚାୟତରୁ ମୋଟ ୬୮ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ଆବାସ ଲାଗି ୧୮,ସାମାଜିକ ସୁରକ୍ଷା ଭତ୍ତା ୩, ରାସନକାର୍ଡ ସମ୍ବନ୍ଧୀୟ ୨୨, ବିଶ୍ୱକର୍ମା ଯୋଜନା ଲାଗି ୧, ସୁଭଦ୍ରା ସମ୍ବନ୍ଧୀୟ ୩, ଗୋଷ୍ଠୀ ଗତ କାର୍ଯ୍ୟ ଲାଗି ୧୭, ମନରେଗା ୩, ତହସିଲ ସମ୍ବନ୍ଧୀୟ ୧ ଅଭିଯୋଗ ହୋଇଥିଲା । ଖିରିଡା ପଞ୍ଚାୟତରେ ହୋଇଥିବା ଏହି ଜନଶୁଣାଣି ସମୟରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପୋଖରୀରେ ବୁଡ଼ି ଶିଶୁ ପୁତ୍ର ମୃତ

**ବାସୁଦେବପୁର, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାସୁଦେବପୁର ବ୍ଲକ୍ ସାନକୃଷ୍ଣପୁର ପଞ୍ଚାୟତ ଭଞ୍ଜସାହିରେ ଅଘଟଣ । ପୋଖରୀରୁ ଡଙ୍ଗା ବାହାର କରିବାକୁ ଯାଇ ୧୮ ମାସର ଶିଶୁ ପୁତ୍ରର ମୃତ୍ୟୁ ଗାଁର କାଳନ୍ଦୀ ପରିଡାଙ୍କ ପୁଅ ପାଗଳାର ମୃତ୍ୟୁ ହୋଇଛି ।

ବୁଧବାର ସକାଳେ କାଳନ୍ଦୀଙ୍କ ଘର ନିକଟରେ ଥିବା ପୋଖରୀରେ କାର୍ତ୍ତିକ ପୂର୍ଣ୍ଣିମା ଡଙ୍ଗା ଭସାଣ ହୋଇଥିଲା । ଗ୍ରାମବାସୀ ଏବଂ କାଳନ୍ଦୀଙ୍କ ପରିବାର ଲୋକ ମଧ୍ୟ ଡଙ୍ଗା ଭସାଇ ବୋଇତ ବନ୍ଦାଣ କରିଥିଲେ । ଦିନ ୧୧ଟାରେ କାଳନ୍ଦୀ ପରିଡ଼ା ପୁଅ ପାଗଳାଙ୍କୁ ନପାଇ ଏଣେତେଣେ ଖୋଜାଖୋଜି କରିଥିଲେ । ସନ୍ଦେହ ବଢ଼ିବାରୁ ପୋଖରୀ ପାଖକୁ ଯାଇଥିଲେ ଖୋଜିଥିଲେ । ସେଠାରେ ପୁଅକୁ ସଂଜ୍ଞାହୀନ ଅବସ୍ଥାରେ ପାଇଥିଲେ । ପରିବାର ଲୋକ ତୁରନ୍ତ ତାଙ୍କୁ ବାସୁଦେବପୁର ଡାକ୍ତରଖାନା ନେଇଯାଇଥିଲେ । ହେଲେ ସେଠାରେ ଡାକ୍ତର ପାଗଳାକୁ ମୃତ ଘୋଷଣା କରିଛନ୍ତ ।

## ଏସ୍‌ବିଆଇରୁ ଅଳଙ୍କାର ଓ ଲକ୍ଷାଧିକ ଟଙ୍କା ଆତ୍ମସାତ

**ଖୋର୍ଦ୍ଧା, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲୁଗାଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ଉକ୍ତ ବ୍ୟାଙ୍କର ଜନୈକ କର୍ମଚାରୀ ବନ୍ଧକ ରଖାଯାଇଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ଟଙ୍କା ଆତ୍ମସାତ କରିଥିବା ନେଇ ବାଲୁଗାଁ ଥାନାରେ ଅଭିଯୋଗ ହୋଇଛି । ଚଳିତ ଅଗଷ୍ଟ ୫ରେ ବାଲୁଗାଁ ଏସ୍‌ବିଆଇ ଶାଖା ମୁଖ୍ୟ ପ୍ରବନ୍ଧକ ସୁଶାନ୍ତ କୁମାର ସେଠି ବାଲୁଗାଁ ଥାନାରେ ଦେଇଥିବା ଅଭିଯୋଗ ମୁତାବକ ଉକ୍ତ ବ୍ୟାଙ୍କରେ କାର୍ଯ୍ୟରତ ଥିବା ତତ୍କାଳୀନ ବରିଷ୍ଠ ସହାୟକ ଜିତେନ୍ଦ୍ର କୁମାର ବିଶ୍ୱାଳ ଅନ୍‌ଲାଇନ ଟ୍ରେଡିଂରେ ବ୍ୟାପକ କ୍ଷତି ସହିବା ପରେ ଏହାର ଭରଣା ପାଇଁ ବାଲୁଗାଁ ଏସ୍‌ବିଆଇରେ ଗ୍ରାହକଙ୍କ ବନ୍ଧକ ଥିବା ୧୨ ପ୍ୟାକେଟ୍ ସୁନା ଅଳଙ୍କାର ଆଣି ବାଲୁଗାଁରେ ଥିବା ଏକାଧିକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ବନ୍ଧା ରଖି ଟଙ୍କା ଆତ୍ମସାତ କରିଥିଲେ । ଅନୁରୂପ ଭାବେ ଏସ୍‌ବିଆଇ ଏଟିଏମରେ ଭର୍ତ୍ତି ପାଇଁ ଆସିଥିବା ୬ ଲକ୍ଷ ୨୭ ହଜାର ଟଙ୍କା ଏବଂ ବ୍ୟାଙ୍କରୁ ୭୫ ହଜାର ନଗଦ ଟଙ୍କା ମଧ୍ୟ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି । ସୁନା ଅଳଙ୍କାର ମୂଲ୍ୟ ଓ ନଗଦ ଅର୍ଥ ମିଶାଇ ସମୁଦାୟ ୭୬ ଲକ୍ଷ ୯୮ ହଜାର ଟଙ୍କା ସେ ଆତ୍ମସାତ କରିଥିବା ଥାନାରେ ଅଭିଯୋଗ ହୋଇଛି । ବାଲୁଗାଁ ପୁଲିସ ଏ ନେଇ କେସ୍ ନମ୍ବର ୨୩୫/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରିରଖିଛି । ତେବେ ବାଲୁଗାଁ ଶାଖା ମୁଖ୍ୟ ପ୍ରବନ୍ଧକ ଶ୍ରୀ ସେଠୀ କହିଛନ୍ତି, ଗ୍ରାହକଙ୍କୁ ସେମାନଙ୍କ କ୍ଷତିପୂରଣ ନିଶ୍ଚିତ ମିଳିବ ।

## ସ୍ତ୍ରୀ, ଶାଶୁ-ଶ୍ୱଶୁରଙ୍କୁ ହାଣିଲା ଜ୍ୱାଇଁ

**ବାଙ୍କୀ, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲା ବାଙ୍କୀ ଶିଶୁଆ ଗାଁରେ ଜ୍ୱାଇଁର ଉନ୍ମତକାଣ୍ଡ । ସ୍ତ୍ରୀ ସହ ଶାଶୁ ଓ ଶ୍ୱଶୁରଙ୍କୁ କଟୁରୀରେ ହାଣିଲା ଜ୍ୱାଇଁ । ସ୍ତ୍ରୀକୁ ସାଙ୍ଗରେ ନେବାକୁ ବାଧ କରିଥିଲା ଜ୍ୱାଇଁ । ଏହି ସମୟରେ ସ୍ତ୍ରୀ ଅରାଜି ହୋଇଥିଲେ ଏବଂ ଶାଶୁ ଓ ଶ୍ୱଶୁର ବିରୋଧ କରିବାରୁ ସମସ୍ତଙ୍କୁ ଆକ୍ରମଣ କରିଥିଲା ଜ୍ୱାଇଁ । ତିନି ଜଣଙ୍କୁ କଟୁରୀରେ ହାଣି ଆକ୍ରମଣ କରିଥିଲା । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସମସ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି । ସଙ୍କଟାପନ୍ନ ଅବସ୍ଥାରେ ସ୍ତ୍ରୀଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି ।

## ଠାକୁରମୁଣ୍ଡା ବ୍ଲକରେ ୩ଟି ନୂଆ ଗ୍ରାମପଞ୍ଚାୟତ ପ୍ରସ୍ତାବ

**ଠାକୁରମୁଣ୍ଡା, ୫।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଆଉ ୩ଟି ନୂତନ ଗ୍ରାମ ପଞ୍ଚାୟତ ଗଠନ କରାଯିବାକୁ ପ୍ରସ୍ତାବ ଦିଆଯାଇଛି । ତାଲିକାରେ ରୁଗୁଡିବେଡା, ପତ୍ରପୋଡା, ମିଟୁଆଣି ଗ୍ରାମପଞ୍ଚାୟତ ର ନାମ ରହିଛି । ଠାକୁରମୁଣ୍ଡା ବ୍ଲକରେ ପୂର୍ବରୁ ୧୮ଟି ଗ୍ରାମପଞ୍ଚାୟତ ରହିଥିବା ବେଳେ ଏବେ ପ୍ରସ୍ତାବିତ ୩ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟକାରୀ ହେଲେ ବ୍ଲକରେ ମୋଟ ୨୧ଟି ଗ୍ରାମପଞ୍ଚାୟତ ହେବ । ଠାକୁରମୁଣ୍ଡା ଗ୍ରାମପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବରେ ରୁଗୁଡିବେଡା ଗ୍ରାମପଞ୍ଚାୟତ ଗଠନ ନିମନ୍ତେ ପ୍ରସ୍ତାବ ଯାଇଛି । ପ୍ରସ୍ତାବିତ ରୁଗୁଡିବେଡା ଗ୍ରାମ ପଞ୍ଚାୟତ ଅଧୀନରେ ରୁଗୁଡିବେଡା ଗ୍ରାମ ସମେତ ନିପାଣିଆ, ବସନ୍ତପୁର, ଚମକପୁର, ଖେଜୁରିଆ, ବେତଝରୀ, ପଣସଡ଼ିହାକୁ ମିଶାଇ ୮ଟି ଗ୍ରାମକୁ ଏଥିରେ ସାମିଲ କରାଯାଇଛି । ଚମ୍ପାଝର ଗ୍ରାମପଞ୍ଚାୟତ କୁ ବିଭାଜନ କରାଯାଇ ନୂତନ ଭାବରେ ପ୍ରସ୍ତାବିତ ପତ୍ରପୋଡା ଗ୍ରାମପଞ୍ଚାୟତ ଅଧିନ ରେ ପତ୍ରପୋଡ଼ା ଗ୍ରାମପଞ୍ଚାୟତ ଅଧୀନରେ ପତ୍ରପୋଡ଼ା, ଦିଲଗଞ୍ଜ, ଭେଜଡିହା, ଜଡ଼ିପଡା, କୁକୁନ୍ଦ, ଡଙ୍ଗାଡ଼ିହା ଆଦି ୬ଟି ଗ୍ରାମକୁ ସାମିଲ କରାଯାଇଛି । କେଶଡ଼ିହା ଗ୍ରାମପଞ୍ଚାୟତକୁ ବିଭାଜନ କରାଯାଇ ନୂତନ ଭାବରେ ମିଟୁଆଣି ଗ୍ରାମପଞ୍ଚାୟତ ଗଠନ ପ୍ରସ୍ତାବ ରହିଛି । ଏଥିରେ ମିଟୁଆଣି ଓ ବଡବାଲିପୋଷି ଏହି ୨ଟି ଗ୍ରାମକୁ ନେଇ ମିଟୁଆଣି ଗ୍ରାମପଞ୍ଚାୟତ ନିମନ୍ତେ ପ୍ରସ୍ତାବ ରହିଛିଛଏଥି ସହିତ ପୂର୍ବରୁ ଥିବା ଚମ୍ପାଝର ଗ୍ରାମପଞ୍ଚାୟତ ଅଧୀନକୁ ସୀମାନ୍ତ ଜରକ ଗ୍ରାମପଞ୍ଚାୟତ ର ମୂଳାପାଳ ଏବଂ କେଶଡ଼ିହା ଗ୍ରାମପଞ୍ଚାୟତ ଅଧିନ ରେ ଥିବା ଚାନ୍ଦିଖମଣ ଗ୍ରାମ ଦୁଇଟିକୁ ଚମ୍ପାଝର ଗ୍ରାମପଞ୍ଚାୟତରେ ସାମିଲ କରାଯାଇଛି । ଏନେଇ ଠାକୁରମୁଣ୍ଡା ବିଡ଼ିଓଙ୍କ କାର୍ଯ୍ୟାଳୟରୁ ଜିଲ୍ଲା ପଞ୍ଚାୟତ ଅଫିସରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି ।

## ୭ ମାସ ହେଲା ମିଳୁନି କ୍ୟାନସର୍ ଔଷଧ: ଯନ୍ତ୍ରଣାରେ ଛଟପଟ ରୋଗୀ

**ବାଲେଶ୍ୱର, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ଏପ୍ରିଲ ମାସରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କ୍ୟାନସର୍ ରୋଗୀଙ୍କୁ ମିଳୁନି ଜୀବନ ରକ୍ଷାକାରୀ ମାଗଣା ଔଷଧ । ଫଳରେ କର୍କଟ ଆକ୍ରାନ୍ତ ରୋଗୀ ଯନ୍ତ୍ରଣାରେ ଘାଣ୍ଟି ହେଉଛନ୍ତି । କ୍ୟାନସର ରୋଗୀଙ୍କ ପ୍ରତି ଏଭଳି ଅବହେଳାକୁ ନେଇ ଅସନ୍ତୋଷ ଦେଖାଦେଇଛିଛ ଯେଉଁ କର୍କଟ ରୋଗୀମାନେ କେମୋଥେରାପି ନେଉଛନ୍ତି, ସେମାନଙ୍କ ପାଇଁ ରାଜ୍ୟର ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡେ'କେୟାର କେମୋଥେରାପି ୟୁନିଟ୍ (ଡିସିସିୟୁ) ଖୋଲାଯାଇଛି । ଏଠାରେ କେମୋ ପ୍ରଦାନ ସହିତ ଆବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଇଥାଏଛ ବାଲେଶ୍ୱର ଜିଲ୍ଲା ଡିସିସିୟୁକୁ ପ୍ରତି ମାସରେ ୧୦୦ରୁ ଅଧିକ ରୋଗୀ କୋମୋଥେରାପି ନେବାକୁ ଆସିନ୍ତି । ଏହା ବାଦ୍ ପ୍ରତି ମାସରେ ୧୫ରୁ ଅଧିକ ନୂତନ ରୋଗୀ ଚିକିତ୍ସା




ପାଇଁ ଏଠାରେ ପଞ୍ଜୀକୃତ ହେଉଛନ୍ତି ।

କ୍ୟାନ୍ସର ରୋଗର ଔଷଧ ଖୁବ୍ ମହଙ୍ଗା ହୋଇଥିବାରୁ ରାଜ୍ୟ ଔଷଧ ନିଗମ ଜରିଆରେ ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଏହି ଔଷଧ ଯୋଗାଇ ଦିଅନ୍ତି ରାଜ୍ୟ ସରକାର । ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ମଧ୍ୟ କିଛି ଔଷଧ ନିଜ ପାଣ୍ଠିରୁ କିଣିଥା'ନ୍ତି । ତେବେ ରୋଗୀଙ୍କ ସମ୍ପର୍କୀୟଙ୍କ ଅଭିଯୋଗ ମୁତାବକ, ଏଠାରେ ସବୁ ସମୟରେ ଔଷଧ ମିଳୁନାହିଁ । ଫଳରେ ବାଧ ହୋଇ କଟକସ୍ଥିତ ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲରୁ କିମ୍ବା ରାଜ୍ୟ ବାହାରୁ ଔଷଧ ଆଣିବାକୁ ପଡୁଛି । ଏହି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡେ'କେୟାର କେମୋଥେରାପି ୟୁନିଟ୍‌କୁ ବାଲେଶ୍ୱର ଜିଲ୍ଲା ସମେତ ଭଦ୍ରକ, ମୟୂରଭଞ୍ଜ, ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମଧ୍ୟ ରୋଗୀ ଆସୁଛନ୍ତି । ହେଲେ ଏଠାରୁ ଜୀବନ ରକ୍ଷାକାରୀ ଔଷଧ ନପାଇ ନିରାଶ ହୋଇ ଫେରୁଛନ୍ତି ।

ରାଜ୍ୟ ଔଷଧ ଯୋଗାଣ ନିଗମ ବାଲେଶ୍ୱର ହସ୍ପିଟାଲକୁ ଔଷଧ ଦେଉନାହିଁ ନା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ନିଜ ପାଣ୍ଠିରୁ ଔଷଧ କିଣୁନାହାନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ ବେହେରା କହିଛନ୍ତି, କେବଳ କମ୍ ଦାମର ଔଷଧ କିଣିବାକୁ ଆମର ବଜେଟ୍ ରହିଛି । ଅନ୍ୟ ଦାମୀ ଔଷଧଗୁଡ଼ିକ ରାଜ୍ୟ ସରକାରଙ୍କ ଔଷଧ ନିଗମ ଜରିଆରେ କିଣାଯାଇଥାଏ । ଆମେ ଏନେଇ ଅବଗତ କରାଇଛୁ ।

## ଖରିଦା-ଜଗନ୍ନାଥପୁର ରାସ୍ତା ପାର୍ଶ୍ୱ ଉଚ୍ଛେଦ

**ସୋର, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଖରିଦାରୁ ଜଗନ୍ନାଥପୁର ରାସ୍ତାପାର୍ଶ୍ୱରୁ ଜବରଦଖଲକୁ ପ୍ରଶାସନ ତରଫରୁ ଉଚ୍ଛେଦ କରାଯାଇଛି । ଏହି ପୂର୍ତ୍ତ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ ବେଳେ ଦୀର୍ଘଦିନ ଧରି ଜବରଦଖଲ କରି ରଖିଥିବା ଲୋକମାନେ ଏହାକୁ ନ ଛାଡ଼ିବାରୁ ରାସ୍ତାକାମ ବନ୍ଦ ହୋଇ ରହିଥିଲା । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ କ୍ରମେ ଆଜି ପ୍ରାଶାସନ ତରଫରୁ ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ ପୁଲିସ୍ ସହାୟତାରେ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଏହି ଜବରଦଖଲକୁ ଉଚ୍ଛେଦ କରାଯାଇଛି । ଯାହା ଫଳରେ ଏହି ରାସ୍ତା ନିର୍ମାଣ ପାଇଁ ବାଧକ ଦୂର ହୋଇଯାଇଛି ।

## ନାତୁଣୀକୁ ଅନ୍ତସତ୍ତ୍ୱା କଲା ସମ୍ପର୍କୀୟ ଅଜା

**ବୈଶିଙ୍ଗା, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାରମ୍ବାର ଦୁଷ୍କର୍ମ କରି ସମ୍ପର୍କୀୟ ଅଜା ଜନୈକା ନାତୁଣୀକୁ ଅନ୍ତଃସତ୍ତ୍ୱା କରିବା ଘଟଣା ବୈଶିଙ୍ଗା ଥାନା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧିନ ଖଣ୍ଡଦେଉଳା ବରଡିହ ସାହିର ଦୁଦୁରା ସିଂର ପୁଅ କୁଶ ସିଂ (୫୦) ସେହି ଗ୍ରାମର ସମ୍ପର୍କୀୟ ୧୧ ବର୍ଷିୟ ନାତୁଣୀକୁ ମୋବାଇଲରେ ଅଶ୍ଳୀଳ ଫଟୋ ଦେଖାଇ ବାରମ୍ବାର ଦୁଷ୍କର୍ମ କରି ଚାଲିଥିଲା । ୩/୪ ମାସ ପରେ ନାବାଳିକା ଅସୁସ୍ଥ ହେବା କାରଣରୁ ଡାକ୍ତରଙ୍କୁ ଦେଖାଇବା ପରେ ସେ ଗର୍ଭବତୀ ଥିବାର ଜାଣିବାକୁ ପାଇଥିଲେ । ଏନେଇ ଗାଁରେ ବିଚାର ବସିଥିବା ବେଳେ ଅଭିଯୁକ୍ତ କୁଶ ସିଂ ଦୌଡି ପଳାଇବା ସମୟରେ ଖବର ପାଇ ପୂର୍ବରୁ ଜଗିଥିବା ବୈଶିଙ୍ଗା ପୋଲିସ ତାକୁ ବିଲ ମଝିରେ ମାଡିବସି କାବୁ କରିବା ସହିତ ଥାନାକୁ ନେଇ ଆସିଥିଲେ । ଏସଡିପିଓ ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ୭ବର୍ଷ ପରେ ବି ଝଞ୍ଜାବତୀରେ ପୋଲ ନିର୍ମାଣ ଯଥା ପୂର୍ବଂ ତଥା ପରଂ

**କୋରାପୁଟ, ୫।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

୭ବର୍ଷ ହେଲା ଝଞ୍ଜାବତୀ ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟ କେବଳ ପିଲର ଉଠାଇ ଠିକା ସଂସ୍ଥା କାମ ବନ୍ଦ କରି ଦେଇଥିବାରୁ ଦୁର୍ବିସହ ଜୀବନ ବିତାଉଛନ୍ତି ୪ ଗ୍ରାମବାସୀ । ବିକଳ୍ପ ଭାବେ ଆନ୍ଧ୍ର ରାସ୍ତାରେ ୧୫ କିମି ଦୂରରେ ଥିବା ପଞ୍ଚାୟତ ଏବଂ ୩୫ କିମି ଦୂରରେ ଥିବା ବ୍ଲକ କାର୍ଯ୍ୟାଳୟକୁ ଯାଉଛନ୍ତି । ଠିକା ସଂସ୍ଥା ଏନ୍‌ବିସିସି ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ କୌଣସି ସୂଚନା ନଥିବା ବେଳେ ଜିଲ୍ଲା ପ୍ରଶାସନ ମଧ୍ୟ କେଣସି ପଦକ୍ଷେପ ନେଉନି । ଫଳରେ ସୀମାନ୍ତରେ ଜଳବନ୍ଦି ଜୀବନ ବିତାଉଛନ୍ତି ବନ୍ଧୁଗାଁ ବ୍ଲକ୍ କାପୁଲୋଡା ପଞ୍ଚାୟତର ସାନବାଙ୍କିଡି, ଏଗୁ ଭତରାପଲ୍ଲୀ, ଚିକ୍ତିଲୋଭା ଓ ରେବତୀଗୁଡ଼ା ଗ୍ରାମବାସୀ ।

ବନ୍ଧୁଗାଁ ବ୍ଲକର ଏଙ୍ଗାଓ୍ୱାଲସା-ଏଗୁ ଭତରାପଲ୍ଲୀ ଗାଁ ମଧ୍ୟ ଦେଇ ବହି ଯାଇଛି ଝଞ୍ଜାବଦୀ ନଦୀ । ବର୍ଷ ତମାମ ନଦୀରେ ଜଳସ୍ରୋତ ରହୁଥିବାରୁ ୪ଖଣ୍ଡ ଗ୍ରାମର



୨୦୦ରୁ ଉର୍ଦ୍ଧ୍ୱ ଲୋକ ଆନ୍ଧ୍ର ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାତାୟାତ କରିଥାନ୍ତି । ଗ୍ରାମବାସୀଙ୍କ ଦାବି ପରେ ୨୦୧୮ରେ ନଦୀ ଉପରେ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନେଇଥିଲେ ରାଜ୍ୟ ସରକାର । ଗ୍ରାମ୍ୟ ଉନ୍ନୟନ ବିଭାଗ ଟେଣ୍ଡର ଆହ୍ୱାନ କରିବା ପରେ ଏନ୍‌ବିସିସି ଠିକା ସଂସ୍ଥା କାମ ହାତେଇଥିଲା । ହେଲେ ୭ ବର୍ଷ ମଧ୍ୟରେ ଠିକା ସଂସ୍ଥା କେବଳ ପିଲର ଉଠାଇ ଆଉ କିଛି କାମ କରିନି । ପୋଲ ଉଭୟ ପାର୍ଶ୍ୱରେ ଥିବା ଆପ୍ରୋଚ୍ ରୋଡ୍ ମଧ୍ୟ ନିର୍ମାଣ ହୋଇନଥିବାରୁ ପାଣି କମିଲେ ମଧ ଲୋକେ ଯାତାୟାତରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜଳବନ୍ଦି ଜୀବନ ବିତାଉଥିବା ୪ ଖଣ୍ଡ ଗ୍ରାମବାସୀ ପଞ୍ଚାୟତ ଓ ବ୍ଲକ ସଦର ମହକୁମାକୁ ଯିବାକୁ ଆନ୍ଧ୍ରର ସନ୍ଦାଲିଙ୍ଗି ଦେଇ ୧୫ କିମି ଦୂର ଅତିକ୍ରମ କରି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଛନ୍ତି । ସେହିପରି ବ୍ଲକ ସଦର ମହକୁମା ଯିବା ପାଇଁ ୩୫ କିମି ଦୂରତା ଅତିକ୍ରମ କରିବାକୁ ପଡୁଛି ।

ଗର୍ଭବତୀ ଓ ରୋଗୀଙ୍କୁ ବନ୍ଧୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନେବା କଷ୍ଟକର ହୋଇ ପଡୁଛି । ବହୁ ଗର୍ଭବତୀ ଅସୁରକ୍ଷିତ ଭାବେ ଘରେ ହିଁ ପ୍ରସବ କରୁଛନ୍ତି । ଉଚ୍ଚଶିକ୍ଷାର କୌଣସି ସୁବିଧା ନଥିବାରୁ ଅଞ୍ଚଳର ଛାତ୍ରଛାତ୍ରୀ ଆନ୍ଧ୍ରର ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇଛନ୍ତି । ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ଅଞ୍ଚଳବାସୀ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି । ପିଡିଏସ୍ ସାମଗ୍ରୀ ଓ ଭତ୍ତା ଆଣିବାକୁ ହିତାଧିକାରୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ପୋଲ ନିର୍ମାଣ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଇଂ. ରଞ୍ଜିତ ବେହେରାଙ୍କୁ ପଚାରିବାରୁ ପୋଲ ନିର୍ମାଣ ଦାୟିତ୍ୱ ନେଇଥିବା ଏନ୍‌ବିସିସି ଠିକା ସଂସ୍ଥା ବ୍ୟୟ ଅଟକଳ ନେଇ କୌଣସି ତଥ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦେଉନି । ବିଭାଗ ପକ୍ଷରୁ ନଦୀ ଅପରପାର୍ଶ୍ୱ ଏବଂ ଏଙ୍ଗାଓ୍ୱାଲସାରୁ ପିପଲପଦର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଚାଲିଥିବା ଯନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ।

ଆକାଶ ପଥରେ ଭୟ, ରେଳପଥରେ ଭୟ ଆଉ ରହିଲା ସଡ଼କ ପଥ। ଜଳପଥରେ ଗଣପରିବହନ ଆଜିକାଲି ହେଉନାହିଁ । ଏଥିରେ ଅଧିକ ସମୟ ଲାଗେ । ଏବେ ସଡ଼କ ପଥ ମଧ୍ୟ ନିରାପଦ ନୁହେଁ । ଦିନକୁ ଦିନ ଦୁର୍ବିସହ ହୋଇପଡୁଛି ସଡ଼କ ପଥର ଯାତ୍ରା ଟ୍ରାଫିକ୍ ଜାମ୍ ଏବଂ ସଡ଼କର ବିପର୍ଯ୍ୟସ୍ତ ଅବସ୍ଥା ପାଇଁ । ଦେଶର ସବୁ ସଡ଼କର ମାନ ଗାଡ଼ି ଚଳାଇବା ପାଇଁ ଯେ ଉପଯୋଗୀ ଏକଥା କହିବା ଭୁଲ୍ ହେବ । ଜାତୀୟ ରାଜପଥ କାମ ସବୁବେଳେ ଚାଲିଛି । କେଉଁଠି ସଂପ୍ରସାରଣ ତ କେଉଁଠି ଚାଲିଛି ଫ୍ଲାଏ ଓଭର କାମ। ଏହା ପୁଣି ଖୁବ୍ କଚ୍ଛପ ଗତିରେ । ଏଠି କହିବା କଥା ଗମନାଗମନ କିଭଳି ନିରାପଦ ଏବଂ ସୁଖକର ହୋଇପାରିବ ସେ ଦିଗକୁ ସରକାର ଗୁରୁତ୍ୱ ଦେବା ସରକାର ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୬ ନଭେମ୍ବର, ୨୦୨୫ | ଗୁରୁବାର

ଓଡ଼ିଶା ଏକ୍ସପ୍ରେସ୍


## ରେଳ-ସଡ଼କ-ଆକାଶ ସବୁଠି ଭୟ ଆଉ ଭୟ

ଯେତେବେଳେ ବିଜ୍ଞାନ ଏତେ ବିକାଶଲାଭ କରିନଥିଲା କି ବୈଷୟିକ ଜ୍ଞାନକୌଶଳକୁ ମଣିଷ ଏତେ ଭଲ ଭାବରେ କାମରେ ଲଗାଇ ପାରିନଥିଲା ସେତେବେଳେ ମଧ୍ୟ ଏତେ ସଂଖ୍ୟାରେ ରେଳ ଦୁର୍ଘଟଣା ଘଟୁନଥିଲା । କୋଇଲାରେ ଚାଲୁଥିଲା ରେଳ । କିରୋସିନି ଲଣ୍ଠନ ଜଳୁଥିଲା ରେଳ ସିଗନାଲରେ । ସବୁ ମାନବଚାଳିତ ଥିଲା । ଏବେ ସେଥିରେ ଅନେକ ପରିବର୍ତ୍ତନ ଆସିଛି । ସବୁଥିରେ କମ୍ପ୍ୟୁଟରର ସାହାଯ୍ୟ ନିଆଯାଉଛି । ସାମାନ୍ୟ ତ୍ରୁଟି ନହେବା ପାଇଁ ସତର୍କତା ଅବଲମ୍ବନ କରାଯାଉଛି, ତଥାପି ରେଳ ଦୁର୍ଘଟଣା ବଢ଼ିଚାଲିଛି । ଲଣ୍ଠନ ଜମାନାରେ କ'ଣ ଏତେ ଦୁର୍ଘଟଣା ଘଟୁଥିଲା? ଏବେ ଅଧିକାଂଶ ରେଳ ଧାରଣାରେ ରେଳ ଦୁର୍ଘଟଣାକୁ ଏଡ଼େଇବା ପାଇଁ କୁଆଡ଼େ 'କବଚ' ଜ୍ଞାନକୌଶଳକୁ ଆପଣା ଯାଇଛି । ବାଲେଶ୍ୱର ବାହାନଗା ରେଳ ଦୁର୍ଘଟଣା ପରେ ପରେ ରେଳ ବିଭାଗ ଅଧିକ ସତର୍କ ହୋଇଛି ବୋଲି କୁହାଯାଉଥିଲା, କିନ୍ତୁ ତା'ପରେ ମଧ୍ୟ ଅନେକ ରେଳ ଦୁର୍ଘଟଣା ଘଟିଛି ।

ଛତିଶଗଡର ବିଳାସପୁର ଜିଲ୍ଲାରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟା ବେଳେ ଏକ ଯାତ୍ରୀବାହୀ (ମେମୁ) ଓ ମାଲବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୩୦ ଜଣ ଆହତ ହୋଇଛନ୍ତି ।

ବିଳାସପୁର ଓ କାନ୍ତି ସେକ୍ସନ ମଧ୍ୟରେ ଲାଲ ଖାଦାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି । ଯାତ୍ରୀବାହୀ ଟ୍ରେନ୍ (ମେମୁ)ଟି ମାଲବାହୀ ଟ୍ରେନ୍‌କୁ ଏତେ ଜୋରରେ ଧକ୍କା ଦେଇଥିଲା ଯେ ଏହାର ଇଞ୍ଜିନ୍ ଓ ତତ୍‌ସଂଲଗ୍ନ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ିଯାଇ ଅଧା ଆକାଶରେ ଝୁଲି ରହିଛି ।

ଏଇଠି ପ୍ରଶ୍ନ ଉଠିପାରେ ଏତେସବୁ ଜ୍ଞାନକୌଶଳ ଅବଲମ୍ବନ କରିବା ପରେ ମଧ୍ୟ ଗୋଟିଏ ଟ୍ରାକ୍‌ରେ ଦୁଇଟି ରେଳ ଯିବା ସମ୍ଭବ ହେଲା କେମିତି? ଗୋଟିଏ ଟ୍ରାକ୍‌ରେ ଦୁଇଟି ରେଳ ଯିବାକୁ ବିଜ୍ଞାନର ଜ୍ଞାନକୌଶଳ କ'ଣ ଅଟକାଇ ପାରିଲାନି?

ଯେତେ ଉନ୍ନତ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣା ଗଲେ ମଧ୍ୟ ତାକୁ ପରିଚାଳନା କରିଥାଏ ମଣିଷ । ତେଣୁ ସେ ମଣିଷଟି କେତେ ନିଷ୍ଠାର ସହ ତା' ଦାୟିତ୍ୱ ତୁଲାଉଛି ସେଇଟା ହିଁ ଗୁରୁତ୍ୱପୂର୍ଣ୍ଣ । ଆମେ କେତେ ଭଲ ଭାବରେ ବିଜ୍ଞାନକୁ କାମରେ ଲଗାଇ ପାରୁଛେ ତା'ରି ଉପରେ ସବୁ ନିର୍ଭର କରେ । ଆମେ ବୈଷୟିକ ଜ୍ଞାନକୌଶଳକୁ ଦୋଷ ଦେଇପାରିବାନି । ଅବଶ୍ୟ ଏ ଦୁର୍ଘଟଣାରେ ଦୋଷ କାହାର ତାହା ଜଣାଯାଇନାହିଁ ।

ରେଳ ଦୁର୍ଘଟଣା ଭଳି ବିମାନ ଦୁର୍ଘଟଣା ମଧ୍ୟ ବଢ଼ିବଢ଼ି ଚାଲିଛି । ଭୟଙ୍କର ବିମାନ ଦୁର୍ଘଟଣା ମଧ୍ୟ ଘଟୁଛି । ବିମାନ ଯାତ୍ରା କରିବାକୁ ଲୋକେ ଭୟ କଲେଣି । ଯେଉଁମାନଙ୍କ ହାତରେ ସମୟ କମ୍ ସେମାନେ ମଧ୍ୟ ବିମାନ ଯାତ୍ରାକୁ ଛାଡ଼ି ରେଳପଥରେ ଯିବାକୁ ନିରାପଦ ମଣୁଥିଲେ ହେଲେ ରେଳଯାତ୍ରାରେ ମଧ୍ୟ ଭୟ ଦେଖାଦେଲାଣି ।

ଆକାଶ ପଥରେ ଭୟ, ରେଳପଥରେ ଭୟ ଆଉ ରହିଲା ସଡ଼କ ପଥ। ଜଳପଥରେ ଗଣପରିବହନ ଆଜିକାଲି ହେଉନାହିଁ । ଏଥିରେ ଅଧିକ ସମୟ ଲାଗେ । ଏବେ ସଡ଼କ ପଥ ମଧ୍ୟ ନିରାପଦ ନୁହେଁ । ଦିନକୁ ଦିନ ଦୁର୍ବିସହ ହୋଇପଡୁଛି ସଡ଼କ ପଥର ଯାତ୍ରା ଟ୍ରାଫିକ୍ ଜାମ୍ ଏବଂ ସଡ଼କର ବିପର୍ଯ୍ୟସ୍ତ ଅବସ୍ଥା ପାଇଁ । ଦେଶର ସବୁ ସଡ଼କର ମାନ ଗାଡ଼ି ଚଳାଇବା ପାଇଁ ଯେ ଉପଯୋଗୀ ଏକଥା କହିବା ଭୁଲ୍ ହେବ । ଜାତୀୟ ରାଜପଥ କାମ ସବୁବେଳେ ଚାଲିଛି । କେଉଁଠି ସଂପ୍ରସାରଣ ତ କେଉଁଠି ଚାଲିଛି ଫ୍ଲାଏ ଓଭର କାମ। ଏହା ପୁଣି ଖୁବ୍ କଚ୍ଛପ ଗତିରେ । ଏଠି କହିବା କଥା ଗମନାଗମନ କିଭଳି ନିରାପଦ ଏବଂ ସୁଖକର ହୋଇପାରିବ ସେ ଦିଗକୁ ସରକାର ଗୁରୁତ୍ୱ ଦେବା ସରକାର । ଏହା ସର୍ବନିମ୍ନ ଆବଶ୍ୟକତା । ମଙ୍ଗଳ ଏବଂ ଚନ୍ଦ୍ରରେ ପୃଥିବୀରେ ଥାଇ ରିମୋର୍ଟରେ ଯାନ ଚଳାଇବାଠାରୁ ଏହାର ଆବଶ୍ୟକତା ଯେ ମଣିଷମାନଙ୍କ ପାଇଁ ଅଧିକ ଏକଥା ଯେକେହି କହିବେ ।

ଆମ ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଛି ୮୪ତମ ଜାତୀୟ ସଡ଼କ କଂଗ୍ରେସ । ଦେଶ ବିଦେଶରୁ ଅନେକ ଅତିଥି ଆସିଛନ୍ତି, ସେମାନେ ଭୁବନେଶ୍ୱର ଏବଂ ଓଡ଼ିଶାର ବିଭିନ୍ନ ଦର୍ଶନୀୟ ସ୍ଥାନ ନିଶ୍ଚେ ବୁଲିବେ ସଡ଼କ ପଥରେ । ସେମାନେ ଆମ ରାଜ୍ୟର ସଡ଼କର ମାନକୁ ଦେଖି ଖୁସି ହୋଇପାରିବେ ତ??

# ଷଡ଼ଯନ୍ତ୍ରର ଅନ୍ୟନାମ ବୁମେରାଂ !

## ସତ କହିବାକୁ କିଆଁ ଡରିବି

**ଅମ୍ବିକା ପ୍ରସାଦ ଦାସ**

**ଅପରାଧିକ ଷଡ଼ଯନ୍ତ୍ର ଲାଗି ଭାରତୀୟ ନ୍ୟାୟ ସଂହିତାରେ ଦଫା ଅଛି । ସେଥିଲାଗି ଅଭିଯୁକ୍ତଙ୍କୁ ସାଙ୍ଗେସାଙ୍ଗେ ଜାମିନ ମିଳେନାହିଁ । କିନ୍ତୁ ଅନ୍ୟର ପ୍ରତିଷ୍ଠାରେ ଅସହିଷ୍ଣୁ ଏବଂ କାହା ଉପରେ ବ୍ୟକ୍ତିଗତ ଆକ୍ରୋଶ ରଖି ତା' ବିରୋଧରେ ମିଥ୍ୟା ପ୍ରଚାର କରି ଏହା ଜରିଆରେ କାହାରି କ୍ଷତି ପହଞ୍ଚାଇବାକୁ ଉଦ୍ୟମ କଲେ ବେଳେବେଳେ ତାହା ସେହି ଅସହିଷ୍ଣୁକାରୀ ପାଇଁ ବିନାଶକାରୀ ହୋଇଥାଏ । କାହିଁକି ନା ପ୍ରତ୍ୟେକ କ୍ରିୟାର ସମାନ ଓ ବିପରୀତ ପ୍ରତିକ୍ରିୟା ଥାଏ । ଯଦି ଅପରପାର୍ଶ୍ୱରେ ଥିବା ବ୍ୟକ୍ତି ନିରପରାଧ ହୋଇଥାଏ ଓ ତା' ବିରୋଧରେ ଷଡ଼ଯନ୍ତ୍ରର ବ୍ୟୂହ ରଚି ତାକୁ କ୍ଷତି ପହଞ୍ଚାଇବା ପାଇଁ କେହି ଉଦ୍ୟମ କରେ ତେବେ ସେଠି ନ୍ୟାୟସଂହିତା ନୁହେଁ ବରଂ ଭଗବାନଙ୍କ ଦଫା ଲାଗୁ ହୁଏ ।**

ଦିନିଦିନ ତଳେ ଉମାପଦ ଭାଇ ତାଙ୍କ ନିୟମିତ ସ୍ତମ୍ଭରେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ଯନ୍ତ୍ର 'ଷଡ଼ଯନ୍ତ୍ର'ର ସୁନ୍ଦର ବାଖ୍ୟା କରିଛନ୍ତି । ଅନ୍ୟର କ୍ଷତି ପହଞ୍ଚାଇବା ପାଇଁ ଛଅଟି ବିଧିକୁ ଷଡ଼ଯନ୍ତ୍ରକାରୀ ଆପଣେଇଥାଏ । ଜାଳିଦେବା, ମାରିଦେବା, ଓପାଡ଼ି ଫୋପାଡ଼ିଦେବା, ଅନ୍ୟକୁ ସମ୍ମୋହିତ କରିବା, ନିଷ୍କ୍ରିୟ କରିଦେବା ସମ୍ପୂର୍ଣ୍ଣ ବିନାଶ କରିବା ଏହି ୬ଟି ବିଧି ମଧ୍ୟରେ ଅନ୍ତର୍ଭୁକ୍ତ । ପୁରାଣ ପୃଷ୍ଠାରେ ହେଉ କି ସାମାଜିକ କ୍ଷେତ୍ରରେ ହେଉ, ବୃତ୍ତିଗତ କ୍ଷେତ୍ରରେ ଅଥବା ରାଜନୈତିକ ରଣଭୂମିରେ ହେଉ ସବୁଠି ଷଡ଼ଯନ୍ତ୍ରର ରାଜୁତି । ଷଡ଼ଯନ୍ତ୍ର ଜରିଆରେ ସଫଳତା ହାସଲ କରିବା ଏ ଯୁଗରେ ମୂଳମନ୍ତ୍ର ବୋଲି ସେ ତାଙ୍କ ଆଲେଖ୍ୟରେ ବିଶ୍ଳେଷଣ କରିଛନ୍ତି ।

କିନ୍ତୁ ଷଡ଼ଯନ୍ତ୍ର ଏକ ଶକ୍ତିଶାଳୀ ଯନ୍ତ୍ର ହୋଇଥିଲେ ହେଁ ସତ ସାମ୍ନାକୁ ଆସିଲେ ଷଡ଼ଯନ୍ତ୍ରକାରୀର ବିନାଶ ଅବଶ୍ୟମ୍ଭାବୀ । ବିସ୍ତୃତ ସୂଚନା ଦେଇ ଷଡ଼ଯନ୍ତ୍ରକାରୀଙ୍କୁ ସାଧାରଣରେ ନିନ୍ଦିତ କରିବାର ଉଦ୍ଦେଶ୍ୟ ନଥିବାରୁ ମୁଁ ଏଇ ଧରଣର କିଛି ଚରିତ୍ରଙ୍କର ସବିଶେଷ ତଥ୍ୟ ଏଠାରେ ଉଲ୍ଲେଖ କରୁନାହିଁ ।

୧୯୮୭ ମସିହାର ଏକ ଘଟଣା । ଜମିଦାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ମର୍ଯ୍ୟାଦା ସମ୍ପନ୍ନ ଦେବାନୁଷ୍ଠାନର ବିକାଶକୁ ଦୃଷ୍ଟିରେ ରଖି ଏକ ରିପୋର୍ଟ ପ୍ରକାଶ ପାଇଥିଲା ସେତେବେଳର ଏକ ନାମୀ ସମ୍ବାଦପତ୍ରରେ । ଯଦିଓ ତାହା ଥିଲା ଗଣଙ୍କ କଲ୍ୟାଣ ଲାଗି, କିନ୍ତୁ ସେଥିରେ କତିପୟଙ୍କର ସ୍ୱାର୍ଥ ହାନି ହେବାରୁ ସେମାନେ ଷଡ଼ଯନ୍ତ୍ର ରଚିଲେ । ବିକାଶ ପାଇଁ ଆଗଧାଡ଼ିରେ ଥିବା ସେଇ ଯୁବକଙ୍କୁ ଟାର୍ଗେଟ କଲେ ସେମାନେ । ନିକଟସ୍ଥ ଦୁର୍ଗାଦେବୀ ମନ୍ଦିରରେ ଯନ୍ତାଳ ହେଲା । ସେଠିକୁ ସେଇ ଯୁବକଙ୍କୁ ନିମନ୍ତ୍ରଣ କରିବାର ବ୍ୟବସ୍ଥା କଲେ ସେମାନେ । ଉଦ୍ଦେଶ୍ୟ ଥିଲା- ଯନ୍ତାଳକୁ ଆସିଲେ ତାକୁ ସେଇଠି ଯନ୍ତି ଦେଇ ଭଲ କରି ପାନେ ଦେବେ। କିନ୍ତୁ ଯୁବକକୁ ଯନ୍ତିବେ କ'ଣ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟର ପର୍ଦ୍ଦାଫାସ୍ ହେଲା ଷଡ଼ଯନ୍ତ୍ର ସାକାର ରୂପ ନେବା ପୂର୍ବରୁ । ଆପେ ଆପେ ସୁରକ୍ଷାବଳୟ ଷଡ଼ଯନ୍ତ୍ରର ସବୁ ସୂତାକୁ ଖିନ୍‌ଭିନ୍ କରିଦେଲା । ସତ ସାମ୍ନାକୁ ଆସିବାରୁ କତିପୟଙ୍କୁ ନିନ୍ଦିତ ହେବାକୁ ପଡ଼ିଲା ସାଧାରଣରେ ।

ନିକଟରେ ଅନୁରୂପ ଘଟଣା ଘଟିଛି ରାଜଧାନୀର ଏକ ସମ୍ଭ୍ରାନ୍ତ ଅଞ୍ଚଳରେ । ବୃନ୍ଦାବନର ଜଣେ ସାଧୁଙ୍କ ଦ୍ୱାରା ପୂଜା ପାଇଆସୁଥିଲେ ମା' ରାଧାରାଣୀ । ପରବର୍ତ୍ତୀ ସମୟରେ ଅନେକ ବଦାନ୍ୟ ଓ ଧର୍ମପ୍ରାଣ ବ୍ୟକ୍ତିଙ୍କ ଉଦ୍ୟମରେ ସେଠି ଗଢ଼ିଉଠିଲା ଦିବ୍ୟ ମନ୍ଦିର । ମନ୍ଦିର ପରିସରର ବି ପ୍ରଭୂତ ବିକାଶ ହେଲା ଗତ ଦୁଇଦଶନ୍ଧି ମଧ୍ୟରେ । ସରକାରୀ ଜମିରେ ଗଢ଼ିଉଠିଥିବା ସେଇ ମନ୍ଦିରର ସୁରକ୍ଷା, ଦିଅଁଙ୍କ ନୀତିକାନ୍ତିରେ ଶୃଙ୍ଖଳା, ଶ୍ରଦ୍ଧାଳୁଙ୍କ ଲାଗି ସୁବ୍ୟବସ୍ଥିତ ଆୟୋଜନ ସର୍ବୋପରି ଆଧ୍ୟାତ୍ମିକ ପରିବେଶ ବଜାୟ ରଖିବା ଲକ୍ଷ୍ୟରେ ଅନେକେ ଲୋଡ଼ିଲେ ସରକାରୀ ହସ୍ତକ୍ଷେପ ।

ଶେଷରେ ଦେବୋତ୍ତର ବିଭାଗ ମନ୍ଦିରର ଦାୟିତ୍ୱ ନେଇ ଏହାର ଭବିଷ୍ୟତକୁ ସୁନିଶ୍ଚିତ କରିବା ଲାଗି ସକ୍ରିୟ ଉଦ୍ୟମ କଲେ । ଏହା ଯଦିଓ ସମସ୍ତଙ୍କ ପାଇଁ ଥିଲା ଭଲ ଖବର, କିନ୍ତୁ ଏହାଦ୍ୱାରା ବ୍ୟକ୍ତିଗତ ସ୍ୱାର୍ଥହାନି ଆଶଙ୍କାରେ ୨/୩ଜଣ ବ୍ୟକ୍ତି ଭୀଷଣ ବିଚଳିତ ହୋଇପଡ଼ିଲେ । ଅସତ୍ୟର ମାୟାଜାଲରେ ଲୋକଙ୍କୁ ଛନ୍ଦି ଭଲକୁ ଭେଲ ଭାବେ ଅବିହିତ କରିବାକୁ ଷଡ଼ଯନ୍ତ୍ର ରଚିଲେ। ସୁରକ୍ଷିତ ବ୍ୟବସ୍ଥାକୁ ଅସୁରକ୍ଷିତ, ଲୋକଙ୍କ ସାମଗ୍ରିକ ମଙ୍ଗଳକୁ ଅମଙ୍ଗଳ ଦର୍ଶାଇ ଷଡ଼ଯନ୍ତ୍ରକାରୀ (ଯାହାଙ୍କ ସଂଖ୍ୟା ମାତ୍ର ୨/୩ ଜଣରେ ସୀମିତ), ଏପରି ପରିସ୍ଥିତି ସୃଷ୍ଟି କଲେ ଲାଗିଲା ଯେମିତି ଭଲ ଉଦ୍ଦେଶ୍ୟରେ କରାଯାଇଥିବା ଉଦ୍ୟମ ଫସର ଫାଟିଯିବ ଓ ସେମାନଙ୍କ ଅସତ୍ କାରବାରର ଜିତାପଟ ହେବ । କିନ୍ତୁ ଘଟଣା ଘଟିବାର ୨୪ ଘଣ୍ଟା ମଧ୍ୟରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିଲା । ୨୪ ଘଣ୍ଟା ପୂର୍ବରୁ ଷଡ଼ଯନ୍ତ୍ରର କସରତ କରି ମୁରୁକିହସା ଦେଉଥିବା କତିପୟ ଲୋକଙ୍କ ଅସଲ ଚରିତ୍ର ସାମ୍ନାକୁ ଆସିଗଲା । ଲୋକେ ବୁଝିଲେ ଭଲ କ'ଣ, ଭେଲ କ'ଣ? ପରିବର୍ତ୍ତିତ ବ୍ୟବସ୍ଥାରେ ଏହି ପୁରାତନ ମନ୍ଦିରର ଦିଅଁଙ୍କ ନୀତିକାନ୍ତି, ମନ୍ଦିରର ବିକାଶ ଲାଗି ସରକାରୀ ଅନୁଦାନ ମିଳିବାର ବାଟ ଖୋଲିଥିବାରୁ ଲୋକଙ୍କ ଖୁସି କହିଲେ ନସରେ । ତେବେ ଏହି ଉତ୍ତମ ବ୍ୟବସ୍ଥାକୁ ଭୁଲ ରଙ୍ଗ ଦେଇ କେଉଁମାନେ କେଉଁ କାରଣରୁ ଅପପ୍ରଚାର କରୁଥିଲେ ତାହା ଲୋକେ ଭଲଭାବେ ବୁଝିପାରିଲେ ।

ଏହା ହୁଏତ ଏକ ଛୋଟ ଘଟଣା ହୋଇପାରେ । କିନ୍ତୁ ଏଥିରୁ ଗୋଟିଏ ବାର୍ତ୍ତା ସ୍ପଷ୍ଟ ଯେ ସବୁବେଳେ ଷଡ଼ଯନ୍ତ୍ର ଶକ୍ତିଶାଳୀ ଯନ୍ତ୍ର ଭାବେ ତା'ର ଆଧିପତ୍ୟ ଜାହିର କରିପାରେ ନାହିଁ । କାରଣ ସତର ସାମ୍ନାସାମ୍ନି ହେଲେ ଏହାର ସ୍ଥିତି ଅତ୍ୟନ୍ତ ଦୁର୍ବଳ ହୋଇପଡ଼େ ।


ଅପରାଧିକ ଷଡ଼ଯନ୍ତ୍ର ଲାଗି ଭାରତୀୟ ନ୍ୟାୟ ସଂହିତାରେ ଦଫା ଅଛି । ସେଥିଲାଗି ଅଭିଯୁକ୍ତଙ୍କୁ ସାଙ୍ଗେସାଙ୍ଗେ ଜାମିନ ମିଳେନାହିଁ । କିନ୍ତୁ ଅନ୍ୟର ପ୍ରତିଷ୍ଠାରେ ଅସହିଷ୍ଣୁ ଏବଂ କାହା ଉପରେ ବ୍ୟକ୍ତିଗତ ଆକ୍ରୋଶ ରଖି ତା' ବିରୋଧରେ ମିଥ୍ୟା ପ୍ରଚାର କରି ଏହା ଜରିଆରେ କାହାରି କ୍ଷତି ପହଞ୍ଚାଇବାକୁ ଉଦ୍ୟମ କଲେ ବେଳେବେଳେ ତାହା ସେହି ଅସହିଷ୍ଣୁକାରୀ ପାଇଁ ବିନାଶକାରୀ ହୋଇଥାଏ । କାହିଁକି ନା ପ୍ରତ୍ୟେକ କ୍ରିୟାର ସମାନ ଓ ବିପରୀତ ପ୍ରତିକ୍ରିୟା ଥାଏ । ଯଦି ଅପରପାର୍ଶ୍ୱରେ ଥିବା ବ୍ୟକ୍ତି ନିରପରାଧ ହୋଇଥାଏ ଓ ତା' ବିରୋଧରେ ଷଡ଼ଯନ୍ତ୍ରର ବ୍ୟୂହ ରଚି ତାକୁ କ୍ଷତି ପହଞ୍ଚାଇବା ପାଇଁ କେହି ଉଦ୍ୟମ କରେ ତେବେ ସେଠି ନ୍ୟାୟସଂହିତା ନୁହେଁ ବରଂ ଭଗବାନଙ୍କ ଦଫା ଲାଗୁ ହୁଏ । ଯାହାର ପରିଣାମ ସ୍ୱରୂପ ସେଇ ଅଦୃଶ୍ୟ ଶକ୍ତିର ମାଡ଼ ଏତେ ସାଂଘାତିକ ହୁଏ ଯେ ବୁଝିଲା ବେଳକୁ ଅନେକ କିଛି ସରିଯାଇଥାଏ ।

ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବା ପାଇଁ ମଣିଷ ଷଡ଼ଯନ୍ତ୍ର କରେ । ସେଥିଲାଗି ଷଡ଼ବିଧି ସମ୍ପର୍କରେ ଉପରେ ଉଲ୍ଲେଖ କରାଯାଇଛି । କିନ୍ତୁ କେହି କେବେ ବି ନିଜର ହୀନ ଉଦ୍ଦେଶ୍ୟ ଚରିତାର୍ଥ ପାଇଁ କାହାର କ୍ଷତିସାଧନ କରିବାକୁ ଷଡ଼ଯନ୍ତ୍ର ରଚିଲେ ସେଥିରେ ସଫଳତା ମିଳେନି, ବରଂ ବୁମେରାଂ ହୋଇ ଷଡ଼ଯନ୍ତ୍ରକାରୀର ହିଁ ବିନାଶ ଘଟାଇଥାଏ । ଏପରି ମାଳମାଳ ନଜିର ରହିଛି । ଅନୁଭବ ଅନୁଭୂତିରେ ଗତ ତିନି ଦଶନ୍ଧି ଭିତରେ ଏହିପରି ଅନେକ ଘଟଣା ଖୁନ୍ଦି ହୋଇ ରହିଥିଲେ ହେଁ ସେ ସମ୍ପର୍କରେ ସୂଚନା ଦେଲେ ଲେଖା ଢେର୍ ଲମ୍ବିଯିବ । ତାହା ବାରାନ୍ତରେ...

# ଓଡ଼ିଆ ଭାଷା ସାହିତ୍ୟର ସ୍ରଷ୍ଟା ଆଦିକବି ସାରଳା ଦାସ

**ପ୍ରଫେସର ଡା ଅଶୋକ କୁମାର ମହାପାତ୍ର**

ଓଡ଼ିଆ ଭାଷା ସାହିତ୍ୟର ଆଦିକବି ସାରଳା ଦାସ ଜଣେ ଏ ଜାତିର ଚିର ନମସ୍ୟ। ସମାଜରେ ଯେତେବେଳେ ସଂସ୍କୃତ ଭାଷାର ଅଖଣ୍ଡ ପ୍ରତିପତ୍ତି ଥିଲା ସେ ସମୟରେ ସାଧାରଣ ଲୋକଙ୍କ ବୋଧଗମ୍ୟ ହେଲାଭଳି ଲୋକଙ୍କର ତୁଣ୍ଡର ଭାଷାରେ ପୁରୁଣା ଲେଖିବାକୁ ସାହସ ବାନ୍ଧିଥିଲେ । ସମାଜରେ ପଣ୍ଡିତମାନଙ୍କ ରୋଷରେ ଶିକାର ନହେବାକୁ ଝଙ୍କଡ଼ ବାସିନୀ ମା' ଶାରଳା ଠାକୁରାଣୀଙ୍କୁ ଆଗୁସାର କରି ପୁରାଣଗୁଡ଼ିକ ରଚନା କରିଥିଲେ । ସେ ସମୟରେ ରାଜନ୍ୟ ସ୍ୱୀକୃତି ନପାଇଲେ ପୁରାଣଗୁଡ଼ିକ ସମାଜରେ ଆଦୃତ ହୋଇପାରୁ ନଥିଲା । ସାରଳା ଦାସ ସେହି ମୁହୂର୍ତ୍ତକୁ ଅପେକ୍ଷା କରି କପିଳେନ୍ଦ୍ର ଦେବଙ୍କ ସୈନ୍ୟବାହିନୀରେ ଯୋଗ ଦେଇଥିଲେ । ବିଭିନ୍ନ ସ୍ଥାନ ଭ୍ରମଣ କରି ସେଠାକାର କଥାବସ୍ତୁ, ଶବ୍ଦାବଳୀ, ଚାଲିଚଳଣ, ସାମାଜିକ ଧର୍ମ, ସାମାଜିକ ନ୍ୟାୟ, ଢଗଢ଼ମାଳି, ଓଡ଼ିଆ ଘରର ଖାଦ୍ୟପେୟ, ବସନ ଭୂଷଣ ସବୁକୁ ସଂଗ୍ରହ କରି ପୁରାଣ ରଚନା କରିବାକୁ ସମର୍ଥ ହୋଇଥିଲେ । କପିଳେନ୍ଦ୍ର ଦେବଙ୍କ ସୈନ୍ୟବାହିନୀରେ ଯୋଗ ଦେଇଥିବା ସମୟରେ ଉତ୍କଳ ରାଜାଙ୍କ ରାଜାଙ୍କ ନିକଟତର ହୋଇ ପୁରାଣଗୁଡ଼ିକୁ



ରାଜନ୍ୟ ସ୍ୱୀକୃତି ପ୍ରାପ୍ତ କରାଇବାରେ ସାରଳାଦାସଙ୍କର ବୁଦ୍ଧିମତ୍ତାର ପରିଚୟ ମିଳେ ।

ସାରଳାଦାସଙ୍କ ଆବିର୍ଭାବ ସମୟ ପଞ୍ଚଦଶ ଶତାବ୍ଦୀ ଏବଂ ତାଙ୍କର ଜନ୍ମ ସ୍ଥାନ ତେନ୍ତୁଳିପଦା ବୋଲି ବହୁ ଗବେଷକଙ୍କ ମତ। ତାଙ୍କ ରଚନାରେ ତାଙ୍କ ଜନ୍ମ ସ୍ଥାନର ବିବରଣୀର ସମ୍ୟକ ସୂଚନା ମିଳେ ।

ଝଙ୍କଡ଼ ଗ୍ରାମରେ ମୋର ଅଟଇ ବସତି
ମୂର୍ଖଙ୍କ ଗୋଷ୍ଠୀରେ ସଦା ଗଲା ଦିନ ରାତି ।

ସାରଳାଦାସ ପଞ୍ଚଦଶ ଶତାବ୍ଦୀରେ ମହାନ ବିପ୍ଲବୀ ସାଜି ପୁରାଣ ଆଦି ରଚନା କରିଥିଲେ। ମହାଭାରତ, ବିଲଙ୍କା ରାମାୟଣ, ଚଣ୍ଡିପୁରାଣ, ଲକ୍ଷ୍ମୀନାରାୟେଣୀ ବଚନିକା ଭଳି ଦୁର୍ଲ୍ଲଭ ଗ୍ରନ୍ଥକୁ ତାଳପତ୍ର ଓ ଲେଖନୀ ସାହାଯ୍ୟରେ ଲେଖି ଉତ୍କଳର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି । ସାରଳାଦାସଙ୍କ ମହାଭାରତ ଓଡ଼ିଆ ଜନଜୀବନର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । 'ଯାହା ନାହିଁ ଭାରତେ ତାହା ନାହିଁ ଭାରତେ' ଭଳି ଲୋକବାଣୀ ଏବେ ମଧ୍ୟ ଗୁଞ୍ଜରିତ ହେଉଛି । ଲୋକଙ୍କ ପଠନ ସରଳ ବୋଧଗମ୍ୟ ହେବା ଭଳି ଦାଣ୍ଡିବୃତ୍ତିରେ ରଚନା କରିଥିଲେ । ଅଠର ପର୍ବ ବିଶିଷ୍ଟ ମହାଭାରତରେ ଏକଲକ୍ଷ ଚାଳିଶ ହଜାର ପଦ ଲେଖି ସବୁଠାରୁ ଗରିୟାନର ପ୍ରମାଣ ଦେଇଥିଲେ ।

ସାରଳାଦାସ ଉତ୍କଳର ଆଦିକବି ହୋଇଥିବାରୁ ତାଙ୍କର ରଚନାବଳୀ ପରବର୍ତ୍ତୀ କାବ୍ୟକାରଙ୍କ ଦ୍ୱାରା ପ୍ରଭାବିତ ହୋଇଛି । କେବଳ ଓଡ଼ିଶାରେ ନୁହେଁ, ଓଡ଼ିଶା ବାହାରର କାବ୍ୟମୋଦୀମାନେ ବହୁଳ ଭାବରେ ପ୍ରଭାବିତ ହୋଇଛନ୍ତି ।

ସେହି ସାର୍ବଭୌମ୍ୟ ସ୍ରଷ୍ଟା ଯେ ଓଡ଼ିଆ ଭାଷାକୁ ଲୋକ ଜୀବନରେ ପରିଚିତ କରାଇପାରିଛି ସେହି ମହାନ ସାଧକଙ୍କ ଜନ୍ମ ବିଚ୍ଛାମାସ, କୃଷ୍ଣପକ୍ଷ ପ୍ରତିପଦାରେ ଜନ୍ମାମାଟି ତେନ୍ତୁଳିପଦା ପାଳନ କରି ଆସୁଛି ବୋଲି ଜଣାଯାଏ । ଏସବୁ ସତ୍ତ୍ୱେ ଝଙ୍କଡ଼ ବାସିନୀ, ଅଭୟ ପ୍ରଦାୟିନୀ ଦେବୀ ଶରଳାଙ୍କ କୃପାରୁ ତାଙ୍କର କବିତ୍ୱ ସୃଷ୍ଟି ବୋଲି ତାଙ୍କ ରଚନାରେ ବହୁଳ ଭାବରେ ଉଲ୍ଲେଖ କରିଛନ୍ତି । ଏହା କବିଙ୍କର ବିନୟ ବିନୀତ ସ୍ୱଭାବ ଅଟେ।

**ଶ୍ରୀ ଚଣ୍ଡି ଶାରଳା ଦେବୀ**
**ଯାହା କହେ ନିତ୍ୟେ।**
**ମୁହିଁ ତାହା ଲେଖିଯାଏ**
**ଜଗଜ୍ଜନ ହିତେ ।।**

## ପାଠକୀୟ...

### ନାରଦ ସମ୍ମାନର ମର୍ଯ୍ୟଦା ରକ୍ଷା କରାଯାଉ

ମହାଶୟ,

ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତ୍ରିପୁର ଭ୍ରମଣ କରି ସତ୍ୟ ସମ୍ବାଦ ପରିବେଷଣ କରୁଥିବା ଦେବର୍ଷି ନାରଦଙ୍କୁ ସାମ୍ବାଦିକ ଜଗତର 'ଆଦ୍ୟତାରକା' ଭାବେ ବର୍ଣ୍ଣନା କରାଯାଏ । ଏପରିକି ସତ୍ୟ ସମ୍ବାଦ ପରିବେଷଣ କରି ଅସୁର-ଦେବତାଙ୍କ ମଧ୍ୟରେ ଯୁଦ୍ଧ ସୃଷ୍ଟିକାରୀ ନାରଦଙ୍କୁ ଉଭୟେ ସମ୍ମାଦ ଦେଉଥିବା ଯୋଗୁଁ ନିତିନିଷ୍ଠ ସାମ୍ବାଦିକଙ୍କୁ 'ଦେବର୍ଷି ନାରଦ' ସମ୍ମାନରେ ସମ୍ମାନିତ କରାଯାଏ । ଯଦ୍ୱାରା ସାମ୍ବାଦିକମାନେ ନାରଦଙ୍କ ନିରପେକ୍ଷତାର ଗୁଣଗାନ କରି ସତ୍ୟ ସମ୍ବାଦ ପରିବେଷଣ କରନ୍ତି । ମାତ୍ର, ଏବେ ଦେଖାଯାଉଛି ଯେ ସାମ୍ବାଦିକତାର ମୂଳମନ୍ତ୍ର ଜାଣିନଥିବା ଅନେକ ସାମ୍ବାଦିକଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯାଉଛି । ଠିକ୍ ସେହିଭଳି ସାମ୍ବାଦିକତା ଅଳରେ ଅନେକ ସାମ୍ବାଦିକ ଅନ୍ୟର କୁତ୍ସାରଟନା, ବ୍ୟକ୍ତିଗତ ଚରିତ୍ରସଂହାର, ଅର୍ଥ ପାଇଁ ଅଯଥା ଗୁଣଗାନ, ଅନୈତିକ କାର୍ଯ୍ୟରେ ଲିପ୍ତ ସାମ୍ବାଦିକଙ୍କୁ ନାରଦ ସମ୍ମାନରେ ସମ୍ମାନିତ କରାଯାଉଛି । ଫଳରେ ଏହି ସମ୍ମାନର ମାନହାନୀ ହେଉଛି। ଏଣୁ ଏହି ସମ୍ମାନ ଦେବା ପୂର୍ବରୁ ବିଭିନ୍ନ ଦିଗ ଓ କର୍ତ୍ତବ୍ୟ ପରାୟଣତାକୁ ଦୃଷ୍ଟି ଦେଇ ଉପଯୁକ୍ତ ସାମ୍ବାଦିକଙ୍କୁ ସମ୍ମାନୀତ କରାଗଲେ ନାରଦ ସମ୍ମାନର ମର୍ଯ୍ୟାଦା ରକ୍ଷା ହେବ ।

**ବିଷ୍ଣୁ ପ୍ରସାଦ ମହାରଣା,**
ବାଜିଚୌକ, ଢେଙ୍କାନାଳ

# 'ଛାଡ଼ଖାଇ'ରେ ପଶୁହତ୍ୟା

**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

କାର୍ତ୍ତିକ ମାସ ଶେଷରେ ଆଜି ସାରା ରାଜ୍ୟରେ ଛାଡ଼ଖାଇ ପାଳନ କରାଯାଉଛି । ଛାଡ଼ଖାଇ ହେଉଛି ମାସ ସାରା ଆମିଷ ନଖାଇବାର ଅରୁଚିକୁ ଛଡ଼ାଇବା । ଏଥିପାଇଁ କେତେ ନିରୀହ ପଶୁପକ୍ଷୀଙ୍କୁ ହତ୍ୟା କରାଯାଇଥାଏ ଯାହାଫଳରେ ଲକ୍ଷାଧିକ ଛେଳି, କୁକୁଡ଼ା ବଳି ପଡ଼ିଥାନ୍ତି । ଏଠାରେ ପ୍ରଶ୍ନ ଉଠୁଛି, ମାସ ସାରା ଧର୍ମ ଆଚରଣ କରିବା ପରେ ପଶୁପକ୍ଷୀଙ୍କୁ ହତ୍ୟା କରି ଆମେ କେଉଁ ପ୍ରକାରର ଧର୍ମ ପାଳନ କରୁଛେ? ଆମକୁ ସୁହାଇଲା ପରି କାମକୁ ଆମେ ପରମ୍ପରାର ନାମ ଦେଇଛେ । ନିଜ ମନକୁ ଶାନ୍ତି କରିବା ପାଇଁ ବଳିପ୍ରଥାକୁ ମଧ୍ୟ ପ୍ରୋତ୍ସାହନ ଦେଉଛେ । ଈଶ୍ୱରଙ୍କ ନାମ ନେଇ ଦେବୀ ପୀଠରେ ପଶୁବଳି ଦେବାକୁ ପଛଘୁଞ୍ଚା ଦେଉନାହୁଁ । ପ୍ରଶାସନ ବଳିପ୍ରଥା ବନ୍ଦ କରିବା ପାଇଁ ଯେତେ ଉଦ୍ୟମ କଲେ ମଧ୍ୟ ତାହା ସଫଳ ହେଉନାହିଁ । ଆଜିର ଏକବିଂଶ ଶତାବ୍ଦୀରେ ବଳିପ୍ରଥା କେତେ ସମୀଚିନ ତାହା ଆଧୁନିକ ମଣିଷ ବିଚାର କରିବାର କଥା ।

କାର୍ତ୍ତିକ ପୂର୍ଣ୍ଣମୀ ପରଦିନ ଛାଡ଼ଖାଇ ମଧ୍ୟ ପଡ଼େ । ଛାଡ଼ଖାଇ ଓ କାର୍ତ୍ତିକ ପୂର୍ଣ୍ଣମୀ ଓତପ୍ରୋତ ଭାବରେ ଜଡ଼ିତ । କାର୍ତ୍ତିକ ମାସ ସାରା ଯେଉଁମାନେ ହବିଷ ପାଳନ କରିଥାନ୍ତି ସେମାନେ ଛାଡ଼ଖାଇ ପାଳନ କରନ୍ତି । ତେଣୁ ଛାଡ଼ଖାଇ କହିଲେ ଆମିଷ ଭକ୍ଷଣକୁ ହିଁ ବୁଝାଇଥାଏ। କାର୍ତ୍ତିକ ମାସରେ ପ୍ରାୟ ଆମିଷ ଭୋଜନ ହୋଇ ନଥାଏ। ଯେଉଁମାନେ କାର୍ତ୍ତିକ ମାସଯାକ ଆମିଷ ଖାଇ ନଥାନ୍ତି, ସେମାନେ ଛାଡ଼ଖାଇ ଦିନ ଆମିଷ ଖାଇବା ଆରମ୍ଭ କରନ୍ତି। ଛାଡ଼ଖାଇ ଦିନ ପ୍ରାୟତଃ ଭୋଜି ମଧ୍ୟ କରନ୍ତି । ମାଛ, ମାଂସ, କ୍ଷୀର, ପିଠ, ଖଟା ଆଦି ନାନା ପ୍ରକାର ଭୋଜନର ଆୟୋଜନ କରାଯାଏ । କେତେକ ସ୍ଥାନରେ ଝିଅ ଜ୍ୱାଇଁମାନେ ନିମନ୍ତ୍ରଣ ହୋଇ ଘରକୁ ଆସନ୍ତି ।

ପଶୁହତ୍ୟାକୁ ବନ୍ଦ କରିବା ପାଇଁ କେତେ ବେସରକାରୀ ସଂଗଠନ କାମ କରୁଛନ୍ତି । ଜାତୀୟ ସ୍ତରରେ ମେନକା ଗାନ୍ଧୀ ଏଥିପାଇଁ ଅନେକ ପଦକ୍ଷେପ ନେଇଛନ୍ତି । ଆନ୍ତର୍ଜାତିକ ସ୍ତରରେ ପେଟା ଭଳି ସଂସ୍ଥା ପଶୁ କ୍ରୁରତା ବିରୋଧରେ କାର୍ଯ୍ୟ କରୁଛନ୍ତି । ତଥାପି ଆମେ ପଶୁପକ୍ଷୀଙ୍କ ପ୍ରତି ଆମ ମନୋଭାବରେ ପରିବର୍ତ୍ତନ ଆଣିପାରୁନାହୁଁ । ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଆମିଷାଶୀଙ୍କ ଠାରୁ ନିରାମିଷାଷୀ ଦୀର୍ଘ ନିରାମୟ ଜୀବନଯାପନ କରିଥାନ୍ତି । ଆମିଷ ଭକ୍ଷଣ କରୁଥିବା ଲୋକେ ହଠାତ୍ ଉତ୍ତେଜନାର ବଶବର୍ତ୍ତୀ ହୋଇଉଠନ୍ତି । ସେମାନଙ୍କର ରକ୍ତଚାପ ବୃଦ୍ଧି ଘଟେ । କୌଣସି ଅପରାଧରେ ମଦ ଓ ମାଂସ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତଥାପି ଆମିଷ ଅଧିକାଂଶ ଲୋକଙ୍କର ପ୍ରିୟ ଖାଦ୍ୟ । ବିଭିନ୍ନ ବାର ଓ ପର୍ବର ନାମ ନେଇ ଆମେ ପଶୁ ମାଂସ ଭକ୍ଷଣକୁ ଆମର ନିତ୍ୟନୈମିତିକ ଜୀବନରେ ଭର୍ତ୍ତି କରିଦେଇଛୁ ।

ତେବେ ୨୦୨୪ରେ ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ନିରାମିଷାଶୀଙ୍କ ସଂଖ୍ୟା ଅଧିକ । ସିଏନ୍‌ଏନ୍-ଆଇବିଏନ୍ ଓ ହିନ୍ଦୁର ସର୍ବେକ୍ଷଣ ଅନୁଯାୟୀ, ଭାରତରେ ୩୧ ପ୍ରତିଶତ ହେଉଛନ୍ତି ନିରାମିଷାଶୀ । ଜୈନ ସଂପ୍ରଦାୟ ସଂପୂର୍ଣ୍ଣ ନିରାମିଷାଶୀ ହୋଇଥିଲା ବେଳେ ହିନ୍ଦୁଧର୍ମର ବ୍ରାହ୍ମଣ ସଂପ୍ରଦାୟର ୫୫ ପ୍ରତିଶତ ଆମିଷ ଖାଆନ୍ତି ନାହିଁ । ମୁସଲମାନଙ୍କ ମଧ୍ୟରେ ମାତ୍ର ୩ ପ୍ରତିଶତ ଆମିଷକୁ ପସନ୍ଦ କରନ୍ତି ନାହିଁ । ତେବେ ବିଶ୍ୱର ଅନ୍ୟ ଦେଶମାନଙ୍କ ଭଳି ଭାରତରେ ମାଂସ ଭକ୍ଷଣ କମ୍ । ମାତ୍ର ଏହି ଧାରା ଧୀରେ ଧୀରେ କମିବାକୁ ଲାଗିଛି । ୨୦୨୫ ଜୁନରେ ବିଶ୍ୱର ପ୍ରମୁଖ ପତ୍ରିକା 'ଭେଜିଟେରିଆନ୍ସ ନ୍ୟୁଜିଲାଣ୍ଡ' ତରଫରୁ କରାଯାଇଥିବା ସର୍ଭେ ଅନୁଯାୟୀ ଭାରତ ସମୁଦାୟ ଲୋକଙ୍କ ମଧ୍ୟରୁ ଆମିଷ ଖାଉଥିବା ଲୋକଙ୍କ ସଂଖ୍ୟା ୫୦ କୋଟି ।

ଯଦିଓ ଖାଦ୍ୟ ଓ ଖାଦକର ସମ୍ପର୍କ ଚିରଦିନ ରହି ଆସିଛି ହେଲେ ମଣିଷ ତାମସିକ ତଥା ମାଂସାଶୀ ପ୍ରାଣୀ ନୁହେଁ, ତଥାପି ସେ ମାଂସ, ମାଛ, ଖାଏ । ମାଂସ ଖିଆଯିବ କି ନାହିଁ ଏ ବିଷୟରେ ଅନେକ ବିତର୍କ ରହିଆସିଛି। ମାଂସ ଖାଇବା ଠିକ ନୁହେଁ ଏ ବିଷୟରେ ଡକ୍ଟର ଉମେଶ ପାତ୍ରୀ ତାଙ୍କ 'କ'ଣ ଖାଇବା ଘାସ ନା ମାଂସ'ରେ ଅତି ସୁନ୍ଦର ଭାବରେ ସମାଲୋଚନା କରିଅଛନ୍ତି। ଶ୍ରୀ ପତ୍ରୀ ଗୋଟିଏ ସ୍ଥାନରେ କହିଛନ୍ତି 'ଯଦି ଆମେ ମାଛ, ମାଂସ ନଖାଉ ତା'ହେଲେ ପଶୁସଂଖ୍ୟା ମଣିଷଙ୍କ ଠାରୁ ବଢ଼ି ଯିବେ । ଏହା ଯଦି ସତ୍ୟ ତା'ହେଲେ ଚିଲ, ଶାଗୁଣା, କାଉ, ବାଘ, ସିଂହଙ୍କ ସଂଖ୍ୟା କମିଯାଉଛି କାହିଁକି?' ମାଂସ ଖାଇବା ମଧ୍ୟରେ ଜିହ୍ୱା ଲାଳସା ଥିବା ସେ କହିଛନ୍ତି । ଏହି ଦୁର୍ଗୁଣକୁ ସାମାନ୍ୟ ପ୍ରତିହତ କରିବା ସକାଶେ କାର୍ତ୍ତିକ ମାସର ମାହାତ୍ମ୍ୟ ରହିଛି । ସଂଯମ ହେତୁ କାଳେ କାହାର ମାଂସାଶୀ ଭାବ ଦୂର ହୋଇପାରେ ହେଲେ ତା'ପରେ ପରେ ଏହି ଛାଡ଼ଖାଇ ପ୍ରଥା ରଖିବା ଦ୍ୱାରା କାର୍ତ୍ତିକ ମାସରେ ଯେଉଁ ପୁଣ୍ୟମିଳେ ବୋଲି କୁହାଯାଏ ତାହା ବଜାୟ ରହୁଛି କି? ତା'ର ଉଦ୍ଦେଶ୍ୟ ନଷ୍ଟ ହେଉଛି କି ନାହିଁ? ସଂସ୍କାରକ ଶ୍ରୀବତ୍ସ ପଣ୍ଡା ଏହାର ଉତ୍ତରରେ କହନ୍ତି- 'ପୂର୍ଣ୍ଣିମା ବାସି ଛାଡ଼ଖାଇ ଦିନ ମାଛ, ମାଂସ, ପିଆଜ, ରସୁଣ, ମୂଳା, ମରିଚ ଆଦି ଖାଇବା ଦ୍ୱାରା ବ୍ରତ ବିଧାନ, ସ୍ୱାସ୍ଥ୍ୟ ନିୟମ, ତ୍ୟାଗଶୀଳତା, ସଂଯମ ଆଦି ନଷ୍ଟ ହୁଏ । ବ୍ରତାଚାର ଓ ତ୍ୟାଗଧର୍ମର ସଞ୍ଚିତ ଫଳ ନଷ୍ଟ ହେବା ବାହାରେ ଶରୀରର ସ୍ୱାସ୍ଥ୍ୟ ନଷ୍ଟ ହୁଏ ଏବଂ ମନ କଳୁଷିତ ହୁଏ । ଏକାଦଶୀର ପର୍ବ ଓ ପରଦିନର ଅତ୍ୟାଚାର ଓ ଅତିରିକ୍ତ ଆହାର ହେତୁ ଏକାଦଶୀ ବ୍ରତର ଫଳ ଯେପରି ନଷ୍ଟ ହୁଏ, ଛାଡ଼ଖାଇ ହେତୁ କାର୍ତ୍ତିକ ବ୍ରତ ସେହିପରି ନଷ୍ଟ ହୁଏ'। କାର୍ତ୍ତିକ ମାସ ପରେ ମାଛ, ମାଂସ, ଅଣ୍ଡା ଭକ୍ଷଣ କରାଯାଇପାରେ କିନ୍ତୁ କାର୍ତ୍ତିକ ମାସ ସକାଶେ ଛାଡ଼ଖାଇ ପାଳନ କରାଯିବା କେତେ ଦୂର ଠିକ ତାହା ଜାଣି ହୁଏ ନାହିଁ । ଛାଡ଼ଖାଇ ବୋଲି ଏକ ଧରାବନ୍ଧା ନିୟମ ରହିବା ଜାଣି ହୁଏ ନାହିଁ । କାର୍ତ୍ତିକ ବ୍ରତ ସକାଶେ ଲୋକ ଯେତେ ଉଦାସୀନ ରହନ୍ତି, ଛାଡ଼ଖାଇ ବିଧି ପ୍ରତି ଅଧିକ ଅନୁରକ୍ତ ଥିବା ଦେଖାଯାଏ। ତେଣୁ ଶ୍ରୀଯୁକ୍ତ ପତ୍ରୀ ଯୁକ୍ତି ବାଢ଼ି କହନ୍ତି ଯେ, 'ଯେଉଁମାନେ ଭାବି ନେଉଛନ୍ତି ଯେ, ମାଂସ ମଧ୍ୟ ମନୁଷ୍ୟର ଏକ ସ୍ୱାଭାବିକ ଆହାର, ସେମାନେ ଏଥର ଦେଖନ୍ତୁ ମାଂସହାରୀ ପ୍ରାଣୀ ଓ ଶାକାହାରୀ ପ୍ରାଣୀଙ୍କ ମଧ୍ୟରେ ପ୍ରକୃତିଗତ ପ୍ରଭେଦ କେତେ?' ଏହାର ପ୍ରମାଣ ଏହି କାର୍ତ୍ତିକ ମାସରେ ଦିଆଯାଇପାରେ ।

ଭାରତ ମୁଖ୍ୟତଃ ନିରାମିଷାଶୀଙ୍କ ଏକ ଦେଶ ହୋଇଥିଲେ ମଧ୍ୟ ଏହି ଧାରାରେ ପରିବର୍ତ୍ତନ ଘଟୁଛି । ନିରାମିଷାଶୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ଫଳରେ ପଶୁହତ୍ୟା ବଢ଼ିବାରେ ଲାଗିଛି । ଯାହାକି ଉଦ୍‌ବେଗର ବିଷୟ । ବାସ୍ତବ କଥା ହେଉଛି ଛାଡ଼ଖାଇର ଅନ୍ତର୍ନିହିତ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ କଥାକୁ ଭୁଲି ଯାଇ ଜିଭ ଲାଳସାର ଆଗ୍ରହକୁ ପ୍ରାଧାନ୍ୟ ଦେଉଛୁ ।

**'ଛାଡ଼ଖାଇ'ର ତାତ୍ପର୍ଯ୍ୟ**


ଓଡ଼ିଆ ସଂସ୍କୃତିରେ ମାଘ, ବୈଶାଖ ଓ କାର୍ତ୍ତିକ ହେଉଛନ୍ତି ଧର୍ମ ମାସ । ଏହି ମାସ ଗୁଡ଼ିକରେ ସାରା ମାସ ବ୍ରତ ପାଳନ କରାଯାଏ । ମାଘ ଓ ବୈଶାଖ ହବିଷ ମାସ ହୋଇଥିଲେ ହେଁ ସମସ୍ତେ ପାଳନ କରନ୍ତି ନାହିଁ। କାର୍ତ୍ତିକ ମାସକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ବିଧବାଙ୍କ ପାଇଁ କାର୍ତ୍ତିକ ବ୍ରତ ପାଳନ ବାଧ୍ୟତାମୂଳକ । କାର୍ତ୍ତିକରେ ବିଧବାମାନେ ଦିନରେ ଥରେ ମାତ୍ର ଘୃତ ମିଶ୍ରିତ ଅରୁଆ ଅନ୍ନ ସହ ମୁଗ, କଦଳୀ, ଓଉ ଓ ସାରୁ ମିଶା ଡାଲି ଭୋଜନ କରନ୍ତି । ଏହି ସାମଗ୍ରୀଗୁଡ଼ିକ ଛଡ଼ା ଅନ୍ୟ ସମସ୍ତ ଖାଦ୍ୟ ବର୍ଜନୀୟ । ସେମାନେ ପରିତ୍ୟାଗ କରିଥିବା ଖାଦ୍ୟଗୁଡ଼ିକୁ ବ୍ରତ ଶେଷ ହେବାପରେ ଖାଇବାକୁ ଛାଡ଼ଖାଇ କୁହାଯାଏ । ଛାଡ଼ଖାଇରେ ବିଧବାମାନେ ସାଧାରଣତଃ କାଞ୍ଜି ଖାଆନ୍ତି । ମାସ ଆରମ୍ଭରେ ତ୍ୟାଗ କରିଥିବା ଅନ୍ୟ ପରିବାପତ୍ର, ଫଳମୂଳ, ଉଷୁନା, ଭାତ, ଚୁଡ଼ା ଶାଗ ଓ ଖଟା ମଧ୍ୟ ଖାଆନ୍ତି । ଏସବୁ ଛାଡ଼ଖାଇର ଖାଦ୍ୟ । ଛାଡ଼ଖାଇ ସହ ଆମିଷ ଭୋଜନରେ କୌଣସି ପାରମ୍ପରିକ ସଂପର୍କ ନାହିଁ । ତେଣୁ ଏହି ଦିନରେ ଆମିଷ ଖାଇବା ନିହାତି ଆବଶ୍ୟକ ବୋଲି ମନେ କରିବା ଧାରଣା ଭ୍ରମାତ୍ମକ । ଛାଡ଼ଖାଇର ମର୍ମ ସଂପର୍କରେ ଜ୍ଞାନ ଅଭାବରୁ ଆଜିକାଲି ଆମେ ଏହାକୁ ମାଂସ ଭକ୍ଷଣ ଉତ୍ସବରେ ପରିଣତ କରିଛେ ।


*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ,*
*ମୋ. ୯୪୩୭୨୪୨୩୧୭*

# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

ଆମ ସମୟର କବିତା



## ସମୟ

● ସୁଜିତ କୁମାର ମିଶ୍ର

ସମୟ ପକ୍ଷୀର ଉଡ଼ାଣରେ ନିତି ଜୀବନ ସର୍ଜନଶୀଳ,
କେବେ ସେ ପଥରେ ଆନନ୍ଦ କୁସୁମ କେବେ କଷଣର କାଳ ।
ବିତିଲା ସମୟ ଫେରେକି ସଜେଇ ବାସଫୁଲ ବଇଭବ,
ସେ ତ ଅତୀତର ସ୍ମୃତିର ସନ୍ତକ ସମୁଦ୍ରେ କୋହର ରାଗ ।

ଚମକ ଚପଳା ଛନ୍ଦ ଏ ସମୟ ଚୋରା ଭାବ ପ୍ରଜାପତି,
ପୁଲକ ଋତୁର ପ୍ରୀତି ଅଭିସାର ପିଲାଦିନ ମଧୁଗୀତି ।
ନବ ଅରୁଣିମା ଚିତ୍ରଟିଏ ପରା ସମୟ ନଈର ଦେହେ,
ସକାଳ ରଙ୍ଗର ଅପୂର୍ବ ଛୁଆଁରେ ରାତି ଏଠି ନିତି ପାହେ ।

ପାପ ପୁଣ୍ୟର ଏ ଲୁଚୁକାଳି ଖେଳେ ସ୍ପନ୍ଦିତ ସମୟ ସ୍ୱର,
ନୀରବ ନାଦର ନମ୍ର ପ୍ରବାହ ସେ ନୀରଭିଜା ନୟନର ।
ସମୟ ଉଜାଣି ସକଳ ଗାଥାର ସୀମାହୀନ ଶିହରଣ,
ଯୁଦ୍ଧ ଓ ଶାନ୍ତିର ଜରାୟୁ ମଧ୍ୟେ ସେ ଜୀବନର ସ୍ୱପ୍ନଭ୍ରୁଣ ।

ଶୂନ୍ୟପାତ୍ରର ସିଦ୍ଧାନ୍ତ ନୁହେଁ କି ସମୟ ହାତର ଖେଳ,
ଖାଲି ମିଛିମିଛି ମେଘଆବେଗରେ ଯାହା ଶୁଭେ କୋଳାହଳ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ– ୭୬୮୩୮୬୭୭୪୨*

## ବଡ଼ଓଷା ଯାତ୍ରାରେ ପାଇଲିନି ପିଲାବେଳ



କଥା ଏତିକି

● ସୁନୀଲ ବୋଷ

ପିଲାବେଳ ସରିଯିବାର ଅନେକ ବର୍ଷ ଯାଏଁ ପିଲାବେଳ ମିଳୁଥିଲା ବଡ଼ଓଷା ଯାତ୍ରାରେ । ମୁଁ ଖୋର୍ଦ୍ଧା ଗୁରୁଜଙ୍ଗ ବଡ଼ଓଷା ଯାତ୍ରା କଥା କହୁଛି । ବଡ଼ଓଷା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ଖୋର୍ଦ୍ଧା ଧବଳେଶ୍ୱରଙ୍କ ପୀଠରେ ମେଳା ଜମେ ।

ଏ ବର୍ଷ ମଧ ମେଳା ଜମିଥିଲା । ସାଙ୍ଗମାନଙ୍କୁ ଡାକିଲି, କେହି ରାଜି ହେଲେନି ଯିବାକୁ । କହିଲେ– ସେ ଭିଡ଼କୁ ଯିବାକୁ ଆଉ ଇଚ୍ଛା ନାହିଁରେ, ଭାରି ଧୂଳି ! ଆଜିକାଲି ତ ସବୁଜିନିଷ ମିଳୁଛି ବଜାରରେ, ଯାତ୍ରାରେ ଆଉ କ'ଣ ଅଧିକ ମିଳିବ?

ମୁଁ କହିଲିନି– ହଜେଇଥିବା ପିଲାବେଳ କ'ଣ ସପିଂମଲ୍‌ରେ ମିଳିବ? ନଈରେ ହଜେଇ ପୋଖରୀରୁ ଖୋଜିଲେ ମିଳିବ ସେ ଅତୀତ? ସେଇ ନଈରେ ହିଁ ଖୋଜିବାକୁ ପଡ଼ିବ । ତେଣୁ ମେଳାକୁ ନଗଲେ ବିତେଇଥିବା ଦିନ ସବୁକୁ କ'ଣ ମନେପକେଇ ହେବ?

ମୁଁ ଏକୁଟିଆ ଗଲି । ଭାବିଥିଲି ଏକୁଟିଆ ଗଲେ ହିଁ ପିଲାବେଳକୁ ଖୋଜିହେବ ସହଜରେ ।

ଡାଲା, କୁଲା ବାଉଁଶିଆର ପସରା ଆଗଭଳି ସ୍ୱାଗତ କରୁଥିଲା ଲୋକଙ୍କୁ ଭିତରକୁ ଯିବା ପାଇଁ । ଡୋଲି–ଓଦର ଆଖିରେ ପଡ଼ିଲାନି । ଡୋଲିରେ କିଏ ଆଉ ରଖୁଛି ଧାନ ? ତା'ଛଡ଼ା ବେତର ଡୋଲି ଆଜିକାଲି କିଣି ହେବ? କାରିଗରର ପରିଶ୍ରମର ମୂଲ ଦେଇହେବ? ଶଗଡ଼ କାହିଁ ଯେ ଓଦର ଦରକାର ପଡ଼ିବ? ଟ୍ରାକ୍ଟର ତ ସେ କାମ କରିଦେଉଛି ଏବେ । ବିଲକୁ ଖତ ଯାଉଛି ଟ୍ରାକ୍ଟରରେ । ତେଣୁ ଓଦରର ଚାହିଦା ନାହିଁ, ସେଇ କାରଣରୁ ତିଆରି ବି ନାହିଁ । ଡାଲା–କୁଲାର ଚାହିଦା ବି କମିଆସିଲାଣି । ତଥାପି ଶୁକୁ ଶୁକୁ ହୋଇ ବଞ୍ଚିଛି । ଆଜିକାଲି ସବୁ ତ ପ୍ଲାଷ୍ଟିକର ମିଳୁଛି, ଚାଇନାରୁ ଆସୁଛି ।

ପିଲାବେଳ ମନେପଡ଼ିଲା ଏଇଠି । ଏଇଠି ପହଞ୍ଚିଗଲେ ଲାଗୁଥିଲା ପାଖେଇଆସିଲା ଯାତ୍ରା ପଦା । ବୋଉ କାନିର ସେ ଚିହ୍ନା ଚିହ୍ନା ବାସ୍ନା ଭଳି ଯାତ୍ରା ବା ମେଳାର ଗୋଟେ ବାସ୍ନା ଥିଲା । ସେ ବାସ୍ନା ଆଉ ନାହିଁ । ଅନେକ ମନେ ପକାଇବାକୁ ଚେଷ୍ଟା କଲି ସେ ବାସ୍ନାକୁ । ଗାଡ଼ି ମଟରର ଧୂଳି ଆଉ ପ୍ରଦୂଷଣର ବାସ୍ନାରେ ସତ୍ତା ହରାଇଛି ଆଗର ସେ ବାସ୍ନା । ହଁ, ଭାବିଥିଲି ଏଇଠି ମିଳିଯିବ ପିଲାଦିନ । ସେତେବେଳେ ଏଇଠୁ ଆରମ୍ଭ ହେଉଥିଲା ପିଲାଙ୍କ ମନଲୋଭା ଦରବ ସବୁ । ବେଲୁନଠାରୁ ଆରମ୍ଭ କରି କାଗଜ ଚକ୍ରି ଆଉ କଟ୍‌କଟି ବାଜା ଯାଏଁ । ହାତରେ ପଙ୍ଖା ଭଳି ବୁଲେଇଲେ କଟ୍‌କଟ୍ ଶବ୍ଦ କରେନି? ଆଖିରେ ନାଲି ଜରିଲଗା ଗୋଲ୍ ଚଷମା ଏବଂ ହାତରେ ସେଇ କଟ୍‌କଟି ବାଜାକୁ ବୁଲେଇ ବୁଲେଇ ବାପାଙ୍କ କାନ୍ଧରେ କିମ୍ବା ସାଇକେଲ ଆଗ ରଡରେ ବସି ଫେରୁଥିବା ପିଲାଙ୍କୁ ଦେଖିଥିଲେ ହୁଏତ ମିଳିଯାଇଥା'ନ୍ତା ହଜିଲା ସେ ପିଲାବେଳ । ଏବେ ତ ମଟରସାଇକେଲ ଟାଙ୍କି ଉପରେ ବସିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ପିଲାଏ ।

ପିଲାବେଳକୁ ଖୋଜି ଖୋଜି ଆଉ ଟିକେ ଭିତରକୁ ଗଲି । ଭାବିଥିଲି ପିଲାବେଳ ବୋଧେ ଭିତରେ ବିକ୍ରି ହେଉଥିବ ! ପିଲାବେଳ ବିକୁଥିବା ଲୋକଟା ହୁଏତ ମେଳା ଭିତରେ ବିକୁଥିବ ଅତୀତର ସେ ତାଜା ପିଲାବେଳକୁ । ଅନେକ ଖୋଜିଲି କାଗଜ ଚକ୍ରି, କଟକଟି ଏବଂ ନାଲି ଜରିଦିଆ ସେ ଗୋଲ ଚଷମା ବିକୁଥିବା ଲୋକଟାକୁ । କେଉଁଠି ବି ପାଇଲିନି । ଭାବିଥିଲି ନାଲି ନେଳି ରିବନ ବିକୁଥିବା ଲୋକଟା ହୁଏତ ଆଖିରେ ପଡ଼ିବ । ଯାତ୍ରା ସାରା ବୁଲୁଥାଏ ସିଏ । ଆଜିକାଲି ବେଣୀ କାହିଁ ଯେ ରିବନର ଚାହିଦା ରହିବ? ରିବନ ବିକି ପେଟ ପୋଷିହେବ ଆଉ?

ପାଇଲିନି ପିଲାବେଳ, ଦେଖିଲି ମିଳୁଛି ଟେଡିବିୟର, ଭିଡିଓ ଗେମ୍ ଆଉ ଚାଇନା ବନ୍ଧୁକ । ଚାର୍ଟ ଆଉ ଫାଷ୍ଟଫୁଡ୍ ଷ୍ଟଲ୍ ପାଖରେ ଭିଡ଼ । ଦାମୀ ଆଇସ୍‌କ୍ରିମ୍ ମଧ ମିଳୁଥିଲା । ପିଲାଙ୍କ ଚାହିଦା ବଦଳି ଗଲାଣି । ଆମ ପିଲାବେଳର ଖେଳଣା ଆଉ ଖାଇବା କ'ଣ ଆଜିର ପିଲାଙ୍କ ଅଝଟ ଭରଣା କରିପାରୁଛି? ଖାଇବା ସୁଆଦ ବି ବଦଳି ଗଲାଣି ସେମାନଙ୍କର । ତେଣୁ ଆମ ପିଲାବେଳ ମିଳିଥା'ନ୍ତା କେମିତି?

ଫେରିଲା ବେଳକୁ ଭାବୁଥିଲି ପିଲାବେଳ କ'ଣ ତା'ହେଲେ ହଜିଯିବ ଏମିତି? ପିଲାବେଳ ବିକୁଥିବା ସେ ମଣିଷ ମାନେ ଗଲେ କୁଆଡ଼େ?

ସେଇମାନେ କ'ଣ ଚାଇନା ଖେଳନା ଆଉ ଟେଡିବିୟର ବିକୁଛନ୍ତି? ଆଚାର ବିକୁଥିବା ସେ ଲୋକର ପୁଅ କ'ଣ ଆଇସ୍‌କ୍ରିମ୍ ଷ୍ଟଲ୍ କରିଛି? ଆମ ବେଳେ ପାମ୍ପଡ ବିକୁଥିବା ଲୋକଟା ଏବେ ପପ୍‌କର୍ଣ୍ଣ ବିକୁଛି ବୋଧେ ! ଆଗରୁ ପୋଡ଼ା ମକ୍କା ବିକୁଥିଲା, ମକ୍କା ଅମଳ ବେଳେ?

ଫେରିବା ବାଟରେ ଆଖିରେ ପଡ଼ିଲା ସ୍କୁଟି ଆଗରେ ଠିଆ ହୋଇଥିବା ଛୋଟିଆ ଛୁଆଟାଏ ରାହା ଧରି କାନ୍ଦୁଛି । ସିଏ ବୋଧେ ପୁଣି ଯାତ୍ରାପଦାକୁ ଫେରିବାକୁ ଜିଦ୍ ଲଗେଇଛି ତା' ବାପାଙ୍କ ପାଖରେ । କାରଣ ତା' ବେଲୁନ୍ ବୋଧେ ଫାଟିଯାଇଛି ଘରେ ପହଞ୍ଚିବା ଆଗରୁ । ଏଇଠି ମିଳିଗଲା କିଛି ପିଲାବେଳ । ଏତିକିରେ ସନ୍ତୁଷ୍ଟ ହେବାକୁ ପଡ଼ିଲା ମୋତେ । ଭାବିଲି ସବୁତକ ପିଲାବେଳ ହଜିନି ଯାତ୍ରାପଦାରୁ ।

## ପହିଲି ଶୀତ

● ନିରଞ୍ଜନ ସାହୁ

ହେମନ୍ତ ଋତୁରେ ନୂଆ ନୂଆ ଶୀତ
କେମିତି ରହୁଛ କୁହ
ମୁଁ ଏଠି ରହୁଛି କୌଣସି ପ୍ରକାରେ
ତୁମେ ବି ସେମିତି ରୁହ ।

ଋତୁଟା ଯେହେତୁ ବଦଳି ଯାଇଛି
ସ୍ୱାସ୍ଥ୍ୟ ରକ୍ଷା ନୀତି ମାନି
ଚଳୁଥିବ ତୁମେ ନ ଚଳିବ ଯଦି
ନିଶ୍ଚେ ସ୍ୱସ୍ଥ୍ୟ ହେବ ହାନି
ଥଣ୍ଡା ସହିତରେ ଜ୍ୱର ହେବ ଯଦି
ସ୍ୱାସ୍ଥ୍ୟକେନ୍ଦ୍ରରୁ ପଥି ବୁହ ।

ଉଷୁମ ପାଣିରେ ସ୍ନାନ କରୁଥିବ
ପିଇବ ଉଷୁମ ପାଣି
ସନ୍ଧ୍ୟା ଗଡିଗଲେ ଘରୁ ନ ବାହାର
କାକର ପଡିବ ଜାଣି



ଶୟନ ସମୟେ ମୋତେ ଭାବିବନି
ଆଖିରୁ ଝରିବ ଲୁହ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ*
*ମୋ:୯୯୩୮୭୪୧୫୮୩*

## ପୁତ୍ରମୋହ

● ମନୋଜ କୁମାର ବେହେରା



ଆଜି ପନ୍ଦର ବର୍ଷ ପରେ ସାନ ଯା' ଜିନାର ଚିଠି ପାଇଲି । ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ ଆଜ୍ଞା । ଏଇଟା ହେଉଛି ସତ । ସମୟ କେବେ କାହା ପାଇଁ ଅଟକେନି । କେତେବେଳେ ଏହା କେଉଁ ମୋଡ ଦେଖେଇ ଦେବ ଆପଣମାନେ ମଧ ଜାଣିପାରିବେନି । ସମୟ ଭଲ ଚାଲିଥିଲେ ସମ୍ପର୍କ ଚିରସ୍ରୋତା ନଦୀ ସମ ମଧୁର ହେଇଥାଏ ଆଉ ସମୟ ଖରାପ ଚାଲିଥିଲେ ରକ୍ତ ସମ୍ପର୍କ ମଧ୍ୟରେ ପାଚେରି ଉଠିବାକୁ ସମୟ ଲାଗୁ ନାହିଁ ।

ଚିଠିରେ ଲେଖାଥିଲା, 'ଅପା ନମସ୍କାର..!'

ପନ୍ଦର ବର୍ଷ ଲମ୍ବା ବ୍ୟବଧାନ ପରେ ଆପଣଙ୍କୁ ଚିଠି ଲେଖୁଛି । ଆଶ୍ଚର୍ଯ୍ୟ ତ ଲାଗୁଥିବ ହେଲେ ମୋ ପାଖରେ ଆଉକିଛି ବାଟ ନାହିଁ । ଆପଣ ମଧ ଭାବୁଥିବେ ଯିଏ ପଚିଶ ବର୍ଷର ସମ୍ପର୍କକୁ କ୍ଷଣକରେ ଭାଙ୍ଗିଦେଲା । ଭାଇଭାଇ ଭିତରେ ପାଚେରି ଠିଆ କରେଇଦେଲା! ସେ ପୁଣି ଆଜି ଚିଠି ଲେଖୁଛି? ଆପଣ ଅପା ଠିକ୍ କହୁଥିଲେ ଅପା ମୁଁ ସେତେବେଳେ ଅନ୍ଧ ହେଇ ଯାଇଥିଲି ପୁତ୍ରମୋହରେ । ଆପଣତ ଆମର ମଙ୍ଗଳ ଚାହିଁଥିଲେ ହେଲେ ମୁଁ ନାରୀଟିଏ ହେଇ ମଧ ସେଦିନ ଆପଣଙ୍କୁ କେମିତି କହି ପାରିଲିକି ଯଦି ଆପଣଙ୍କର କୌଣସି ସନ୍ତାନ ଥା'ନ୍ତା ତେବେ ଆପଣ ମଧ ତାହା କରିଥାନ୍ତେ ଯାହା ଆଜି ମୁଁ କରୁଛ । ସେତେବେଳେ ମୁଁ ବୁଝି ପାରିନଥିଲି ଆପଣଙ୍କର ପୀଡାକୁ । ଯଦି ବୁଝିଥାନ୍ତି ଏମିତି କହିନଥାନ୍ତି । ଆଜି ଭାବିଲା ବେଳକୁ ମୋତେ ନିଜ ଉପରେ ରାଗମାଡୁଛି ଜୋର୍‌ରେ । ଆପଣ ଚୁପ୍‌ଚାପ୍ ସହି ଯାଇଥିଲେ ସେହି ପୀଡାକୁ । ଧନ ସମ୍ପତ୍ତିର ଲୋଭରେ ଆମେ ଭାଇ ଓ ଆପଣଙ୍କଠୁ ଦୂରେଇଗଲୁ । ଆପଣଙ୍କୁ ଘରୁ ତଡି ଦେବାକୁ ମଧ ପଛେଇଲୁ ନାହିଁ । ଯଦି ସେତେବେଳେ ଆପଣ ମୋତେ ଦୁଇଚାରି ପଦ ଗାଳିକରିଥାନ୍ତେ କିମ୍ବା ଚଟକଣାଟିଏ ମାରିଥାନ୍ତେ ତା'ହେଲେ ଆଜି ଆମକୁ ଏଭଳିଆ ଦିନ ଦେଖିବାକୁ ପଡିନଥାନ୍ତା ।

ଆମେ ଯେତେବେଳେ ପୁଲକିତ ନାଁରେ ସବୁ ସମ୍ପତ୍ତି କରିଦେଲୁ ସେତେବେଳେ ଆପଣ ଆଉ ଭାଇ କେତେ ବୁଝେଇ ଥିଲେ । ଭାଇ କହିଥିଲେ, 'ସବୁ ସମ୍ପତ୍ତି ଏବେଠୁ ପୁଲକିତ ନାଁରେ କରନା । ଆମର ଆଗକୁ ପଛକୁ ତା'ଛଡା ଆଉ କେହି ନାହାନ୍ତି' । ଆମେ ମଲା ପରେ ତ ସବୁ ସମ୍ପତ୍ତି, ଟଙ୍କା ପଇସା ତା'ର । ବଞ୍ଚି ଥାଉ ଥାଉ ସେ ଭୂଲ୍ କରନା ବାପି । ହେଲେ ଆମେ ମାନି ନଥିଲୁ । ଓଲଟି ଆପଣଙ୍କୁ ଘରୁ ବାହାରି ଯିବା ପାଇଁ ବାଧ କରିଥିଲୁ । ଯଦି ଭାଇ ସେତେବେଳେ ନିଜ ଘର ଛାଡି ଯିବା ପାଇଁ ମନାକରି ଦେଇଥାନ୍ତେ ତେବେ ଆଜି ଆମ ଠିକଣା ବୃଦ୍ଧାଶ୍ରମ ହେଇ ନଥାନ୍ତା । ଅପା! ଏବେ ଯା'ଙ୍କ ଦେହ ବହୁତ ଖରାପ । ଡାକ୍ତର କହିଛନ୍ତି ତାଙ୍କ ପାଖରେ ଆଉ ବେଶି ସମୟ ନାହିଁ । ତାଙ୍କ ଶେଷ ସମୟରେ କ୍ଷମାମାଗିବା ପାଇଁ ଏହି ଚିଠିଟି ଲେଖିଛି । ଆପଣ ଆଉ ଭାଇ ଯଦି ଏହି ଆନନ୍ଦ ଜରାଶ୍ରମକୁ ଆସି ଆମକୁ ଥରଟେ କ୍ଷମାକରି ଦିଅନ୍ତେ ତାହେଲେ ହୁଏତ ଆମର ଆତ୍ମାକ ଶାନ୍ତି ମିଳିବ ।

ଇତି ଆପଣଙ୍କର
ସ୍ନେହର ଜିନା..

ତଳେ ଥିଲା ଆନନ୍ଦ ଜରାଶ୍ରର ଠିକଣା । ଆଉ ସହି ପାରିଲାନି ସୁମି । ସେ ଏତେଟା ପାଷାଣ ନୁହେଁ ଯେ ମରୁଥିବା ଲୋକଙ୍କୁ କ୍ଷମା ଦେବନ । ସେ ସିଧା ଚାଲିଲା ତା'ସ୍ୱାମୀଙ୍କ ପାଖକୁ ଆଉ ଜଣେଇଲା ସବୁକିଛି । ଦୁହିଁଙ୍କ ଆଖିରୁ ଅବିରତ ଲୁହ ଝରିବାକୁ ଲାଗିଲା ଆଉ ଓଲା କାର୍ ବୁକ୍ କରି ଦୁହେଁ ତୁରନ୍ତ ବାହାରିଗଲେ ଆନନ୍ଦ ଆଶ୍ରମକୁ ।

***ୟୁନିଟ୍–୯(ଫ୍ଲାଟ), ଭୁବନେଶ୍ୱର–୨୨***
***ମୋ. ୭୯୭୮୮୩୦୬୧୧***

## ଘରଚଟିଆ ଏବଂ ମିସେସ ଦାସ

● ଜୀମୂତ ତ୍ରିପାଠୀ



ଦର୍ପଣ କାଚର ଖୁବ ନିକଟକୁ ଆପଣାର ମୁହଁ ଟାଣିଆଣି ନିରେଖି ଦେଖୁଥିଲେ ମିସେସ୍ ଦାସ । ଓଠର ଗାଢ ଲାଲ ରଙ୍ଗକୁ ଆହୁରି ଲାଲ କରି ରଙ୍ଗ ତୂଳୀଟାକୁ ଯଥା ସ୍ଥାନରେ ରଖିଦେଲେ ସେ । ଦେହରୁ ପତଳା ଶାଢିଟାକୁ ଖସାଇ କାନ୍ଥଲଗା ପାଞ୍ଚ ଫୁଟିଆ ଦର୍ପଣ ସାମ୍ନାରେ ଠିଆହେଲେ ଏବଂ ବ୍ଲାଉଜର ବୋତାମ ଖୋଲିବା ପୂର୍ବରୁ ନାଇଲନ ପରଦା ସବୁକୁ ଝରକା କବାଟବନ୍ଧରେ ସଜାଡିନେଲେ । ପରେ ପରେ ବ୍ଲାଉଜ୍‌ଟା ଶେଯ ଉପରେ ଫିଙ୍ଗିଦେଇ ବ୍ରା ଘୋଡା ଛାତିଟାକୁ ନିରେଖି ଦେଖିଲେ ଆଇନାରେ ।

ଦର୍ପଣରେ ନିଜର ପ୍ରତିବିମ୍ବ ଦେଖି ଚମକି ପଡିଲେ ମିସେସ୍ ଦାସ । ମୁହଁରେ ଦୁଇହାତ ଥାପି ଦର୍ପଣକୁ ପଛକରି ଠିଆ ହେଲେ । ଦେହରୁ ଖୋଲି ଦେଇଥିବା ପତଳା ଶାଢି ଖଣ୍ଡିକ ଧୀରେ ତଳୁ ଉଠାଇ ପିନ୍ଧି ସାରିବା ପରେ ଦର୍ପଣକୁ ମୁହଁ ବୁଲାଇଲେ । ପତଳା ଶାଢି ତଳର ଯୌବନୋଚ୍ଛଳ ଦେହଟା... । ରବୀନ୍ କୁହନ୍ତି, ଏ ଅବସ୍ଥାରେ ସେ କୁଆଡେ ଭାରି ସୁନ୍ଦର ଦେଖାଯାନ୍ତି ।

ଏକଥା ଯେ ଖାଲି ରବୀନ କହିବେ ତା'ନୁହେଁ, ଅନେକ ବି କହିବେ ଏ ବିଶ୍ୱାସ ଥିଲା ତାଙ୍କର । ତାଙ୍କ କଲେଜ ଜୀବନରୁ ସେ ଲକ୍ଷ୍ୟ କରିଛନ୍ତି ତାଙ୍କ ଲମ୍ବା ଗଳାକଟା ବ୍ଲାଉଜ୍‌ର ଫାଙ୍କ ଦେଇ ଯାହା କିଛି ଦିଶେ , ତାଙ୍କ ଅସଂଯତ ଲୁଗାପିନ୍ଧା ଭଙ୍ଗୀରୁ ରକ୍ଷା ପାଇ ଯାହାକିଛି ଫୁଟି ଦିଶୁଥାଏ, ଅନ୍ୟମାନେ ସେ ସବୁକୁ ଆଗ୍ରହରେ ଉପଭୋଗ କରନ୍ତି । ସେ ସୁଯୋଗ ନେଇ ସେ ଅନେକଙ୍କୁ ସଖି କଣ୍ଢେଇ ଭଳି ନଚେଇଛନ୍ତି । ସେ କଥା ମନେପଡିଲେ ଏବେ ଖୁବ୍ ହସ ଲାଗେ ତାଙ୍କୁ । ସେମାନେ ସବୁ ଅନେକ ...। କି ଯେ ଅସହାୟ ସେମାନଙ୍କର ଚାହାଣି । ନାରୀର ଖୋଲା ଦେହ ଟିକକ ବଡ ଅସହାୟ ଭାବରେ ସେମାନେ ହାତ ପତେଇ ଭିକ୍ଷା କରନ୍ତି । ସେ ଅଭ୍ୟାସକୁ ସେ ବିବାହିତ ଜୀବନରେ ବି ବଞ୍ଚେଇ ପାରିଛନ୍ତି । ଶିଳ୍ପପତି ମିଷ୍ଟର ଦାସଙ୍କର ଅନୁପସ୍ଥିତ କେବେ କାହିଁକି ସେ ଅନୁଭବ କରିପାରନ୍ତିନି । ସେ ଦିନଗୁଡିକରେ ଅନ୍ୟମାନଙ୍କ ସାଥିରେ ସ୍ୱପ୍ନ ଦେଖି ବେଶ୍ ଆରାମରେ ସମୟ କଟେଇ ଦିଅନ୍ତି ।

କ୍ଲବ୍‌ରେ ଛାଇ ଆଲୁଅ ତଳେ ମିସେସ୍ ଦାସ ଯୁକ୍ତି ବାଢନ୍ତି : ପ୍ରେମ ସୀମିତ ନୁହେଁ । କୁମାରୀ ଜୀବନ ଓ ବିବାହିତ ଜୀବନ ଭିତରେ କେଉଁଠି ଟିକେ ବି ଫରକ ନାହିଁ । ଯୌବନ ସରିଯିବା ପର୍ଯ୍ୟନ୍ତ ସେ ପ୍ରେମ କରିବେ, ଯେମିତି ସେ କରିଆସୁଛନ୍ତି ।

ଟେଲିଫୋନ୍ ରିଂ କଲେ ମିସେସ୍ ଦାସ । ସଂକ୍ଷିପ୍ତ କେଇପଦ କଥା... । ମିଷ୍ଟର ଦାସ ନାହାନ୍ତି କେଉଁ ଏକ ଯୁବ ଶିଳ୍ପପତିଙ୍କୁ ନିଶ୍ଚୟ ଆସିବାକୁ ଅନୁରୋଧ । ଏକୁଟିଆ ଜମା ଭଲ ଲାଗେନା ତାଙ୍କୁ ...ମିସେସ୍ ଦାସଙ୍କ ମନ୍ତବ୍ୟ ଅଧା ରହିଗଲା ସେତେବେଳେ, ଯେତେବେଳେ ସେ ଅନୁଭବ କଲେ, ତାଙ୍କ କୋଠରି ଭିତରକୁ ଉଡି ଆସୁଛନ୍ତି ଦୁଇଟା ଘରଚଟିଆ ଓ ହସୁଛନ୍ତି ...।

ମିସେସ୍ ଦାସ କାନପାତିଲେ ।

ଗୋଟିଏ ଘରଚଟିଆ ଅନ୍ୟଟିକୁ କହୁଥିଲା : ''ଏ କ'ଣ ପ୍ରେମ ସାମ୍ରାଜ୍ଞୀଙ୍କ ରାଜପ୍ରାସାଦ ?'' ଅନ୍ୟଟି କହିଲା :''ନା'ଲୋ! ଏଇଟା ରାଜପ୍ରାସାଦ ନୁହେଁ ଜଣେ ଶିଳ୍ପପତିଙ୍କ କୋଠା । ଏଇ ଯାହାକୁ ଦେଖୁଛ ସେ ପ୍ରେମ ସାମ୍ରାଜ୍ଞୀ ନୁହନ୍ତି–ସେ ଶ୍ରୀମତୀ ଆରତୀ ଦାସ । ହେଲେ ଆରଣ୍ୟ ... ତାଙ୍କ ପରି ଜଣେ ତ୍ୟାଗୀ ବିଦୁଷୀ ମହିଳା – ଏ ଜଗତରେ କେହି ନାହାନ୍ତି ତୁ କ'ଣ ତାଙ୍କ କଥା ଭୁଲିଯାଇଛୁ । ଆରଣ୍ୟ ପରା ଏ ନଗରରେ ବାସକରନ୍ତି । ବହୁ ପୁରାତନ କାଳରେ ଆରଣ୍ୟକା ସମସ୍ୱର୍ଦ୍ଧିନୀ ଜଣେ ମହିଳାଙ୍କ କଥା ଦୀପ୍ତିଧର ଥରେ କହୁଥିଲା । ତୋର ତ ମନେ ଥିବ –ସେ କେମିତି ସାତବର୍ଷ କାଳ ନିଦ୍ରା, ଆହାର ତ୍ୟାଗ କରି ତା'ର ପ୍ରେମିକର ପଥଚାହିଁ ବସିଥିଲା ।''

:କିନ୍ତୁ ମୋର କାହିଁ ମନେହୁଏ, ଆରଣ୍ୟ ସେ ମହିଳାଙ୍କ ଠାରୁ ସୁଦ୍ଧା ବହୁ ଉଚ୍ଚରେ ।''

ଘରଚଟିଆ ଦୁଇଟି ପରସ୍ପରର ଚଞ୍ଚୁ ଚୁମାଚୁମି ହୋଇ ଖେଳୁଥିଲେ । କିଛି ସମୟ ପରେ ହଠାତ୍ ଦୁହେଁ ଆରତୀ ଦାସଙ୍କ ମୁଣ୍ଡ ଉପର ଦେଇ ଉଡିଗଲେ ଏବଂ ଅଦୃଶ୍ୟ ହୋଇଗଲେ କେଉଁଆଡେ ।

ଆରତୀ ପାଗଳୀଙ୍କ ପରି ସେମାନଙ୍କୁ ଦେଖିବାକୁ ପାହାଚ ଡେଇଁ ଡେଇଁ କୋଠା ଛାତ ଉପରକୁ ଗଲେ । ସେ ଦୁହେଁ ସେତିକି କୁହୁଡିଆ ଆକାଶର କୁହୁଡି କାଟି ବାଦଲ ଫାଙ୍କ ଭିତରେ ଲୁଚିଯାଇଛନ୍ତି । ଆରତୀ ଫେରି ଆସିଲେ ନିଜ ଶୋଇବା କୋଠରି ଭିତରକୁ । ହଠାତ ସେ ସଚେତନ ହୋଇ ଉଠିଲେ... ସେ ପିନ୍ଧିଥିବା ଶାଢି ତଳେ ଆଉ କିଛି ଆବରଣ ନଥିଲା– ସେଗୁଡିକ ସଜାଡି ନେଇ ଆରତି ତଳ ମହଲାକୁ ଆସିଲେ । ଦାମୀ ସନ୍‌ମାଇକାର ଡାଇନିଂ ଟେବୁଲ ଉପରେ ଥୁଆ ହୋଇଥିବା ପାଣି ଗ୍ଲାସ୍‌ଟା ଉଠାଇ ଢକ୍ ଢକ୍ କରି ପିଇସାରି ଘର ଭିତରକୁ ବାହାରି ଆସିଲେ ।

ଡ୍ରାଇଭର ନଥିଲେ ବି ଗ୍ୟାରେଜରୁ କାର୍ ବାହାର କଲେ ରାସ୍ତା ଉପରକୁ । ସହରର ପ୍ରତ୍ୟେକ ପ୍ରଧାନ ପ୍ରଧାନ ରାସ୍ତା ଉପରେ ଗାଡି ଘୂରାଇ ବୁଲି ବୁଲି କେଉଁଠି ହେଲେ ଆରଣ୍ୟଙ୍କ ଠିକଣା ପାଇଲେ ନାହିଁ । ତାଙ୍କରି ଶୁଖି ଆସୁଥିବା ମୁହଁ ଓ ପବନରେ ଉଡ଼ିଯାଉଥିବା କେଶଗୁଚ୍ଛ ପ୍ରତି ନଜର ନଥିଲା । ଆରଣ୍ୟଙ୍କୁ ଖୋଜି ପାଇବାର ଇଚ୍ଛା ପ୍ରବଳ ଭାବରେ ବଢି ଚାଲିଥିଲା ତାଙ୍କ ଭିତରେ । ଏଥର ସେ ସହରର ପ୍ରଧାନ ପ୍ରଧାନ ରାସ୍ତା ପାର ହୋଇ ଗଳିକନ୍ଦି ଖୋଜି ବୁଲିଲେ । ହେଲେ କାହିଁ କେଉଁଠି ଆରଣ୍ୟଙ୍କ ସନ୍ଧାନ ମିଳିଲା ନାହିଁ । ଥକ୍କା ମାରି ଗଛ ଛାଇ ତଳେ ଗାଡିରଖି ଠିଆ ହେଲେ ଆରତୀ ଦାସ । ରାସ୍ତାକଡ଼ ପାଣି ପାଇପରୁ ହାତରେ ଆଞ୍ଜୁଳା ଆଞ୍ଜୁଳା କରି ପାଣି ଆଣି ପିଇଲେ ଏବଂ ସହର ଛାଡି କିଛି ଦୂରରେ ଥିବା ସମୁଦ୍ରକୂଳର ନୋଳିଆ ବସ୍ତିରେ ଯାଇ ପହଞ୍ଚିଲା ସେ । ସେତେବେଳକୁ ଖରା ଟାଣ ହେବାକୁ ଆରମ୍ଭ କରିଥାଏ । ଆରତୀ ଦାସ ଅନୁଭବ କଲେ ସତେ ଯେମିତି ତାଙ୍କ ମୁଣ୍ଡରେ ଦୁଇଟା ଲୁହାଖଣ୍ଡ ଟିକ୍ ଟିକ୍ ହେଇ ବାଡେଇ ଚାଲିଛନ୍ତି ଏବଂ ସେ ଦୁହିଁଙ୍କ ବାଡେଇ ହେବାର ବ୍ୟବଧାନ ସତେ ଯେମିତି କମି କମି ଆସୁଛି ।

ଖୁବ୍ କ୍ଲାନ୍ତ ତଥା ଆରଣ୍ୟଙ୍କୁ ଖୋଜି ପାଇବାରେ ଧନ୍ଦାଳି ହୋଇ ଘରେ ପହଞ୍ଚିଲେ ଆରତୀ ଦାସ । କାର୍ ରଖି ଉପର ମହଲାକୁ ଗଲେ । ଦର୍ପଣରେ ନିଜ ମୁହଁକୁ ବି ଚିହ୍ନିବାରେ ଭୁଲ ହେଲା । ତାଙ୍କର ବାଥରୁମକୁ ଯାଇ ସମ୍ପୂର୍ଣ୍ଣ ଦେହଟାକୁ ଭଲ ଭାବରେ ଧୋଇ ଶୋଇବା ଘରେ ପଶିଲେ । ଦେହରେ ପାଉଡର ବିଞ୍ଚି ସାରି କିଛି ପାଉଡର ଓ ଲାଲ ରଙ୍ଗ ନେଇ ମୁହଁ ଓ ଓଠକୁ ରଙ୍ଗିନ କଲେ । ଲୁଗାପଟା ବଦଳେଇ ବିଶ୍ରାମ ନେବାକୁ ଚେଷ୍ଟା କଲେ ମିସେସ୍ ଦାସ । କିନ୍ତୁ କାହିଁକି କେଜାଣି ସେ ଖୁବ୍ ଅଣନିଃଶ୍ୱାସୀ ଅନୁଭବ କରୁଥିଲେ । ବାରମ୍ବାର ଘରଚଟିଆଙ୍କର ସେଇ କଥୋପକଥନ ଆଉ ଆରଣ୍ୟଙ୍କୁ ଖୋଜି ପାଇବାର ପ୍ରବଳ ଇଚ୍ଛା ତାଙ୍କୁ ଚିମୁଟି ପକଉଥିଲା । ଧୀରେ ଶୋଇବା ଘରୁ ତଳ ମହଲାକୁ ଆସିଲେ ଓ ଗ୍ୟାରେଜ୍‌ରୁ କାର୍ ବାହାର କରି ବଗିଚା ଭିତରେ ରଖିଲେ ।

ସେତେବେଳକୁ ସଂଧ୍ୟା ହେବାକୁ ଅଳ୍ପ ସମୟ ବାକି । ହୁଏତ ମହେଶ ଆସିପାରନ୍ତି । ମିସେସ୍ ଦାସ ଗାଡିର ପଛପଟ ଡୋର ଖୋଲି ସିଟ୍‌ରେ ବସିଲେ । କିଛି ସମୟ ବିଶ୍ରାମ ନେବାର ପ୍ରବଳ ଇଚ୍ଛାରେ କ୍ଲାନ୍ତ ଦେହ ଓ ମନକୁ ସାମାନ୍ୟ ହାଲୁକା କରି ପଛ ସିଟ୍‌ରେ ନିଜକୁ ଯେତେଦୂର ସମ୍ଭବ ଲମ୍ବ କରି ଶୁଆଇଦେଲେ ।

ହଠାତ୍ ଗାଡି ଷ୍ଟାର୍ଟ ହେବା ଶବ୍ଦରେ ସଚେତନ ହେଲେ ସେ । କିଛି ନକହି ଆଗସିଟ୍‌ରେ ବସିଥିବା ଲୋକଟିକୁ ଲକ୍ଷ୍ୟ କଲେ । ଆଶ୍ଚର୍ଯ୍ୟ ହେଲେ ସେ । ଡ୍ରାଇଭର ରହମନ । ଅଧିକ ସଚେତନ ହୋଇ ସେ ମନେ ପକେଇବାକୁ ଚେଷ୍ଟା କଲେ, ସେ ଏହା ଭିତରେ ଏମିତି ଗାଡିରେ ଶୋଇପଡିଛନ୍ତି ଏବଂ ଏବେ ଅନେକ ରାତି ହେଲାଣି । ରହମନ୍ କ'ଣ ଜାଣେନି ଯେ ସେ ଏମିତି ପଛରେ ଶୋଇଥିଲେ ବୋଲି । ତଥାପି ମିସେସ୍ ଦାସ ନୀରବ ରହିଲେ । ଲକ୍ଷ୍ୟ କଲେ, ରହମନ ଗାଡିଟାକୁ ସହରର ମୁଖ୍ୟ ରାସ୍ତାରେ ନେଉ ନେଉ ପାଖ ଗଳି ଭିତରେ ଗାଡି ଭର୍ତ୍ତି କଲା । ମିସେସ୍ ଦାସ ମନେ ପକେଇବାକୁ ଚେଷ୍ଟା କରୁଥିଲେ, ତାଙ୍କର ଖିଆଲ ଆସୁନଥିଲା କେବେ ଏ ଗଳିକୁ ଆସିଲା ଭଳି । କିଛି ବାଟ ଗଲାପରେ ଗାଡିର ଗତି ବନ୍ଦ ହୋଇଗଲା । ମିସେସ୍ ଦାସ ନିଜକୁ ଲୁଚେଇବାକୁ ଚେଷ୍ଟା କଲେ । ରହମନ ଗେଟ୍ ଖୋଲି ବାହାରକୁ ଗଲା । ସାମ୍ନାରେ ଛୋଟ ଚାଳ ଘରଟାଏ । ବାହାରେ ରିକ୍ସାଟାଏ ଠିଆ ହୋଇଛି । ଘରର ଝର୍କା ଓ କବାଟ ଫାଙ୍କ ଦେଇ କିଛି ଆଲୁଅ ଛିଟ୍‌କି ପଡିଛି ବାହାରକୁ । ହୁଏତ କେହି ଶୋଇନାହାନ୍ତି ଏଯାଏ ।

କବାଟ ଖୋଲିଲା । ଲୋକଟାଏ ନିଶାରେ ଟଳି ଟଳି ବାହାରୁଛି । ଦେହରେ ପଞ୍ଜାବି । ବେକରେ ଧଳା ଫୁଲର ମାଳଟାଏ । ରିକ୍ସା ଚଢିଲା ସେ । ଅସ୍ପଷ୍ଟ ଗଳାରେ ଖନେଇ ଖନେଇ ଗୁଡାଏ କ'ଣ ସବୁ ଗପୁଥିଲା ସେ । ମିସେସ୍ ଦାସ ପରିସ୍ଥିତିକୁ ବୁଝିବାକୁ ଚେଷ୍ଟା କରୁଥିଲେ । ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ଖୋଲା ଦରଜା ଆଡେ । ଜଣେ କିଏ ବାରଣ୍ଡାରେ ବସିଥିଲା । ଭିତରକୁ ପଶିଗଲା । ଦରଜା ବନ୍ଦର ଆବାଜ ଶୁଣି ଭୟ ଓ ଉତ୍ତେଜନାରେ ଝାଳେଇଗଲେ ମିସେସ୍ ଦାସ । ରହମନ ଅନ୍ଧାରରେ ଯାଇ ସେ ଘରର ବାରଣ୍ଡାରେ ବସିଲା । ସଫା ଦେଖାଯାଉନି । ପାଞ୍ଚ ମିନିଟ୍... ଦଶ ମିନିଟ୍... କୋଡିଏ ମିନିଟ୍ । ଦରଜା ଖୋଲିଲା । ଠିକ୍ ପୂର୍ବ ଲୋକ ଭଳି ଏ ବି ଫେରୁଛି । ଆରତୀ ଦାସଙ୍କ ଭିତରେ ସନ୍ଦେହ– ଜାଣିବାର ଭୀଷଣ ଆଗ୍ରହ । ଆଖି ମଳି ମଳି ଆରତୀ ଦାସ ଲକ୍ଷ୍ୟ କଲେ । ଖୋଲ ଦରଜା ପାଖରେ କେହି ଜଣେ ନାରୀ ଦୁଆରବନ୍ଧରୁ ବାହାରକୁ ମୁହଁ କାଢି ବାରଣ୍ଡାକୁ ଚାହୁଁଛି । କିଛି ଇଙ୍ଗିତ ଦେଲା । ରହମନ ବୋଧେ ଉଠି ଠିଆ ହେଲା । ଧୀରେ କବାଟ ବନ୍ଦ ହୋଇଗଲା । ମିସେସ୍ ଦାସଙ୍କ ଭିତରେ ଥିବା ଜମାଟ ବନ୍ଧା ସନ୍ଦେହ ସବୁ ତରଳିବାକୁ ଆରମ୍ଭ କଲା । ସେ ସାହସ ବାନ୍ଧୁଥିଲେ ନିଜେ ଡ୍ରାଇଭିଂ କରି ଘରକୁ ଫେରି ଆସିବାକୁ । ହଠାତ୍ ତାଙ୍କ ଚିନ୍ତା–ବ୍ୟସ୍ତତା ଓ ତାଙ୍କ ଭିତରେ ଖୁନ୍ଦି ହୋଇ ରହିଥିବା ଜିଜ୍ଞାସା ସବୁକୁ ସ୍ତବ୍ଧ କରିଦେଲା ଦ୍ୱିତୀୟ ବ୍ୟକ୍ତି, ଯିଏ ସାମ୍ନା ଘରୁ ରହମନ ଯିବା ପୂର୍ବରୁ ବିଦାୟ ନେଇଥିଲା । ଅସ୍ପଷ୍ଟ ପ୍ରଳାପର କିଛିଟା ଅଂଶ ମିସେସ୍ ଦାସ ଆହୁରି ସଚେତନ ଭାବରେ କାନ ଡେରି ଶୁଣିବାକୁ ଚେଷ୍ଟା କରୁଥିଲେ । ବିଶ୍ୱାସ ଓ ଅବିଶ୍ୱାସର ଦ୍ୱନ୍ଦ୍ୱ ଭିତରେ ସାହସ ବାନ୍ଧୁଥିଲେ ସେ । ଧୀରେ ଗାଡିର ବ୍ୟାକ୍ ଡୋର୍ ଖୋଲି ପାଦ ଚାପି ଚାପି ସାମ୍ନା ଘରର ଖୁବ୍ ନିକଟକୁ ଗଲେ । ଧୀରେ ଘରର ବାରଣ୍ଡା ଉପରକୁ ଚଢିଲେ ଓ କିଛି ଶୁଣିବାକୁ କାନେଇଲେ । ସବୁ ଅସ୍ପଷ୍ଟ । କାଚ ଗିଲାସ ଓ ବୋତଲର କେବଳ ଆବାଜ ମାତ୍ର । ଝରକାର ଛୋଟ ଫାଙ୍କ ଦେଇ ଘର ଭିତରକୁ ଦେଖିବାକୁ ଚେଷ୍ଟା କଲେ । ରହମନ୍ ଖଣ୍ଡେ ଦରଭଙ୍ଗା ଚେୟାର ଉପରେ ବସି ବୋତଲକୁ ଢାଳି ଢାଳି ପିଇବାରେ ଲାଗିଛି । ଗୋଟିଏ ପାଖରେ ଖଣ୍ଡେ ଛୋଟ ଖଟର ଅସଜଡ଼ା ଶେଯକୁ ଠିକ୍ କରୁଥିଲା ସ୍ତ୍ରୀ ଲୋକ ଜଣେ । ମୁହଁ ବୁଲେଇଲା ସେ । ମିସେସ୍ ଦାସ ସମ୍ପୂର୍ଣ୍ଣ ଭାବରେ ଦେଖିପାରୁଥିଲେ ସେଇ ସୁନ୍ଦରୀ ସ୍ତ୍ରୀଟିକୁ । ସାଧାରଣ ବେଶଭୂଷା, ଖୋସାରେ ମଲ୍ଲୀଫୁଲର ଦରଛିଣ୍ଡା ମାଳଟିଏ । ରହମନ ତା'କୁ ପାଖକୁ ଡାକୁଥିଲା । କିନ୍ତୁ ସ୍ତ୍ରୀ ଲୋକଟି, ସେ ଘରୁ ଅନ୍ୟ ଘରକୁ ଚାଲିଗଲା । ରହମନ୍ ଟଳି ଟଳି ଖଟ ଉପରେ ଗଡିପଡିଲା । ସ୍ତ୍ରୀ ଲୋକଟି ଫେରି ଆସି ଖଟ ଉପରେ ବସିଲା । ଲମ୍ବ ହୋଇ ଶୋଇ ପଡିଲା, ତା'ପରେ... । ମିସେସ୍ ଦାସ ଝରକା ଫାଙ୍କରୁ ମୁହଁ ଘୁଞ୍ଚେଇ ଆଣିଲେ ।

ଘରଚଟିଆର କଥା... ଦ୍ୱିତୀୟ ଲୋକର ଅସ୍ପଷ୍ଟ ସଂଳାପ । ସବୁ ଯେମିତି ଗୋଳମାଳିଆ ଲାଗୁଥିଲା ତାଙ୍କୁ । ...ଚୁଡିର ରୁଣୁଝୁଣୁ ଶବ୍ଦ । ମିସେସ୍ ଦାସଙ୍କ ଦେହ ଭୟ ଓ ଉତ୍ତେଜନାରେ ଝାଳେଇ ଯାଉଥିଲେ ବି ସେ ସାହସ ବାନ୍ଧୁଥିଲେ ରହମନ ଆସିବା ପରେ ସେ ଘର ଭିତରକୁ ଯିବେ ।...

ଏମିତି କେତେ ସମୟ, ସେ ଅପେକ୍ଷା କରିବେ ? କ୍ରମଶଃ ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟୁଥିଲା । ଫାଙ୍କଦେଇ ଭିତରକୁ ଚାହିଁବାରେ, ସେ କେମିତି ଦ୍ୱିଧାବୋଧ କରୁଥିଲେ । ଏଥର କିନ୍ତୁ ସେ ସାହସ ବାନ୍ଧି ଘର ଭିତରକୁ ଚାହିଁଲେ । ରହମନ ଅଧଲଙ୍ଗଳା ଅବସ୍ଥାରେ ମୁହଁ ମାଡି ଶୋଇଛି । ପାଖରେ ଆଉ କେହି ନଥିଲେ । କିଛି ସମୟ ପରେ ସ୍ତ୍ରୀ ଲୋକଟି ମୁହଁ ପୋଛୁ ପୋଛୁ ଘର ଭିତରକୁ ଆସିଲା । ମିସେସ୍ ଦାସ ଲକ୍ଷ୍ୟ କଲେ ରହମନକୁ ଉଠେଇବାକୁ ସେ ଚେଷ୍ଟା କରୁଛି । କିନ୍ତୁ ରହମନ ବୋଧହୁଏ ପୂରା ଶୋଇଗଲାଣି । ସ୍ତ୍ରୀ ଲୋକ ଜଣକ ଘର ଭିତରେ ଥିବା ଛୋଟ ଦର୍ପଣ ସାମ୍ନାରେ ଠିଆ ହେଲା । ଫରୁଆରୁ କିଛି ସିନ୍ଦୂର ଆଣି କପାଳ ଓ ସୁନ୍ଥାରେ ଦେଲା । ମିସେସ୍ ଦାସ ଧୀରେ ଧୀରେ କବାଟ ନକ୍ କଲେ । କବାଟ ଖୋଲିଗଲା ।

ଆଶ୍ଚର୍ଯ୍ୟ ହୋଇ ନାରୀଟି ଚାହିଁ ରହିଲା ତାଙ୍କୁ । ଆରତୀଙ୍କର ବିସ୍ଫୋରଣ ଯେମିତି । ତୁମେ କ'ଣ ଆରଣ୍ୟ ? ନିର୍ବିକାର ଭାବରେ ନାରୀଟି ମୁହଁ ଫେରେଇନେଲା ଓ ସଜେଇବାରେ ଲାଗିଲା କପାଳର ସିନ୍ଦୂର ବିନ୍ଦୁକୁ । ନିରବତା ତାଙ୍କୁ ଅସହ୍ୟ ମନେହେଲା ।

ସେ ଦ୍ୱିତୀୟଥର ପ୍ରଶ୍ନ କଲେ : ତୁମେ ବିବାହିତା, ଅଥଚ... ।

ମିସେସ୍ ଦାସ କିଛି କହିବା ପୂର୍ବରୁ ଲକ୍ଷ୍ୟ କଲେ, ସେଇ ସ୍ତ୍ରୀ ଲୋକଟି ଭିତରକୁ ଯିବାକୁ ସଙ୍କେତ କରୁଛି । ସେ ଘର ଭିତରକୁ ଗଲେ । ଖଣ୍ଡେ ଖଟିଆରେ ପୁରୁଷ ଜଣେ ଶୋଇଛି । ଛିଣ୍ଡା କନ୍ଥା, ପାଖରେ ଲଣ୍ଠନଟାଏ ମିଞ୍ଜିମିଞ୍ଜି ହୋଇ ଜଳୁଛି । କଳା ପଡିଯାଇଥିବା କାଚର ରଙ୍ଗ ଯେମିତି ମିସେସ୍ ଦାସଙ୍କ ଦେହରେ ଲେସି ହୋଇଯାଉଛି । କେଜାଣି କାହିଁକି ନିଜକୁ ସେ ଅସହାୟ ବୋଧ କରୁଥିଲେ ।

ଏହା ଭିତରେ ସ୍ତ୍ରୀ ଲୋକ ଜଣକ ଖଟିଆ ଉପରେ ବସିପଡି ଶୋଇଥିବା ପୁରୁଷ ଉପରୁ ମଶା ଘଉଡାଇ କହିଲା : ଏଇ ମୋର ସ୍ୱାମୀ । ପକ୍ଷାଘାତ ରୋଗୀ । ମୋର ମନପ୍ରାଣ ସବୁକୁ ଢାଳି ଦେଇଛି ତାଙ୍କରି ପାଦ ତଳେ । ତାଙ୍କର ଆଦେଶ ପାଳନ ହିଁ ମୋର ଧର୍ମ । ଶୋଇ ପଡିଥିବା ଲୋକର ଦେହ ଓ ମୁଣ୍ଡରେ ହାତ ବୁଲାଇ ବୁଲାଇ ଆଖିରୁ ତା'ର ବୋହି ଆସୁଥିବା ଲୁହ କେଇ ଟୋପାକୁ ପଣତ କାନିରେ ପୋଛିନେଲା ।

ମିସେସ୍ ଦାସ ଅନୁଭବ କଲେ, ସତେକି ତାଙ୍କ ଦେହରେ ଭୀଷଣ ଗରମ । ପବନ ପିଟିହେବାକୁ ଆରମ୍ଭ କରୁଛି । ଓଃ– କେତେ ଗରମ ! ଦ୍ରୁତ ଗତିରେ ଘର ଭିତରୁ ବାହାରି ଆସି ଗାଡିର ଆଗ ଗେଟ୍ ଖୋଲି ବସିପଡିଲେ ଏବଂ ଘରମୁହାଁ ହେଲେ ସେ ।

ଭୀଷଣ ଗରମରେ ସେ ଛଟପଟ ହେବାକୁ ଆରମ୍ଭ କଲେ । ଗରମ ଯେମିତି ଧୀରେ ଧୀରେ ବଢିବାରେ ଲାଗିଛି । ସତେକି ତାଙ୍କ ଦେହରେ ଲାଖି ରହିଥିବା ସିନ୍ଥେଟିକ୍ ପୋଷାକଗୁଡିକ ତରଳି ଯାଉଛି ଏବଂ ତାଙ୍କ ଦେହରେ ସେ ଗରମ ତରଳା କେମିକାଲଗୁଡାକ ମେଞ୍ଚା ମେଞ୍ଚା ହୋଇ ଲେସି ହୋଇଯାଉଛି ! ଓଠ–ମୁହଁ–ଦେହ ଯେଉଁଠି ସେ କୃତ୍ରିମ ରଙ୍ଗଟିକକ ଲାଗିଥିଲା, ସେ ଜାଗାଗୁଡିକ ଜଳିବାକୁ ଆରମ୍ଭ କରୁଛି । ତାଙ୍କର ମନେହେଲା, ସତେ ଅବା ତାଙ୍କ ସାମ୍ପୋଲଗା ବାଳ ମୂଳରେ ନିଆଁ ଲାଗିଯାଉଛି । ଓଃ ଭୀଷଣ... ଯନ୍ତ୍ରଣା । ଗାଡିଟାକୁ ଘର ସାମ୍ନାରେ ରଖିଦେଇ ଘର ଭିତରକୁ ଧାଇଁବାକୁ ଲାଗିଲେ । ଦେହରେ ଖଣ୍ଡ ଖଣ୍ଡ କରି ପ୍ରତ୍ୟେକଟି ପରିଧେୟ ଖୋଲି ଫିଙ୍ଗି ଦେଉଥିଲେ ସେ ଜ୍ୱଳନରୁ ରକ୍ଷା ପାଇବାକୁ ।

ମିସେସ୍ ଦାସ ଉଲଗ୍ନ ଅବସ୍ଥାରେ ଧାଇଁ ଧାଇଁ ବାଥ୍‌ରୁମ୍ ଭିତରେ ପଶିଗଲେ ଏବଂ ସାୱାର ଖୋଲି ଦେଇ ସାରିବା ପରେ ମଧ ସେ ଅନୁଭବ କରିପାରୁନଥିଲେ ଯେ ତାଙ୍କ ଦେହରୁ ଜ୍ୱଳନ କମୁଛି ବୋଲି । ଅନେକ ବେଳ ପରେ ଖଣ୍ଡେ ପୁରୁଣା ବନାରସୀ ପାଟ କୁଞ୍ଚ କରି ପିନ୍ଧି ସାରିବା ପରେ, ଲାଲ ଲାଲ ସିନ୍ଦୂରରୁ କିଛି ଆଣି ସୁନ୍ଥାରେ ଓ କପାଳରେ ଦେଲେ । ସେତେବେଳେ ଯାଇ ସେ ଅନୁଭବ କଲେ ତାଙ୍କର ଦେହଟା ଯେମିତି ଥଣ୍ଡା ହୋଇଆସୁଛି ।

ବାଲକୋନିରେ ଠିଆ ହୋଇ ସେ ଚାହିଁ ରହିଥିଲେ ସିନ୍ଦୂରଫଟା ଆକାଶକୁ । ଅପେକ୍ଷା କରୁଥିଲେ ସୂର୍ଯ୍ୟକୁ । ସକାଳକୁ । ଘରଚଟିଆକୁ ।

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୬ ନଭେମ୍ବର ୨୦୨୫ । ଗୁରୁବାର

# ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ ଉତ୍ସବ



**କୋରାପୁଟ:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**


କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ, ଯାହା ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟର ସ୍ମୃତିରେ ପାଳନ କରାଯାଏ। ଏହା କାର୍ତ୍ତିକ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଏହା ଓଡ଼ିଶାର ଏକ ସ୍ୱତନ୍ତ୍ର ପର୍ବ। ବୁଧବାର ସକାଳ ପାଞ୍ଚଟା ସମୟରେ କୋରାପୁଟ ରାଜୀବ ଗାନ୍ଧୀ ପାର୍କ ଭିତରେ ଥିବା ନରେନ୍ଦ୍ର ସରୋବର ଠାରେ ଜିଲ୍ଲାସ୍ତରୀୟ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଆନୁଷ୍ଠାନିକ ଭାବେ ବୋଇତ ଭସାଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଏବଂ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ କୋରାପୁଟ ପୌରପାଳିକାର ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠୀ ଏବଂ ଚେୟାରମ୍ୟାନ୍ ଲଲାଟ ରଞ୍ଜନ ସେଠି ପ୍ରମୁଖ ଉପସ୍ଥିତ ରହି ଡଙ୍ଗା ଭସାଇଥିଲେ। ବୋଇତ ବନ୍ଦାଣ ଉତ୍ସବରେ ଭକ୍ତମାନେ ନଦୀ, ପୁଷ୍କରିଣୀ ଏବଂ ଜଳାଶୟରେ ଏକାଠି ହୋଇ କଦଳୀ ପତ୍ର, କାଗଜ କିମ୍ବା ଥର୍ମୋକୁଲରେ ତିଆରି କ୍ଷୁଦ୍ର ଡଙ୍ଗା ଭସାଇଥାନ୍ତି, ଦୀପ, ଫୁଲ ଏବଂ ଧୂପକାଠିରେ ସଜ୍ଜିତ। ଏହି ରୀତି ପ୍ରାଚୀନ କଳିଙ୍ଗ ବାଣିଜ୍ୟିକ ନୌଯାତ୍ରା ପରମ୍ପରାକୁ ସମ୍ମାନ କରେ ଯେଉଁମାନେ ବାଣିଜ୍ୟ ପାଇଁ ଦୂର ଦେଶକୁ ଜାହାଜରେ ଯାତ୍ରା କରୁଥିଲେ। ଏହି ପର୍ବ ଓଡ଼ିଶାର ଐତିହାସିକ ସଂଯୋଗକୁ ପାଳନ କରେ ଏବଂ ସମୃଦ୍ଧି ଏବଂ ଆଧ୍ୟାତ୍ମିକ ମଙ୍ଗଳ ପାଇଁ ପ୍ରାର୍ଥନା ଭାବରେ କାର୍ଯ୍ୟ କରେ। କାର୍ତ୍ତିକ ପୂର୍ଣ୍ଣିମା ହେଉଛି କୃତଜ୍ଞତା ଏବଂ ଦୁଃଖକୁ ସହାବସ୍ଥାନ କରିବାକୁ ଅନୁମତି ଦେବା। ଏହା ଦ୍ୱାରା ପରିବାରଗୁଡ଼ିକ ଏକାଠି ହେବା, ପାରମ୍ପରିକ ପୂଜା କରିବା ଏବଂ ନିରାପଦ ପଥ ପାଇଁ ପ୍ରାର୍ଥନା କରିବାର ସମୟ। ଡଙ୍ଗାଗୁଡ଼ିକୁ ଦୀପ, ଫୁଲ ଏବଂ ଧୂପକାଠିରେ ସଜାଯାଇଥାଏ, ଯାହା ଯାତ୍ରା ପାଇଁ ଆଲୋକ ଏବଂ ଆଶୀର୍ବାଦକୁ ସୂଚିତ କରିଥାଏ। ପାରମ୍ପରିକ ଗୀତ ଏବଂ ସଂକୀର୍ତ୍ତନ ଭକ୍ତମାନେ ପାରମ୍ପରିକ ରୀତିନୀତିରେ କରନ୍ତି, 'ଆ କା ମା ବୋଇ ପାନ ଗୁଆ ତୋର ମାସକର ପୂନ୍ୟ ମୋର' ପରି ଗୀତ ଗାଇ ସମୃଦ୍ଧି ଏବଂ ମଙ୍ଗଳ ପାଇଁ ପ୍ରାର୍ଥନା କରନ୍ତି। ସାମଗ୍ରିକ ଭାବରେ, କାର୍ତ୍ତିକ ପୂର୍ଣ୍ଣିମା ହେଉଛି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ସାମୁଦ୍ରିକ ପରମ୍ପରା ଏବଂ ସମୁଦ୍ର ସହିତ ସମ୍ପ୍ରଦାୟର ସଂଯୋଗର ଏକ ଉତ୍ସବ।

**ବୁଗୁଡ଼ା:** ଧର୍ମ ମାସ କାର୍ତ୍ତିକର ପୂର୍ଣ୍ଣିମାରେ ବୁଗୁଡ଼ା ଅଞ୍ଚଳର ବାଘୁଆ ନଦୀ ଏବଂ ବିଭିନ୍ନ ପୁଷ୍କରିଣୀରେ ବୋଇତ ବନ୍ଦାଣ ପର୍ବ ପାଳନ ସାଙ୍ଗକୁ ଠାକୁର ଦର୍ଶନ ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ବହୁ ଭକ୍ତଙ୍କ ସମାଗମ ପରିଲକ୍ଷିତ



ହୋଇଥିଲା। ଶୃଙ୍ଖଳାରେ ଦର୍ଶନ ପାଇଁ ଭକ୍ତମାନେ ଲମ୍ବା ଧାଡିରେ ଠିଆ ହୋଇ ଠାକୁର ଦର୍ଶନ କରିଥିଲେ। ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ବୁଦ୍ଧଖୋଲ ଗେଟଠାରୁ ମନ୍ଦିର ପର୍ଯ୍ୟନ୍ତ ସ୍ଥାନେ ସ୍ଥାନେ ସ୍ୱେଚ୍ଛାସେବୀ ଓ ପୋଲିସ ନିୟୋଜିତ ଥିଲେ। ଘାଟି ରାସ୍ତାରେ ବାଇକ ଗୁଡିକର ରହଣି ବ୍ୟବସ୍ଥା କରାଯାଇ ଥିବାରୁ ଭକ୍ତମାନେ ଗାଡି ରଖି ପ୍ରାୟ ୩ କିଲୋମିଟର ରାସ୍ତା ଚ଼ାଲି ଚ଼ାଲି କିମ୍ବା ପାହାଚ଼ ଚ଼ଢି ପଞ୍ଚ ମହାଦେବଙ୍କୁ ଦର୍ଶନ କରିଥିଲେ। ବୁଦ୍ଧଖୋଲ ସମେତ କୁବେରେଶ୍ୱର ଓ ଆମ୍ବିଳିଝରର ଲୋକନାଥେଶ୍ୱର, ବାଲିପଦରସ୍ଥ ନୀଳକଣ୍ଠେଶ୍ୱର, ବେତାରସିଂର ସପ୍ତେଶ୍ୱର ମନ୍ଦିର, ଉଦିପୁରର କପିଳେଶ୍ୱର ଆଦି ଶୈବପୀଠ ସାଙ୍ଗକୁ ବୁଗୁଡାର ବଳଦେବ ମନ୍ଦିର, ବିରଞ୍ଚି ନାରାୟଣ ମନ୍ଦିର, ସୋମନାଥ ମନ୍ଦିର, ଗୋପୀନାଥ ମନ୍ଦିର, ବାଲୁଙ୍କେଶ୍ୱର ମନ୍ଦିର ଓ ରଘୁନାଥ ମନ୍ଦିରରେ ମଧ୍ୟ ଭକ୍ତଙ୍କ ଗହଳି ଲାଗି ରହିଥିଲା। ଅନ୍ୟପକ୍ଷରେ ବୁଗୁଡ଼ା, ବିରଞ୍ଚିପୁର, ଗୋଳିଆ ଆଦି ଗ୍ରାମ ସମେତ ବିଭିନ୍ନ ଗ୍ରାମରେ ଆୟୋଜିତ ନାମଯଜ୍ଞ ଗୁଡ଼ିକରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା।

**ବାଙ୍କୀ:** ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ଗ୍ରାମରେ ନବମ ବର୍ଷ ବୋଇତ ବନ୍ଦାଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୈଦ୍ୟେଶ୍ୱର ଛକ ଠାରୁ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ମହାନଦୀ କୂଳସ୍ଥ ରାମନାଥ ପୀଠ ଠାରେ ପହଞ୍ଚିଥିଲା। ସେଠାରେ ସାଧବ ପୁଅମାନଙ୍କୁ ସାଧବ ବୋହୂ ଓ ତଅପୋଇ ବନ୍ଦାପନା କରି ବୋଇତରେ ବସିଥିଲେ। ଏହି ବୋଇତ ବନ୍ଦାଣ ମହୋତ୍ସବକୁ ମୁଖ୍ୟଅତିଥି ଭାବେ କବି କୌଶିକ ନାୟକ ଓ ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ସୁରଞ୍ଜନ ପଣ୍ଡା ଓ କବି



ରବିନାରାୟଣ ମଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଅନଷ୍ଠିତ ହୋଇଥିଲା। ରାମନାଥ ଘାଟ ଠାରୁ ନୌକାରେ ସାଧବ ପୁଅମାନେ ମହାନଦୀରେ ଜଳଯାତ୍ରା କରି ବୈଦ୍ୟେନାଥ ଘାଟରେ ନୌକାରୁ ଓହ୍ଲାଇବା ପରେ ସାଧବ ବୋହୂମାନେ ବନ୍ଦାପନା କରି ବୈଦ୍ୟନାଥ ପୀଠକୁ ପାଛୋଟି ନେଇଥିଲେ। ବୈଦ୍ୟନାଥ ପୀଠରେ ଚଳିତ ବର୍ଷ ତ୍ରିକୂଟ ମହୋତ୍ସବ ହେଉଥିବା ପେଣ୍ଡାଲରେ ଏକ ସଭା ଆୟୋଜନ କରାଯାଇଥିଲା। ମହୋତ୍ସବ କମିଟିର ସଭାପତି ତଥା ସରପଞ୍ଚ ସୁରଞ୍ଜନ ପଣ୍ଡା ଉକ୍ତ ସଭାରେ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କବି କୌଶିକ ନାୟକ ଯୋଗଦେଇ ନୌବାଣିଜ୍ୟ ପରମ୍ପରା ବୈଦ୍ୟେଶ୍ୱର ପାଇଁ ଗୌରବର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ତଥା ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ବୈଦ୍ୟେଶ୍ୱର ମାଟିର ପୁରାତନ ଐତିହ୍ୟ, ସଂସ୍କୃତି ଓ ନୌବାଣିଜ୍ୟ କେନ୍ଦ୍ର ଉପରେ ଆଲୋକପାତ କରିଥିଲେ। ବୈଦ୍ୟେଶ୍ୱର ତ୍ରିକୂଟ ମହୋତ୍ସବର ସଂପାଦକ ରବିନାରାୟଣ ମଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିବା ସହିତ ବୈଦ୍ୟେଶ୍ୱର ପୀଠର ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ସୁବିତ୍ କୁମାର ପଟ୍ଟନାୟକ, ଜୟକୃଷ୍ଣ ସାହୁ, ପ୍ରେମାନନ୍ଦ ବେହେରା, ଅଯୋଧ୍ୟା ବର୍ମା, ଜୟଦେବ ସାମନ୍ତରାୟ, ବୈଦ୍ୟନାଥ ଯୁବପରିଷଦ ସଭାପତି ବ୍ରଜବନ୍ଧୁ ପାତ୍ର, ସଂପାଦକ ପୀରନାଥ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହଯୋଗ କରିଥିଲେ। ଶେଷରେ ଚୌଧୁରୀ ସରୋଜ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂ. କିଶୋର କୁମାର ଦାସଙ୍କ ପୁସ୍ତକ 'ପଜିଟିଭ ଫିଲିଙ୍ଗସ୍' ଉନ୍ମୋଚିତ

**ଭୁବନେଶ୍ୱର:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଇଂରାଜୀ କବି କିଶୋର କୁମାର ଦାସଙ୍କ ଦ୍ୱାରା ରଚିତ 'ପଜିଟିଭ ଫିଲିଙ୍ଗସ୍' କବିତା ପୁସ୍ତକ ସୋମବାର ଭୁବନେଶ୍ୱରର ଏକ ଘରୋଇ ହୋଟେଲରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଇଂରାଜୀ ବିଭାଗର ପ୍ରଫେସର ଅସୀମ ରଞ୍ଜନ ପାଢ଼ୀ, ଓଡ଼ିଆ ଭାଷା ଗବେଷଣା କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡ଼କ୍ଟର ବସନ୍ତ କୁମାର ପଣ୍ଡା ଏବଂ ପିଆଇବି ଭୁବନେଶ୍ୱରର ଅଧିକାରୀ ତଥା ବିଶିଷ୍ଟ ଆଧାତ୍ମବାଦୀ ଲେଖକ ଡକ୍ଟର ପ୍ରଦୀପ କୁମାର ଚୌଧୁରୀ ଏବଂ ବିନୋଦ ବିହାରି ବିଷୋଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଏହି ପୁସ୍ତକକୁ ଉନ୍ମୋଚ଼ନ କରିଥିଲେ।

ଏହି ସଂକଳନରେ ସ୍ଥାନିତ କବିତାଗୁଡ଼ିକ ଉପରେ ଆଲୋଚନା କରି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି କହିଲେ ଯେ, ଆମର ବେଦ ଉପନିଷଦରେ ସକାରାତ୍ମକ ଭାବନାକୁ ଭିନ୍ନ ଶୈଳିରେ ଓ ଅର୍ଥରେ ନାନାଦି କ୍ଷେତ୍ରରେ ବାଖ୍ୟା କରାଯାଇଛି। ତାହା ସୁଖଦୁଃଖର ଅନୁଭବ ଠାରୁ ଚିଦାନନ୍ଦ ମାନସିକତା ପର୍ଯ୍ୟନ୍ତ ପରିବ୍ୟାପ୍ତ। ପ୍ରଫେସର ଅସୀମ ପାଢ଼ୀ କହିଲେ ଯେ ସଂକଳନରେ ସ୍ଥାନ ପାଇଥିବା କବିତାଗୁଡ଼ିକରେ




କବି ଶ୍ରୀ ଦାସ ନିଜର ଅନୁଭବ ଓ ଉପଲବ୍ଧିକୁ ସୁନ୍ଦର ଭାବରେ ପ୍ରତିଫଳିତ କରିଛନ୍ତି। ଏହାର ଉଦାହରଣ ଦେଇ ସେ କହିଥିଲେ ଯେ, କବି ଜଣେ ସାଧାରଣ ବ୍ୟକ୍ତି ଭାବରେ ଜୀବନ ବଂଚିବା ଓ ତାହାର ସ୍ୱାଦକୁ ଅନୁଭବ କରିବାର ଅବତାରଣା କରିଛନ୍ତି। କବି ସାହିତ୍ୟ ସାଧନାରୁ ବାହାରି ସମାଜ ତଥା ଜୀବନରେ ଅନୁଭବ କରୁଥିବା ସମସ୍ୟା ଓ ତା'ର ସମାଧାନ ଦିଗରେ ଆଲୋକପାତ କରିଛନ୍ତି। ଅନ୍ୟତମ ସମୀକ୍ଷକ ଡ଼ଃ ପ୍ରଦୀପ କୁମାର ଚୌଧୁରୀ କହିଥିଲେ କବିତା ଜଣେ ସୃଜନ ସ୍ରଷ୍ଟାର ଅନ୍ତରରୁ ନିଃସୃତ ହୋଉଥିବା ବିଶୁଦ୍ଧଭାବନା। ଉଭୟ ସ୍ରଷ୍ଟା ଓ ପାଠକ ତଥା ସମାଜକୁ ଶୁଦ୍ଧ କରିବାରେ ସହାୟକ ହୋଇଥାଏ। କାର୍ଯ୍ୟକ୍ରମର ଅନ୍ୟ ଅଲୋଚକ ଭାବେ ନିଜର ବକ୍ତବ୍ୟ ରଖି ଡ଼. ବସନ୍ତ କୁମାର ପଣ୍ଡା ଭାରତୀୟ ଦର୍ଶନର ନ୍ୟାୟ ଓ ମୀମାଂସା ଏବଂ ଭଗବତଗୀତାର ଅବତାରଣା କରିଥିଲେ। ମଣିଷ ଏକ ଶୁଦ୍ଧ ଓ ଆନନ୍ଦମୟ ଜୀବନ ବଂଚିବାର ପକ୍ରିୟାରେ ତା'ର ସମସ୍ତ ଶ୍ରମ ଓ ସାଧନ ଉପଯୋଗ କରିଥାଏ। ତେଣୁ ଆଜିର କୋଳାହଳମୟ ଦୁନିଆରେ ସମସ୍ତେ ଚେନାଏ ସକାରାତ୍ମକ ଭାବନା ଓ ଆନନ୍ଦ ପାଇଁ ପ୍ରୟାସରତ ବୋଲି ମତ ପୋଷଣ କରିଥିଲେ। ପ୍ରାରମ୍ଭରେ କବି ଶ୍ରୀ ଦାସ ନିଜ ସୃଜନ ଜୀବନ ପାଇଁ ପାଇଥିବା ପ୍ରେରଣା ଏବଂ ପ୍ରକୃତି ପ୍ରତି ନିଜ ମନର ଆକର୍ଷଣକୁ ବେଶ୍ ସାବଲୀଳ ଭାବେ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ତୁଷାର ଚରଣ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଲେଖକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଭଦ୍ରକ:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ଚ଼ିକିତ୍ସାଳୟ ଓ ଗାନ୍ଧୀ ଓଡ଼ିଶା ବଳଶ୍ରମ୍, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ କାର୍ଯ୍ୟାଳୟ ଅଧିକାରୀ, ବରିଷ୍ଠ ନାଗରିକ ତଥା ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନେ ଯୋଗଦେଇଥିଲେ। ବୃକ୍ଷ ରୋପଣ ପରେ ଗାନ୍ଧୀ ଓଡ଼ିଶା ବଲାଶ୍ରମ୍‌ର ଅନ୍ତେବାସୀମାନଙ୍କୁ ନେଇ ଏକ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପିଲାମାନଙ୍କୁ ସଞ୍ଚୟର ମହତ୍ତ୍ୱ ବୁଝାଇ ଥିଲା ଓ ପିଲାମାନଙ୍କୁ ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ। ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲାମାନଙ୍କୁ ସଞ୍ଚୟ କରିବା ପ୍ରେରଣା ଦେଇଥିଲେ। ସଭା ଶେଷରେ ପିଲାମାନଙ୍କୁ କୁମ୍ଭି ବା କଏନ ବକ୍ସ ପ୍ରଦାନ କରାଯାଇ ଥିଲା। ଏହି ସଭାରେ ପ୍ରାୟ ୮୦ ଜଣ ପିଲା, ଅଭିଭାବକ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ।

# ୭ଦିନ ବ୍ୟାପି ଐତିହାସିକ କେନ୍ଦ୍ରାପଡା ବାଲିଯାତ୍ରା

**କେନ୍ଦ୍ରାପଡ଼ା:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତିବର୍ଷ ପରି ଚଳିତ ବର୍ଷ ନଭେମ୍ବର ୫ ରୁ ୧୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ନୂଆ ବସ ଷ୍ଟାଣ୍ଡ ସାମ୍ନା ଗୋବରୀ ନଦୀପଠା ଗୁଲନଗର ସୁଜାନଗର ଓ ଗରାପୁର ଉପକଣ୍ଠ ସ୍ଥିତ ବାଲିଯାତ୍ରା ପଡିଆରେ ଐତିହାସିକ କେନ୍ଦ୍ରାପଡ଼ା ବାଲିଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏଥିନିମନ୍ତେ ବାଲିଯାତ୍ରା ପଡିଆରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲିଯାତ୍ରା ମହୋତ୍ସବ କମିଟିର ସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ ସଞ୍ଜୟ କୁମାର ଜେନା, ଉପସଭାପତି ଅଭିମନ୍ୟୁ ଗୋଛାୟତ, ଧୀରେନ୍ଦ୍ର କୁମାର ଦାସ ଓ ମିଡ଼ିଆ ସେଲ ସଂଯୋଜକ ଅଲେଖ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ ଓ ପତ୍ରିକା ସମ୍ପାଦକ ଶୁଭାଂଶୁ କୁମାର ଦାସ ପ୍ରମୁଖ ଯୋଗଦେଇ କହିଲେ ଯେ, ଚଳିତ ବର୍ଷ ବାଲିଯାତ୍ରା ମହୋତ୍ସବରେ ଜିଲ୍ଲା, ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ, କସମେଟିକ ସାମଗ୍ରୀ, ଘରୋଇ ଉପକରଣର ଷ୍ଟଲମାନଙ୍କ ସହ ଉପଲବ୍ଧ ହେବ। ଏହା ସହିତ ପିଲା ମାନଙ୍କ ପାଇଁ ମିନା ବଜ଼ାରରେ ରାମଦୋଳୀ, ମ୍ୟାଜିକ, ବ୍ରେକ ଡ୍ୟାନ୍ସ, ଡ୍ରାଗନ ଟ୍ରେନ ଇତ୍ୟାଦିରେ ମଜା ଉଠାଇବାର ସୁଯୋଗ ମିଳିବ। ଦେଶୀୟ ତଥା ବିଦେଶୀ ସୁସ୍ୱାଦୁ ଖାଦ୍ୟର ଷ୍ଟଲମାନ ଦର୍ଶକମାନଙ୍କୁ ଆକର୍ଷିତ କରିବ। ଏହା ସହିତ ପ୍ରତିଦିନ ସନ୍ଧ୍ୟାରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତୃବୃନ୍ଦ, ଲବ୍ଧ ପ୍ରତିଷ୍ଠିତ ସାହିତ୍ୟିକ, କବି, ଲେଖକ ଓ ସମାଜ ସେବୀମାନଙ୍କ ଯୋଗଦାନ ମହୋତ୍ସବର ଶୋଭା ବର୍ଦ୍ଧନ କରିବ। ସବୁଠାରୁ ଆକର୍ଷଣୀୟ ବାଲିଯାତ୍ରା ମହୋତ୍ସବର ମୁଖପତ୍ର 'ସ୍ମୃତିର ବୋଇତ' ଉନ୍ମୋଚନ କରାଯିବ। ପ୍ରତିଦିନ ସଂନ୍ଧ୍ୟାରେ ବାଲିଯାତ୍ରା ମଞ୍ଚରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ନୃତ୍ୟ ସଂଗୀତର ପ୍ରତିଯୋଗିତା ମାନ ସହିତ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ପାଇକ ଆଖଡ଼ା, ଘୋଡାନାଚ, କଣ୍ଢେଇ ନାଚ, ପାଲା, ଦାସକାଠିଆ, ମେଲୋଡି କାର୍ଯ୍ୟକ୍ରମମାନ ଦର୍ଶକ ମାନଙ୍କ ମନ ମୋହିବ। ଚଳିତ ବର୍ଷ ସମସ୍ତ ଦଳର ନେତୃବୃନ୍ଦ, ସମାଜସେବୀ, ଅଧ୍ୟାପକଙ୍କୁ ନେଇ 'ମୋ ସ୍ୱପ୍ନର କେନ୍ଦ୍ରାପଡ଼ା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାବାସୀ ନିଜ ପରିବାର ସହ ଏହି ବାଲିଯାତ୍ରା ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦାନ କରି ମଜା ଉଠାଇବାକୁ ସଭାପତି ଶ୍ରୀ ଦାଶ ଅନୁରୋଧ କରିଛନ୍ତି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ରାଜନଗର:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ରପ୍ରସାଦ ରାଉତ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଷଚନ୍ଦ୍ର ଗୁଡିଆ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ସଂଗ୍ରାମ ବେଉରା, ବିଡିଓ ଅନିରୁଦ୍ଧ ବେହେରା, ସରପଞ୍ଚ ଅଶୋକ କୁମାର ମହାନ୍ତି ସାମିଲ ହୋଇଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ, ମାନସିକ, ଶ୍ରବଣବାଧିତ, ଶିଶୁରୋଗ ଓ ଦୃଷ୍ଟି ବାଧିତ ଭିନ୍ନକ୍ଷମମାନଙ୍କ ପାଇଁ ୬ଟି ପିକରଣ କେନ୍ଦ୍ର କରାଯାଇଥିଲା। ଅସ୍ଥିଶଲ୍ୟରେ ୧୭୭ଜଣ ପିକରଣ କରିଥିବା ବେଳେ ୧୭୦ଜଣଙ୍କୁ ପରୀକ୍ଷା କରାଯାଇଥିଲା। ମାନସିକ ଅନଗ୍ରସର ବିଭାଗରେ ୧୧୬ଜଣ ପିକରଣ କରିଥିବା ବେଳେ ୮୯ଜଣଙ୍କୁ ପରୀକ୍ଷା କରାଯାଇଥିଲା। ଶ୍ରବଣବାଧିତ ପାଇଁ ୬୩ଜଣ ପିକରଣ କରିଥିବା ବେଳେ ୫୯ଜଣଙ୍କର ପରୀକ୍ଷା କରାଯାଇଥିଲା। ସେହିପରି ଦୃଷ୍ଟିବାଧିତ ପାଇଁ ୫୫ଜଣ ପିକରଣ କରିଥିବା ବେଳେ ୫୨ଙ୍କର ପରୀକ୍ଷା କରାଯାଇଥିଲା। ଭେଷଜ ବିଭାଗରେ ୮୧ଜଣ ପିକରଣ କରିଥିବା ବେଳେ ୭୪ଜଣ ଡାକ୍ତରୀ ପରୀକ୍ଷା କରାଇଥିଲେ। ମୋଟ ୫୩୦ଜଣ ଏହି ଶିବିରରେ ପିକରଣ କରିଥିବା ବେଳେ ୪୮୨ଜଣଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଏହି ଭିନ୍ନକ୍ଷମମାନଙ୍କୁ ସେମାନଙ୍କ ଉପଯୋଗୀ ଉପକରଣ ପରବର୍ତ୍ତୀ ସମୟରେ ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ଏହି ଶିବିରରେ ଡାକ୍ତର ପ୍ରଶାନ୍ତକୁମାର ସାହୁ, ଡାକ୍ତର ଅଭିଷେକ ଦ୍ୱିବେଦୀ, ଡାକ୍ତର ସଂଜୀବକୁମାର ସେଠୀ, ଡାକ୍ତର ଶ୍ରୀକାନ୍ତକୁମାର ସ୍ୱାଇଁ, ଡାକ୍ତର ରଶ୍ମିରଂଜନ ମହାନ୍ତି, ଡାକ୍ତର ଅସିତକୁମାର ବିଶ୍ୱାଳ, ଡାକ୍ତର ସତ୍ୟସୁନ୍ଦର ବିଶ୍ୱାଳ, ଡାକ୍ତର ସଚ୍ଚିଦାନନ୍ଦ ନାୟକଙ୍କ ସହ ଚନ୍ଦନ ବେହେରା, ସତ୍ୟବ୍ରତ ଜେନା, ସ୍ୱପ୍ନମରୀ ଦାଶ, ଶ୍ରଦ୍ଧାଳୀ ମହାନ୍ତି ପ୍ରମୁଖ ଡାକ୍ତରୀ ଦଳ ଭିନ୍ନକ୍ଷମମାନଙ୍କୁ ପରୀକ୍ଷା କରିଥିଲେ।

# ଏକତା ଦୌଡ ପଦଯାତ୍ରା କାର୍ଯ୍ୟକ୍ରମ




**ଜଗତସିଂହପୁର:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ସାଂସଦ, ଜଗତସିଂହପୁର ବିଭୂ ପ୍ରସାଦ ତରାଇ ମହୋଦୟ ଏକତା ଦୌଡ଼ ପଦଯାତ୍ରା କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରେସ ବିଜ୍ଞପ୍ତି ଦେଇଥିଲେ। ସେ କହିଥିଲେ ଯେ ଚଳିତବର୍ଷ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଶତ ବାର୍ଷିକ ପାଳନ ହେଉଅଛି। ତାଙ୍କର ଏକତା, ଦେଶ ପ୍ରେମ ଓ ସେବାକୁ ସ୍ମରଣୀୟ କରିବା ପାଇଁ ରାଜ୍ୟବ୍ୟାପୀ ବିଭିନ୍ନ ଉତ୍ସବ ସମାରୋହର ଯୋଜନା କରାଯାଇଛି। ଏହି ଉତ୍ସବର ଅଂଶ ଭାବେ ସମସ୍ତ ଜିଲ୍ଲାରେ ଏକତା ପଦଯାତ୍ରା ଆୟୋଜିତ କରାଯାଉଛି। ଜଗତସିଂହପୁର ଜିଲ୍ଲାରେ ଏହି ଏକତା ପଦଯାତ୍ରା ଆସନ୍ତା ୧୯ ନଭେମ୍ବର ୨୦୨୫ ଜଗତସିଂହପୁର ଠାରେ ଓ ୨୧ ନଭେମ୍ବର ୨୦୨୫ ପାରାଦୀପ ଠାରେ ସକାଳ ୭ ଘଟିକାରେ ଅନୁଷ୍ଠିତ ହେବାକୁ ଯାଉଛି। ସମାଜର ସମସ୍ତ ବର୍ଗର ଲୋକମାନଙ୍କ ମନରେ ରାଷ୍ଟ୍ର ଗଠନ, ଏକତା ଓ ଆତ୍ମ ନିର୍ଭରଶୀଳତା ଜାଗ୍ରତ କରାଇ ଏକ ଭାରତ-ଆତ୍ମ ନିର୍ଭର ଭାରତ ଗଠନରେ ସମସ୍ତଙ୍କୁ ସାମିଲ କରିବା ଏହାର ଲକ୍ଷ୍ୟ। ପଦଯାତ୍ରାଟି ଜଗତସିଂହପୁର ଠାରେ ଆଲିପିଙ୍ଗଳରେ ଏକ ଆୟୋଜିତ ଉତ୍ସବ ଆରମ୍ଭ ହୋଇ ଅଳକା ଆଶ୍ରମ, ଏସଭିଏମ କଲେଜ ହୋଇ ଜିଲ୍ଲପାଳଙ୍କ କାର୍ଯ୍ୟାଳୟଠାରେ ଏକ ସମାପନୀ ଉତ୍ସବ ସହିତ ଶେଷ ହେବ। ବିଭିନ୍ନ ବର୍ଗର ପ୍ରାୟ ୧୦୦୦ରୁ ୧୫୦୦ଜଣ ଅଂଶ ଗ୍ରହଣ କରିବେ। ଉଦଘାଟନ ଓ ଉଦଯାପନୀ ଉତ୍ସବ ସହିତ ଅନ୍ୟ ଦୁଇ ସ୍ଥାନଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରଙ୍ଗୋଲି କରାଯିବ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଏକତା ବିଷୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ଉଦଯାପନୀ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବ। ଏହି ଏକତା ପଦଯାତ୍ରାକୁ ସଫଳ ରୂପାୟନରେ ପରିଣତ କରାଯିବ ବୋଲି ସେ ସମସ୍ତ ଗଣମାଧ୍ୟମକୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ କାର୍ଯ୍ୟକ୍ରମର ସମ୍ୟକ୍ ସୂଚନା ଦେଇଥିଲେ।

# ଗହୀରମଥାରେ କଇଁଛ ସୁରକ୍ଷା ସଚେତନତା

**ରାଜନଗର:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ କାର୍ଯ୍ୟାଳୟ ଶାସନପେଟାଠାରେ କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସହକାରୀ ବନସଂରକ୍ଷକ ମାନସକୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକର ଯୋଗଦେଇ ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥାର ସୁରକ୍ଷା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତନ୍ତିଆପାଳ ସାମୁଦ୍ରିକ ଥାନାଧିକାରୀ କିଶୋର ତରାଇ, ସହକାରୀ ମତ୍ସ୍ୟଅଧିକାରିଣୀ ଶତାବ୍ଦୀ ସୁଭଦ୍ରା ପ୍ରିୟଦର୍ଶିନୀ, ପରିବେଶବିତ୍ ହେମନ୍ତକୁମାର ରାଉତ, ସାମ୍ବାଦିକ ଭାସ୍କର ରାଉତରାୟ, ଅଶୋକକୁମାର ସ୍ୱାଇଁ, ଦୋଳଗୋବିନ୍ଦ ଜେନା, କଳ୍ପତରୁ ସାମଲ ପ୍ରମୁଖ ଯୋଗଦେଇ ସାମୁଦ୍ରିକ କଇଁଛ ଅଲିଭରିଡଲେର ସୁରକ୍ଷା ପାଇଁ ବଡ ବିପଦ ମୁଣାଜାଲ ବା ଗାଜାଲ, ଯାହାକୁ ଟ୍ରଲରମାନେ ବ୍ୟବହାର କରଥାନ୍ତି। ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ଟ୍ରଲରଗୁଡିକୁ କୋଷ୍ଟଗାର୍ଡ, ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ସାମୁଦ୍ରିକ ଥାନା ପୋଲିସ ସହାୟତାରେ ପାଟ୍ରୋଲିଂ କରାଗଲେ ବେଆଇନ ଭାବେ ମାଛ ଧରୁଥିବା ଟ୍ରଲରଗୁଡିକୁ ଜବତ କରାଯାଇପାରନ୍ତା। କେବଳ ବନବିଭାଗ ପାଟ୍ରୋଲିଂ କରୁଥିବା ବେଳେ ଅନ୍ୟ ବିଭାଗ କେବଳ କାଗଜପତ୍ରରେ କାମ ସାରିଦେଉଛି। ବିଶେଷକରି ମହାନଦୀ ମୁହାଁଣରେ ରହୁଥିବା ଟ୍ରଲରଗୁଡିକ ରାତ୍ରିର ଅନ୍ଧକାରରେ ଲାଇଟ ଲିଭାଇ ଗହୀରମଥାକୁ ପ୍ରବେଶ କରି ମାଛ ଧରୁଛନ୍ତି। ସେଠାରେ ଟ୍ରଲରଗୁଡିକୁ ନରଖିବା ପାଇଁ ବନବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ମତ୍ସ୍ୟଜିବୀମାନେ ମତବ୍ୟକ୍ତ କରିଥିଲେ। ଏଥିସହ ମତ୍ସ୍ୟଜିବୀମାନେ ପଲିଥିନ୍ ଓ ଛିଣ୍ଡା ଜାଲ ସମୁଦ୍ରରେ ନପକାଇବାକୁ ମତପ୍ରକାଶ ପାଇଥିଲା। ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସ୍ଥାନୀୟ ଅଞ୍ଚଳର ମତ୍ସ୍ୟଜିବୀଙ୍କ ଜୀବନ ଜିବୀକା ସହ ସଂପର୍କ ଥିବାରୁ ଏହାର ସୁରକ୍ଷା ପାଇଁ ମତ୍ସ୍ୟଜିବୀମାନେ ସବୁମତେ ଉଦ୍ୟମ କରିବେ ବୋଲି ମତ୍ସ୍ୟଜିବୀମାନେ ପ୍ରକାଶ କରିଥିଲେ। ଅପରପକ୍ଷରେ ପେଣ୍ଠ-ବରୁଣେଇ ବେଳାଭୂମିରେ କଇଁଛ ପ୍ରଜନନ ସମୟରେ ଇକୋଟ୍ରିଜ୍ମ୍ ହେବାରୁ ଉଜ୍ଜ୍ୱଳ ଆଲୋକ, ଶବ୍ଦ ପ୍ରଦୂଷଣ ପ୍ରଭାବିତ କରୁଥିବା ବେଳେ ଆବର୍ଜନା ସମୁଦ୍ର ଭିତରେ ପ୍ରବେଶ କରୁଥିବାରୁ ଅଲିଭରିଡଲେ କଇଁଛଙ୍କ ସମୂହ ଅଣ୍ଡାଦାନରେ ବାଧା ସୃଷ୍ଟି ହେଉଛି। ୧୯୭୨ ବନ୍ୟପ୍ରାଣୀ ଆଇନକୁ ଉଲଂଘନ କରି ଇକୋଟ୍ରିଜ୍ମ ହେଉଥିବାରୁ ଏଥିପାଇଁ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଭାରପ୍ରାପ୍ତ ରେ ଅଫିସର କପିଳେନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଫରେଷ୍ଟର ମହନ୍ତକୁମାର ମଲ୍ଲିକ, ସୁରେଶକୁମାର ପୃଷ୍ଟିଙ୍କ ସହ ବନକର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

# ମୁରୁଜ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ଉତ୍ସବ



**ମାହାଙ୍ଗା:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ଗ୍ରାମ ପ୍ରଧାନସାହି ଶ୍ରୀ ଶ୍ରୀ ଅନନ୍ତେଶ୍ୱର ମହାଦେବ ପୀଠରେ 'ପ୍ରଭାକର ମେମୋରିଆଲ' ଆନୁକୂଲ୍ୟରେ ମୁରୁଜ ପ୍ରତିଯୋଗିତା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ସୁରେଶ ଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ସେନା ଅଧିକାରୀ ଅମୀୟ କୁମାର ପ୍ରଧାନ, ମୁଖ୍ୟବକ୍ତାଭାବେ ଶିକ୍ଷାବିତ ଜୟଦେବ ଦାଶ, ସମ୍ମାନୀତ ଅତିଥିଭାବେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଦାଶ, ସମାଜସେବୀ ଜିତେନ୍ଦ୍ର ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଏଭଳି ନିଆରା କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ବିଚାରକ ଭାବେ କୁଆଁପାଳ ଉପ୍ରା ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଦ୍ୟାଧର ସେନାପତି ଓ ବିଜୟ କୁମାର ବରାଳ ଦାୟିତ୍ୱ ତୁଲାଇଥିଲେ। ଦୈତାରୀ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂଗ୍ରାମ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ୩୦ରୁ ଉର୍ଦ୍ଧ୍ୱ ଯୁବତୀ ଓ ମହିଳାମାନେ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିବାବେଳେ ସମସ୍ତ ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଜେନ୍ଦ୍ର ତ୍ରିପାଠୀ, ନଗେନ୍ଦ୍ର ପ୍ରଧାନ, ସତ୍ୟବ୍ରତ ପାଣି, ଭୂପେଶ ସାମଲ, ନିତିଶ ସାମଲ, ଧନଞ୍ଜୟ ସାମଲ, ଧିରେନ୍ଦ୍ର ସାମଲ, ଦୁର୍ଗାମାଧବ ତ୍ରିପାଠୀ, ରଶ୍ମିରଞ୍ଜନ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ମଧୁସୂଦନ ପ୍ରଧାନ, ଅଶ୍ୱିନୀ ସାମଲ, ଅକ୍ଷୟ ସାମଲ, ପବିତ୍ର ପ୍ରଧାନ, ରୁଦ୍ର ପ୍ରକାଶ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

# କନ୍ଦରାସୁର ବଧ ଓ ତୁଳସୀ ବିବାହ ଉତ୍ସବ

**କେନ୍ଦ୍ରାପଡା:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ପୌରାଞ୍ଚଳର ଭଗବାନପୁର ଅଯୋଧ୍ୟାନଗର ସଂଲଗ୍ନ ତୁଳସୀ ମନ୍ଦିର ପରିସରରେ କନ୍ଦରାସୁର ବଧ ଓ ତୁଳସୀ ବିବାହ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି। ପବିତ୍ର ଗରୁଡ ଦ୍ୱାଦଶୀ ତିଥିରେ ମହାପ୍ରଭୁ ଶ୍ରୀ ବଳଦେବଜୀଉ କନ୍ଦରାସୁରକୁ ବଧ କରିବା ସହ ତାର କନ୍ୟା ତୁଳସୀକୁ ବିବାହ କରିଥିଲେ ବୋଲି ପୌରାଣିକ ଓ ଧାର୍ମିକ ମତକୁ ଆଧାର କରି ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ତୁଳସୀ ମନ୍ଦିରରେ ପରମ୍ପରା ପାଳନ କରାଯାଇ ଆସୁଛି। ଶ୍ରୀ ବଳଦେବଜୀଉଙ୍କ ଚଳନ୍ତି ବିଗ୍ରହ ସ୍ୱତନ୍ତ୍ର ବିମାନରେ ଇଛାପୁରରୁ ଶୋଭାଯାତ୍ରାରେ ଆସି ତୁଳସୀ ମନ୍ଦିରରେ ପହଁଚି ଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସମାଜସେବୀ ରଂଜିତ୍ ସାହୁ କନ୍ଦରାସୁର ପ୍ରତିମୂର୍ତ୍ତିରେ ଅଗ୍ନି ସଂଯୋଗ କରିଥିଲେ। ଏହାପରେ ମନ୍ଦିରରେ ତୁଳସୀ ବିବାହ ଅନୁଷ୍ଠିତ ହୋଇଥିଲା। ୮ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ କନ୍ୟା ପିତା ଭାବେ ବିବାହ କାର୍ଯ୍ୟ ସଂପନ୍ନ କରିଥିବା ବେଳେ ପୂଜା ପଣ୍ଡା ଭଗବାନ କର ବର ପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ, କ୍ରେଡିଟ କୋ ଅପରେଟିଭ ସୋସାଇଟର ସଂପାଦକ ଅରବିନ୍ଦ ସାହୁ, କାଉନସିଲର ନିରାକାର ସ୍ୱାଇଁ, ପୂର୍ବତନ କାଉନସିଲର ଦେବେନ୍ଦ୍ର ରାଉତ, ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଦିପ୍ତ ମହାନ୍ତି, ବରିଷ୍ଠ ସାମ୍ବାଦିକ ରବି ନାରାୟଣ ପତି, ଦୁର୍ଗା ପ୍ରସାଦ ପତି, ଶଙ୍କର୍ଷଣ ପଣ୍ଡାଙ୍କ ସମେତ ସ୍ଥାନୀୟ ବହୁ ଯୁବ ନେତା, ମହିଳା ଓ ଗ୍ରାମାବସୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ବୁଗୁଡ଼ା:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁତିକୃଷ୍ଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିର ଅବସରରେ ମାତ୍ର ବ୍ୟକ୍ତିଗତ ୭ଟି ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଗୁଡିକର ସମାଧାନ ହୋଇଥିଲା। ଉକ୍ତ ଶିବିରରେ ସିଡିପିଓ ବବିତା କୁମାରୀ ପଣ୍ଡା, ବାଘୁଆ ଜଳସେଚ଼ନ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱ ଜୀବନ ମହାପାତ୍ର, ଏଟିଓ ସୁନନ୍ଦ ଶେଖର ସାହାଣୀ, କୃଷି ଅଧିକାରୀ ହରପ୍ରିୟା ବେହେରା, ଆରଡବ୍ଲୁଏସଏସ ଯନ୍ତ୍ରୀ ରାମା ରାଓ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଜ୍ୟୋତିଷ ପଟ୍ଟନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ପଦ୍ମବେଶରେ ଦର୍ଶନ ଦେଲେ ଶ୍ରୀଜଗନ୍ନାଥ

**ଖଣ୍ଡପଡ଼ା:୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ଖଣ୍ଡପଡ଼ା ସହରର ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପଦ୍ମ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କର ଏହି ମନୋଲୋଭା ବେଶ ଦର୍ଶନ ନିମନ୍ତେ ସନ୍ଧ୍ୟା ଆଳତି ସମୟରେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କର ନୀତିକାନ୍ତି ଶେଷ ହେବା ପରେ ମନ୍ଦିରର ପୂଜକମାନେ ମହାପ୍ରଭୁଙ୍କୁ ପଦ୍ମ ବେଶରେ ସୁସଜ୍ଜିତ କରିଥିଲେ। ଶ୍ରୀଜଗନ୍ନାଥଜୀଉଙ୍କ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ରାତି ୧୦ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 45-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳରେ ଷ୍ଟ୍ରେନ କ୍ଲାମ୍ପରେ ଫିଡର ତାର ଛିଡ଼ିବାରୁ ଏଡାଇବା ପାଇଁ ଷ୍ଟ୍ରେନ କ୍ଲାମ୍ପରୁ ଫିଡର ତାରକୁ ଅଲଗା ହେବାରୁ ରୋକିବା ପାଇଁ ମାନକ ସମାପ୍ତି ବ୍ୟବସ୍ଥାର ପରିବର୍ତ୍ତନ / ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ (₹):** 1,97,10,244.28, EMD (₹) : 2,48,600.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.07.11.2025ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.21.11.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD),
ଖୋର୍ଦ୍ଧା ରୋଡ଼

PR-763/Q/25-26

**AFFIDAVIT**

By Virtue of an affidavit sworn before Executive Magistrate, Pattamundai, Kendrapara, on Dt. 18.10.2025. I, Rina Khandai Age 38, W/o-Prahalad Khandai, Resident of Village/ Po-Sekhpur, PS - Pattamundai, Dist-Kendrapara, affirm that: My daughter's name and her father's real name is Laxmipriya Khandai D/o-Prahallad Khandai as mentioned in her Birth Certificate vide Regd. No 1075, dt 03.03.2010. But in her Aadhaar Card bearing serial No. 6655 9531 3387 has been wrongly recorded as Laxmipriy Khandai and D/o of Pralada Khandai instead of Laxmipriya Khandai D/o-Prahallad Khandai. In fact Laxmipriya Khandai D/o-Prahallad Khandai and Laxmipriy Khandai and D/o of Pralada Khandai is one and same person in all purpose.

Sd/-
Rina Khandai

## ଏମ୍‌ସିଏଲ୍‌ରେ ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ




**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ୨୭ ଅକ୍ଟୋବରରୁ ନଭେମ୍ବର ୨ ପର୍ଯ୍ୟନ୍ତ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଉପରେ ସତର୍କତା ସଚେତନତା ସପ୍ତାହ-୨୦୨୫ ଆୟୋଜନ କରିଥିଲା। ଏହି ସମାପନ ଦିବସ ସୋମବାର ଦିନ ସମ୍ବଲପୁରସ୍ଥିତ କମ୍ପାନୀ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏମସିଏଲର ଅଧ୍ୟକ୍ଷ-ସହ-ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥି ଥିଲେ। ଏଥିରେ କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ), ପି.କେ. ପଟେଲ, ମୁଖ୍ୟ ସତର୍କତା ଅଧିକାରୀ, ଏ.କେ. ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ.କେ. ଝା, ନିର୍ଦ୍ଦେଶକ (ବୈଷୟିକ) ମଧ୍ୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମୟରେ, ଅଧ୍ୟକ୍ଷ, ନିର୍ଦ୍ଦେଶକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ମିଳିତ ଭାବରେ ସତର୍କତା ପରାମର୍ଶ ସମ୍ବଳିତ ସତର୍କତା ବୁଲେଟିନ୍-୨୦୨୫ର ତୃତୀୟ ସଂସ୍କରଣ ପ୍ରକାଶ କରିଥିଲେ। ସପ୍ତାହ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାର ବିଜେତାମାନଙ୍କୁ - ସ୍କୁଲ ଛାତ୍ରଛାତ୍ରୀ, ଏମସିଏଲ କର୍ମଚାରୀ ଏବଂ ସେମାନଙ୍କ ପରିବାର ସମେତ ପ୍ରମାଣପତ୍ର ଏବଂ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ, ସମ୍ବଲପୁରର ଏକ ନାଟ୍ୟ ଗୋଷ୍ଠୀ ସଚ୍ଚୋଟତା ଏବଂ ସାମୂହିକ ଦାୟିତ୍ୱର ଗୁରୁତ୍ୱ ଉପରେ ଏକ ଶକ୍ତିଶାଳୀ ନାଟକ ପରିବେଷଣ କରିଥିଲା, ଯାହା ଦର୍ଶକଙ୍କୁ ପ୍ରେରଣା ଦେଇଥିଲା। ସପ୍ତାହ ସାରା, ଏମସିଏଲ ମୁଖ୍ୟାଳୟ ଏବଂ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ସତର୍କତା ସମ୍ପର୍କିତ କାର୍ଯ୍ୟକ୍ରମ ଏବଂ ଜନସଚେତନତା କାର୍ଯ୍ୟକଳାପ ଆୟୋଜନ କରାଯାଇଥିଲା। ସପ୍ତାହଟି ଅଖଣ୍ଡତା ପ୍ରତିଜ୍ଞା ପ୍ରଶାସନ ସହିତ ଆରମ୍ଭ ହୋଇଥିଲା, ତା'ପରେ ସତର୍କତା ରଥ, ଏକ ସାଇକ୍ଲୋଥନ, ଏକ ଗ୍ରାମ ସଭା, ଏକ ବିତର୍କ ବୈଠକ, କୁଇଜ୍ ଏବଂ ପ୍ରବନ୍ଧ ପ୍ରତିଯୋଗିତା, ଏବଂ ସମ୍ବଲପୁର ଆଖପାଖ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କ ପାଇଁ ନାଟକ, ବିତର୍କ ଏବଂ ଚିତ୍ରକଳା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଥିଲା। ଏମସିଏଲରେ ସତର୍କତା ସଚେତନତା ସପ୍ତାହ ୨୦୨୫ର ସଫଳ ପରିଚାଳନା ସଂଗଠନର ସ୍ୱଚ୍ଛତା, ନୀତିଶାସ୍ତ୍ର ଏବଂ ସଚ୍ଚୋଟତା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶିତ କରେ।

## ଥାନା ଗେଟ ସମ୍ମୁଖ ଦୋକାନ କାନ୍ଥ ଭାଙ୍ଗି ଲୁଟ୍

**ରାଜଗଙ୍ଗପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଗଙ୍ଗପୁର ଥାନା ସମ୍ମୁଖରେ ଥିବା କଂସା ପିତଳ ଦୋକାନର କାନ୍ଥ ଭାଙ୍ଗି ଦୁର୍ବୃତ୍ତ ବାସନକୁସନ ଲୁଟି ନେଇଛନ୍ତି। ରାଜଗଙ୍ଗପୁର ଥାନା ସମ୍ମୁଖରେ ଥିବା ଦୋକାନରେ କାନ୍ଥ ଭାଙ୍ଗି ସାମଗ୍ରୀ ଲୁଟ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରାଜଗଙ୍ଗପୁର ଥାନା ସମ୍ମୁଖରେ ରାଜଗଙ୍ଗପୁର ଗାଁର ବିଜୟ କୁମାର ମହାପାତ୍ର ଦୀର୍ଘବର୍ଷ ହେଲା ବ୍ୟବସାୟ କରି ଆସୁଛନ୍ତି। ତାଙ୍କର କଂସା, ପିତଳ ଓ ଲୁହାଲଡା ସାମଗ୍ରୀ ଦୋକାନ ରହିଛି। ଗତକାଲି ରାତି ପ୍ରାୟ ୩ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଆଜି ସକାଳ ୭ଟାରେ ଆସି ଦୋକାନ ଖୋଲିବା ପରେ ଦୋକାନର ପଛପଟ ଇଟା କାନ୍ଥକୁ ଭାଙ୍ଗି ଦୁର୍ବୃତ୍ତ ଦୋକାନରେ ପଶି ୪୦ ହଜାର ଟଙ୍କାର ପିତଳ ବାସନ ଲୁଟି ନେଇଛନ୍ତି। ଏହା ଦେଖିବା ପରେ ବିଜୟ ରାଜଗଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଆଗରେ ଥିବା ବ୍ୟବସାୟୀ ପ୍ରତିଷ୍ଠାନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ଆଇନ ଶୃଙ୍ଖଳା କିପରି ରହିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ୪ ମାସ ତଳେ ଲଗାତର ଚୋରୀ ରାଜଗଙ୍ଗପୁର ଅଞ୍ଚଳରେ ଚିନ୍ତା ବଢ଼ାଇଥିଲା। ମନ୍ଦିର ଓ ବିଦ୍ୟାଳୟରୁ ଲଗାତର ଚୋରୀ ସତ୍ତ୍ୱେ ପୋଲିସ ଚୋର ଧରିବାରେ ବିଫଳ ହୋଇଥିଲା। ଏପରିକି ଲୋକେ ଚୋରର ଫଟୋ, ଗାଡି ନମ୍ବର ଓ ସିସିଟିଭି ଫୁଟେଜ ଦେଇଥିଲେ ମଧ୍ୟ ପୋଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଥିଲା।

## ଅସ୍ତରଙ୍ଗରେ ଦୁଇ ଦିନିଆ ପ୍ରସିଦ୍ଧ ବାଲିଯାତ୍ରା

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**



ଅସ୍ତରଙ୍ଗ ଉପକୂଳରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେରେ ପୀର ଜାହାନିଆଁ ବେଳାଭୂମୀରେ ପାରମ୍ପାରିକ ବୋଇତ ବନ୍ଦାଣ ଉତ୍ସବ ଓ ଦୁଇ ଦିନିଆ ବାଲିଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ 'ପୀର ଜାହାନିଆଁ ବୋଇତ ବନ୍ଦାଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ' ମଧ୍ୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଛୁରିଅନା ପଞ୍ଚାୟତ ସରପଞ୍ଚ କ୍ଷୀରୋଦ କାଣ୍ଡି, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଶୋଭାକର ବେହେରା, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଥାନା ନିରୀକ୍ଷକ ଦୁର୍ଗାଚରଣ ମହାପାତ୍ର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମର ଲକ୍ଷ୍ୟ ଗ୍ରାମାଞ୍ଚଳର ପାରମ୍ପରିକ କଳା ସଂସ୍କୃତିକୁ ବଂଚାଇ ରଖିବା ସହ ଗ୍ରାମାଞ୍ଚଳର ନବ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା। ସେହିପରି ହଜାରହଜାର ଭକ୍ତଙ୍କ ଗହଣରେ ବୁଧବାର ଓ ଗୁରୁବାର ଦୁଇ ଦିନବ୍ୟାପି ପୀର ଜାହାନିଆଁ ବାଲିଯାତ୍ରା ଆରମ୍ଭ ହୋଇଛି। ଶ୍ରଦ୍ଧାଳୁମାନେ ପ୍ରାତଃ କାଳରେ ସମୁଦ୍ରରେ ବୁଡ଼ ପକାଇଥିଲେ। ସର୍ବଧର୍ମ ସମନ୍ୱୟ ପୀଠରେ ଥିବା ପିର ଜାହାନିଆଁ ମନ୍ଦିରରେ ଶ୍ରଦ୍ଧାଳୁମାନେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ। ପୀର ବାବାଙ୍କ ପାଖରେ ଗୁଡ-ଖଇ ଭୋଗ କରି ମାନସିକ ପତାକା ଉଡାଇଥିଲେ। ବେଳାଭୂମି ଯଜ୍ଞ ମହୋତ୍ସବ ସମିତି ଆୟୋଜିତରେ ବେଳାଭୂମିରେ ଯଜ୍ଞ କରି ସମୁଦ୍ର ଆଳତୀ କରିଥିଲେ। ଅସ୍ତରଙ୍ଗ, କାକଟପୁର, ନିମାପଡା, ନିଆଳୀ ପ୍ରଭୃତି ଆଖପାଖ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁମାନେ ପହଁଚି ବାବା ପୀରଙ୍କ ସାନିଧ ଲାଭ କରିଥିଲେ।

ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ୨ଦିନ ବ୍ୟାପି ଅନୁଷ୍ଠିତ ପୀରଜାହାନିଆ ବାଲିଯାତ୍ରାରରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ ସମସ୍ୟାକୁ ସୁପରିଚାଳନା କରିବା ପାଇଁ ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ର ଦାୟିତ୍ୱରେ ରହିଥିଲେ। ସମୁଦ୍ରରେ ଅଘଟଣ ନଘଟିବା ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଦୃଷ୍ଟି ରଖାଯାଇଥିଲା। ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ୭ ଜଣ ଅଫିସରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା। ନିମାପଡା ସବ ଡିଭିଜନର ସମସ୍ତ ପୁଲିସ ଅଧିକାରୀ, ଅଗ୍ନିଶମ ଅଧିକାରୀମାନେ ସମୁଦ୍ରକୂଳରୁ କଣମଣ ବ୍ରିଜ ପର୍ଯ୍ୟନ୍ତ ପୁଲିସ ମୁତୟନ କରାଯାଇଛି। ସ୍ୱାସ୍ଥ୍ୟ ଶିବିର, ସୂଚନା କେନ୍ଦ୍ର, ବିଦ୍ୟୁତ ବିଭାଗର ଷ୍ଟଲ ଖୋଲା ଯାଇଥିଲା। ଗୁରୁବାର ଦିନ ବାଲିଯାତ୍ରା ଶେଷ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ତାଳଦା ଓ ତରାସାହି ପଂଚାୟତର ମିଳିତ ଆୟୋଜନରେ ଦ୍ୱିତୀୟ ବର୍ଷ ଦେବୀ ନଦୀରେ ବୋଇତ ବନ୍ଦାଣ ଓ ନଦୀ ପଠାରେ ବାଲି ଯାତ୍ରା ପ୍ରତାପ ପରିଡା ଓ ରବି ମଲିକଙ୍କ ପ୍ରଚେଷ୍ଟାରେ ସଭାପତି ବିଜୟ ପଢ଼ିଆରୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ମୁଖ୍ୟ ପ୍ରତାପ କୁମାର ପରିଡା କହିଛନ୍ତି। ସେହିପରି ସ୍ୱପ୍ନେଶ୍ୱର ସିରିଡି ସାଇନାଥଙ୍କ ୧୮ ତମ ଯଜ୍ଞ ମହୋତ୍ସବରେ ସମାଜସେବୀ ତଥା ଯୁବ ଉଦ୍ୟୋଗପତି ଜଗନ୍ନାଥ ବେହୁରାଙ୍କୁ ଉତ୍ତରୀୟ ଦେଇ ଶିରିଡି ସାଇ ସେବା ସଂସ୍ଥାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ନବୀନବାବୁଙ୍କ 'ବେଇମାନ୍' ଗାଳି ବେଶ୍ ମଜାଦାର୍

**ପଣ୍ଡିତ ଡକ୍ଟର ପ୍ରବୋଧ କୁମାର ମିଶ୍ର**

ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୋଟିଏ ଶବ୍ଦରେ ଗାଳି ଦେବା ବେଶ୍ ରୋଚକ ହୋଇଛି। ତାଙ୍କର ୨୪ ବର୍ଷ ଶାସନ କାଳରେ ଏହି ଶବ୍ଦ ବ୍ୟବହାର କରିଥାନ୍ତି। ନବୀନ ବାବୁ ୨୦୧୨ ମସିହାରେ ତାଙ୍କର ପରାମର୍ଶ ଦାତା ଥିବା ପ୍ୟାରୀ ମୋହନ ମହାପାତ୍ରଙ୍କୁ ରାଜନୈତିକ କାରଣରୁ ବେଇମାନ୍ କହିଥିଲେ। ପ୍ୟାରୀବାବୁ ତାଙ୍କଠାରୁ ଶାସନ ଭାର ଛଡେଇନବା ସନ୍ଦେହ କରି ଲଣ୍ଡନରୁ ହଠାତ ପଳେଇ ଆସିଥିଲେ। ସେ ରାଗ ଜରଜର ହୋଇ ପ୍ୟାରୀ ମୋହନ ବାବୁଙ୍କୁ ବେଇମାନ୍ ବୋଲି କହିଥିଲେ। ଉଲ୍ଲେଖନୀୟ ଯେ ପ୍ୟାରୀବାବୁଙ୍କ ଲାଗି ସେ ନିରଙ୍କୁଶ ଭବରେ ଶାସନ ଚଳାଇଥିବା ବେଳେ ସାମାନ୍ୟ ସନ୍ଦେହରୁ ଏହି ଶବ୍ଦଟି ବାହାରିଥିଲା। ଅପରପକ୍ଷରେ ପ୍ୟାରୀବାବୁ ସବୁ ଦିଗରୁ ନବୀନ ବାବୁଙ୍କୁ ଘଣ୍ଟ ଘୋଡାଇଥିଲେ। ୨୦୦୯ ମସିହାରେ ନବୀନ ସରକାରରୁ ବିଜେପି ଓହରି ଗଲାବେଳେ ପ୍ୟାରୀବାବୁ ନିଜର କୌଶଳ କରି ସରକାରକୁ ରକ୍ଷା କରିଥିଲେ। ବିଧାନସଭାରେ ଭୋଟିଂ ବେଳେ କଂଗ୍ରେସ ଦଳ ବିଧାନସଭାରେ ନୀରବ ଥିଲେ। ଫଳରେ ନବୀନ ସରକାର ବର୍ତ୍ତିଗଲା।

କହିବା ବାହୁଲ୍ୟ ଯେ ନବୀନବାବୁ ହସିହସି ଚତୁର ବୁଦ୍ଧିରେ କାହାକୁ ବିଶ୍ୱାସ ଓ ଭରସା ରଖନ୍ତି ନାହିଁ। ଯାଥା ମୁଁ ପ୍ୟାରୀବାବୁଙ୍କ ଯୋଗୁଁ ନବୀନଜୀଙ୍କୁ ଓଡ଼ିଆ ଶିଖାଇବା ପାଇଁ ବର୍ଣ୍ଣବୋଧ ଧରି ନବୀନ ନିବାସ ଯାଇଛି। ବିଜୁବାବୁଙ୍କ ଧଳା ଆମ୍ବାସଡ଼ର ଗାଡିରେ (ଚାଳକ-ବସନ୍ତ ସାହୁ) ମତେ ନବା ଆଣିବା କରୁଥିଲେ। ସେ ଭଦ୍ର ବ୍ୟବହାର କରିଥାନ୍ତି। ମାତ୍ର ବହି ନେଇ କୌଣସି କାମ ହେଲାନାହିଁ। ସେହିପରି ମୋ ବନ୍ଧୁ ତଥା ବିଜୁ ପଟ୍ଟନାୟକ କଲେଜର ଅଧ୍ୟକ୍ଷ ଥିବା ରାଜକିଶୋର ମିଶ୍ର ବହି ଧରି କେତେଥର ଯାଇଥିଲେ।

ଗୋଟିଏ ଘଟଣାରେ ନବୀନ ବାବୁଙ୍କ ସମ୍ପର୍କରେ ଗୋଟେ କଥା ମୁଁ ମୋର ବନ୍ଧୁ ଭର୍ତ୍ତୃହରି ମହାତବଙ୍କୁ କହିଥିଲି ଓ ଭର୍ତ୍ତୃହରିବାବୁ ସେ କଥାଟି ନବୀନବାବୁଙ୍କ ଆଗରେ କହିଦେଇଥିଲେ। ଏହାପରେ ପ୍ୟାରୀବାବୁ ମତେ ଡାକି ବିରକ୍ତ ହୋଇଥିଲେ। ଫଳରେ ମୋର ନବୀନ ନିବାସ ଯିବା ପ୍ରାୟ ବନ୍ଦ ହୋଇଗଲା। ସମୟାନୁକ୍ରମେ ପ୍ରଜାତନ୍ତ୍ର ଉତ୍ସବମାନଙ୍କରେ ନବୀନବାବୁ ଦେଖିଲେ ମଧ୍ୟ ଅଣଦେଖା କରୁଥିଲେ। ମୁଁ ଯାହା ଅନୁଭବ କଲି ନବୀନବାବୁଙ୍କର ସରଳମୁଖ ଓ ହସ ପଛରେ ବିଷାକ୍ତ ମନୋଭାବ ଥାଏ। ଏବେ ନବୀନ ବାବୁ ସେହି ବେଇମାନ୍ ଶବ୍ଦଟିକୁ ବ୍ୟବହାର କରିବାକୁ ଭଲ ପାଆନ୍ତି ବୋଲି ଜଣାପଡିଲା।

ଉଲେଖନୀୟ ଯେ ନୂଆପଡ଼ା ନିର୍ବାଚନରେ ନିଜ ଦଳର ପ୍ରଚାର ପାଇଁ ଯିବାବେଳେ ପ୍ରତିପକ୍ଷ ଦଳକୁ ବେଇମାନ୍ ଶବ୍ଦ ବ୍ୟବହାର କରିଛନ୍ତି। ଆମେ ରାଜନୀତି ଦୃଷ୍ଟିରୁ କହୁନାହୁଁ ଏବେ ସେହି ପ୍ରିୟ ଶବ୍ଦଟିକୁ ଭୁଲିନାହାନ୍ତି ବୋଲି ଜଣାପଡିଲା। ପ୍ରଥମ ଅବସ୍ଥାରେ ନୂଆ ହୋଇ ଆସିଥିବା ବିଜୁ ପୁତ୍ର ନବୀନବାବୁଙ୍କ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଛକ ପାଖରେ ବଡ ଜନସଭା ହୋଇଥିଲା। ଡାକ୍ତର ଦାମୋଦର ରାଉତ ଓଜସ୍ୱିନୀ ଭାଷଣ ଦେଇ ଜନସଭାକୁ ସମ୍ବୋଧିତ କରିଥିଲେ। ନବୀନବାବୁଙ୍କ ସ୍ମିତ ହାସ୍ୟ ଓ ହାତ ହଲେଇବାରେ ଲୋକମାନେ ବିପୁଳ ତାଳି ମାଡ କରିଥିଲେ। ମୁଁ ଏହି ସଭାରେ ପ୍ରତ୍ୟକ୍ଷଦର୍ଶୀ ଥିଲି। ଆଜିର ପରିସ୍ଥିତିରେ କୁହାଯାଇପାରେ ଯେ ଯେଉଁ ନବୀନବାବୁଙ୍କ ନେତୃତ୍ୱ ଆକାଶ ଛୁଇଁଥିଲା, ଆଜି ତାହା ତଳକୁ ପଳାଇ ଆସିଛି। 'ଯେଉଁ ଗାଣ୍ଡିବ ହାତେ ସେହି ଗାଣ୍ଡିବ ମାଥେ।'

ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ନବୀନବାବୁ ଯେପରି ଭାବରେ କହିଲେ ଯେ କୌଣସି ଲୋକକୁ ଦୁଃଖ ଲାଗିବ। 'ଇମାନ୍' ଥିବା ନେତାମାନେ ତାଙ୍କ ସହ କିଛି ଅଛନ୍ତି। ତେବେ କେତେକ ଲୋକଙ୍କୁ ସେ କହୁଥିବା ଲୋକପ୍ରିୟ ଶବ୍ଦ ଭିତରେ ମଧ୍ୟ ଅନ୍ତର୍ଭୁକ୍ତ ରଖିଛନ୍ତି।

ଧନ୍ୟ ଧନ୍ୟ

'ରାଜନୀତିଃ ଅପସ୍ୱସା'

*ସମ୍ପାଦକ, ନିତ୍ୟ ନୂତନ*
*ଭୁବନେଶ୍ୱର*

## ସୁମିତ୍ରାଙ୍କ 'ଓଡ଼ିଶୀ ନୃତ୍ୟ ଗୌରବ' ସମ୍ମାନ



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର କୁରାଂଗ ପ୍ରଧାନ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସୂର୍ଯ୍ୟ ଗୁରୁକୁଳ, ଗୁଆଳିର ନୃତ୍ୟ ଶିଳ୍ପୀ ସୁମିତ୍ରା ବେହେରାଙ୍କୁ ସାହାରା ଜନମଞ୍ଚ ତରଫରୁ 'ଓଡ଼ିଶୀ ନୃତ୍ୟ ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ଗୁରୁକୂଳର ନୃତ୍ୟ ଗୁରୁ ସଂଗୀତା ଛୋଟରାୟଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଶିକ୍ଷା କରି ସୁମିତ୍ରା ରାଜ୍ୟ ଓ ରାଜ୍ୟ ବାହାରେ ଖୁବ୍ ପ୍ରଶଂସିତ ହୋଇଛନ୍ତି। କଟକ ସଦର ଅନ୍ତର୍ଗତ ଆମଣପଡ଼ା ମୌଜାର ପିତା ହରିହର ବେହେରା ଓ ମାତା ଜେମାମଣୀ ବେହେରାଙ୍କ ପ୍ରୋତ୍ସାହନରେ ବାଲ୍ୟକାଳୁ ସୁମିତ୍ରା ବିଦ୍ୟା ଅଧ୍ୟୟନ ସହିତ ଓଡ଼ିଶାର ନିଜସ୍ୱ କଳା ଓଡ଼ିଶୀ ନୃତ୍ୟ ପ୍ରତି ରୁଚି ରଖି ଅନେକ ମାନପତ୍ର ଓ ପ୍ରଶଂସାର ଅଧିକାରିଣୀ ହୋଇ ପାରିଛନ୍ତି। ସାହାରା ଜନମଞ୍ଚ ଆନୁକୁଲ୍ୟରେ ଐତିହ୍ୟ ସମ୍ପନ୍ନ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ ଅନୁଷ୍ଠାନର ସଭାପତି ସହଦେବ ତରାଇଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ହିସାବରେ ଭାଜପାର ପ୍ରାକ୍ତନ ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର,ବିଶିଷ୍ଟ ଅତିଥି ପୋଲିସ କମିଶନର ଡକ୍ଟର ଏସ୍. ଦେବଦତ୍ତ ସିଂହ, ମୁଖ୍ୟବକ୍ତା ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓ ସମ୍ମାନିତ ଅତିଥି ବେଦବିଦ୍ୟାର୍ଥୀ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ସୁଶ୍ରୀ ସୁମିତ୍ରା ବେହେରାଙ୍କୁ ଉପାଧି ପତ୍ର, ଫଳକ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। କଳା ସମ୍ପାଦକ ଜ୍ଞାନାନନ୍ଦ ସାଗର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜନମଂଚର କର୍ମକର୍ତ୍ତାମାନେ ମଂଚ ପରିଚାଳନା କରିଥିଲେ।

## ଜଖପୁରାରେ ନୂତନ ଗତିଶକ୍ତି କାର୍ଗୋ ଟର୍ମିନାଲ୍ କାର୍ଯ୍ୟକ୍ଷମ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ ଜାଖପୁରା ଷ୍ଟେସନ ଠାରେ ୧୬ ଅକ୍ଟୋବର ୨୦୨୫ରେ ଏକ ନୂତନ ଗତି ଶକ୍ତି କାର୍ଗୋ ଟର୍ମିନାଲ୍ କାର୍ଯ୍ୟକ୍ଷମ ହୋଇଛି। ଓଡ଼ିଶାର ଯାଜପୁର ଜିଲ୍ଲାରେ ଅବସ୍ଥିତ ଏହି ଟର୍ମିନାଲ୍, ସମନ୍ୱିତ ଏବଂ ନିର୍ବିଘ୍ନ ବହୁମୁଖୀ ସଂଯୋଗୀକରଣ ପାଇଁ ପ୍ରଧାନମନ୍ତ୍ରୀ ଗତି ଶକ୍ତି – ଜାତୀୟ ମାଷ୍ଟର ପ୍ଲାନକୁ ସୁଦୃଢ଼ କରିବାରେ ଆଉ ଏକ ମାଇଲଖୁଣ୍ଟ। ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁଯାୟୀ ମୋଟ ପ୍ରକଳ୍ପ ମୂଲ୍ୟ ୩୬.୮୫ କୋଟି ଟଙ୍କା ଅଟେ।



ଟର୍ମିନାଲ୍‌ର ଚାରୋଟି ଲାଇନ ପରିଚାଳନା କ୍ଷମତା ଅଛି ଏବଂ ଏହା ସ୍ୱତନ୍ତ୍ର ବ୍ୟବହାର ପାଇଁ ଡିଜାଇନ୍ କରାଯାଇଛି। ବାହ୍ୟ ସାମଗ୍ରୀ ଭାବରେ ଏହି କାର୍ଗୋ ଟର୍ମିନାଲ୍ ସିମେଣ୍ଟ ପରିବହନ କରିବାକୁ ଥିବାବେଳେ କ୍ଲିଙ୍କର୍, ସ୍ଲାଗ୍ ଏବଂ ଜିପସମ୍ ଭଳି ଦ୍ରବ୍ୟ ଆଭ୍ୟନ୍ତରୀଣ ସାମଗ୍ରୀ ଭାବରେ ପରିବହନ କରାଯାଇ ପାରିବ। ଆକଳନ ଅନୁଯାୟୀ ଏହି କାର୍ଗୋ ଟର୍ମିନାଲ୍ ପ୍ରତି ମାସରେ ପ୍ରାୟ ୮୬ ରେକ୍ ପରିଚାଳନା କରିବ ବୋଲି ଆଶା କରାଯାଉଛି ଯେଉଁଥିରେ ୩୬ଟି ବାହ୍ୟ (ଇନୱାର୍ଡ) ଏବଂ ୫୦ଟି ଆଭ୍ୟନ୍ତରୀଣ (ଆଉଟ ୱାର୍ଡ) ରେକ୍ ଅନ୍ତର୍ଭୁକ୍ତ, ଯାହା ସିମେଣ୍ଟ ଏବଂ ଆନୁସଙ୍ଗିକ ଶିଳ୍ପ ପାଇଁ କଞ୍ଚାମାଲ ଏବଂ ସମାପ୍ତ ଉତ୍ପାଦର ପରିବହନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି ଗତି ଶକ୍ତି କାର୍ଗୋ ଟର୍ମିନାଲ୍ କାର୍ଯ୍ୟକ୍ଷମ ହେବା ଦ୍ୱାରା ପଣ୍ୟ ପରିବହନ ଦକ୍ଷତା ବୃଦ୍ଧି ପାଇବା ସହ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ ପାଇବ ଏବଂ ଏହି ଅଞ୍ଚଳରେ ଶିଳ୍ପ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରାଯାଇ ହେବ ଯାହା ଉଭୟ ରେଳବାଇ ଏବଂ ସ୍ଥାନୀୟ ଅର୍ଥନୀତିକୁ ଲାଭଦାୟକ ହେବ। ଏହି ପଦକ୍ଷେପ ଦ୍ରୁତ ଲଜିଷ୍ଟିକ୍ସ ପରିବହନ ଓ ଶିଳ୍ପ ଏବଂ ଭିତ୍ତିଭୂମି ମଧ୍ୟରେ ଅଧିକ ସମନ୍ୱୟ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଗତି ଶକ୍ତି ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିବା ଦିଗରେ ପୂର୍ବତଟ ରେଳପଥର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

## ରାଜ୍ୟସ୍ତରୀୟ ଓକିଲ ସଙ୍ଘର କ୍ରିକେଟ ମ୍ୟାଚ୍

**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**




କୋରାପୁଟ ବାର ଆସସିଏସନ ଦ୍ୱାରା ଆୟୋଜିତ ହେଉଥିବା ରାଜ୍ୟ ସ୍ତରୀୟ କ୍ରିକେଟ୍ ମ୍ୟାଚର ଆଜି ଚତୁର୍ଥ ଦିନରେ ଦୁଇଟି କ୍ୱାଟର ଫାଇନାଲ ମ୍ୟାଚ ଖେଳା ଯାଇଥିଲା। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲ୍ଲା ବିଜେପି ସଭାପତି ଶିବ ମୁଦୁଲି ଏବଂ କୋରାପୁଟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ ବରଗଡ଼ ବାର ଆସୋସିଏସନ୍ ସହିତ ବାଲେଶ୍ୱର ବାର ଆସୋସିଏସନ ସହିତ ଖେଳା ଯାଇଥିଲା। ବାଲେଶ୍ୱର ବାର ଆସୋସିଅନ ଟିମ ଟସ ଜିତି ବ୍ୟାଟିଂ କରିବାକୁ ନିଷ୍ପତି ନେଇଥଲେ। ବାଲେଶ୍ୱର ବାର ଟିମ୍ ବ୍ୟାଟିଂ କରି ୨୦ ଓଭର୍‌ରେ ୭ ୱିକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ବରଗଡ଼ ବାର ଆସୋସିଏନ ୧୫.୨ ଓଭରରେ କୌଣସି ୱିକେଟ ନ ହରାଇ ୧୬୫ ରନ କରି ମ୍ୟାଚ୍‌କୁ ଜିତି ନେଇଥିଲା। ଅଲ ରାଉଣ୍ଡ ପ୍ରଦର୍ଶନ ପାଇଁ ବରଗଡ ଟିମର ଅଶୋକ କୁମାର ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଘୋଷଣା କରାଯାଇଥିଲା। ସେହିଭଳି ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ବାର ଆସୋସିଅନ ଶହ ସମ୍ବଲପୁର ବାର ଟିମ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚ୍‌ରେ ଭୁବନେଶ୍ୱର ବାର ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ଅଠର ଓଭରରେ ଭୁବନେଶ୍ୱର ଟିମ୍ ଛଅଟି ୱିକେଟ୍ ହରାଇ ୧୫୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ସମ୍ବଲପୁର ବାର ଆସୋସିଆନ ଟିମ ନିର୍ଦ୍ଧାରିତ ଅଠର ଓଭରରେ ନଅ ୱିକେଟ୍ ହରାଇ ମୋଟ ୯୬ ରନ୍ ସଂଗ୍ରହ କରିଥିଲେ। ମ୍ୟାଚ୍‌କୁ ଭୁବନେଶ୍ୱର ବାର ସଂଘ ୫୫ ରନ୍‌ରେ ମ୍ୟାଚ୍‌କୁ ଜିତିଥିଲା। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ବାର ଆସୋସିଏସନ୍‌ର ଆଶୁତୋଷ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଅମ୍ପାୟାରି ଭାବେ ଓସିଏ ପ୍ୟାନେଲ ଆମ୍ପାରିଙ୍ଗ ଅସିତ୍ ପଟ୍ଟନାୟକ, ରମେଶ ସ୍ୱାଇଁ, ଏବଂ ରଜନୀକାନ୍ତ ରେଡ୍ଡୀ ଖେଳ ପରିଚାଳନା କରିଥିଲେ। ମ୍ୟାଚ୍ ରେଫ୍ରି ଭାବେ ପ୍ରଦୀପ କୁମାର ମହାନ୍ତି ଦାୟୀତ୍ୱ ତୁଲାଇ ଥିଲେ। ସ୍କୋରର ଭାବେ ଗୌରବ ଏବଂ ଦିଲିପ ରହିଥିଲେ। କୋରାପୁଟ ବାର ଆସୋସିଏନର ସଭାପତି ପ୍ରଭାତ ମହାପାତ୍ର, ସମ୍ପାଦକ ସୁନୀଲ କୁମାର ଜେନା, ଉପସଭାପତି, କୃଷ୍ଣ ସ, ମିଡ଼ିଆ ପରାମର୍ଶ ଦାତା ଅଶୋକ କୁମାର ଷଡଙ୍ଗୀ, ବରିଷ୍ଠ ଓକିଲ ଟିଏନ୍ ମୂର୍ତ୍ତି, ନିହାର ରଞ୍ଜନ ପଟ୍ଟନାୟକ, ବିଦ୍ୟାଧର ସାହୁ, ମନୋରଞ୍ଜନ ରାଉତରାୟ, ନୃପେନ୍ଦ୍ର ନାରାୟଣ ବାଘ, ଉଦୟ ନାଥ ହୋତା, ଅଶ୍ୱନି କୁମାର ପଟନାୟକ, ପ୍ରଶାନ୍ତ ପାତ୍ର, ଅଜିତ ପାତ୍ର, ସୁଦର୍ଶନ ଗୌଡ଼, ଦୀପଙ୍କର ପାଣିଗ୍ରାହୀ, ସିମାଞ୍ଚଳ ମିଶ୍ର, ଭୁବନ ମୋହନ ପଟନାୟକ, ନମିତା ମହାନ୍ତି, ରଶ୍ମିତା ଦାସ, ଜ୍ୟୋତ୍ସ୍ନା ରାଣୀ ଶତପଥୀ, ସୁଜାତା ନାୟକ, କୋରାପୁଟ ବାର ସଙ୍ଘର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ।

## ପ୍ରାଚୀ ପୀଠରେ ଐରଖାରବେଳଙ୍କ ଜୟନ୍ତୀ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ପ୍ରାଚୀତଟ ପଦ୍ମ ସଂମ୍ଭବ ପୀଠରେ ପ୍ରାଚୀ ସଂସ୍କୃତି ସୁରକ୍ଷା ପରିଷଦ ଆବାହକ ପଣ୍ଡିତ ତ୍ରିଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ କଳିଙ୍ଗର ଦିଗ ବିଜୟୀ ଚକ୍ରବର୍ତ୍ତୀ ମହାମେଘ ବାହନ ଐରଖାରବେଳଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଆଲେକ ଜାଣ୍ଡରଙ୍କ ସନ୍ୟ ବାହିନୀକୁ ଭାରତ ଭୂଖଣ୍ଡରୁ ବିଦାକରିବାକୁ ସେହି ସକ୍ଷମ ହୋଇଥିଲେ । ପ୍ରାଚୀନଦୀକୁ ଖନନ କରାଇ ସୁନାବ୍ୟା କରି ମଧ୍ୟଦେଶରୁ ପୂର୍ବ ସାଗର ପର୍ଯ୍ୟନ୍ତ ସଂଯୋଗ କରିବା ଫଳରେ କଳିଙ୍ଗ ନୌବାଣିଜ୍ୟ ବିଶ୍ୱ ପରିଚୟ ପାଇଥିଲା । ପ୍ରାଚୀତଟ ଚୌରାଶୀ ଗ୍ରାମରେ ୮୪ ବାମ୍ପି ଖନନକରି ଗୁପ୍ତ ରାଜଧାନୀ ସ୍ଥାପନ ସହ ନିକଟରେ ବନ୍ଦେଶ୍ୱର ବନ୍ଦର ସ୍ଥାପନ, ସଭାମଣ୍ଡପ ଗଠନ, ପ୍ରାଚୀ ଅବବାହିକାରେ ୧ହଜାର ଜଳାଶୟରୟ ସୃଷ୍ଟିର ସୂଚନା ତାଙ୍କ ହାତୀ ଗୁମ୍ଫା ଶିଳାଲେଖାରେ ଦର୍ଶାଯାଇଛି । ଭାରତ ଇତିହାସରେ ଏଭଳି ମହାନ ଚକ୍ରବର୍ତ୍ତୀ କଳିଙ୍ଗ ସମ୍ରାଟଙ୍କୁ ଯେପରି ମାନ୍ୟତା ମିଳିବା କଥା ମିଳିନାହିଁ । ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପ୍ରତି ଦୃଷ୍ଟିଦେବେ ଏବଂ ରାଜ୍ୟ ସରକାର ମଧ୍ୟ ଆବଶ୍ୟକ ପଦକ୍ଷେପ ନେବେ ଏ ଆଶା ରଖିଛନ୍ତି ପରିଷଦର ଆବାହକ ପଣ୍ଡିତ ଶ୍ରୀମିଶ୍ରଙ୍କ ସମେତ ଉତ୍କଳର ଅଗଣିତ ସଂସ୍କୃତି ପ୍ରେମୀ। ଆୟୋଜିତ ଉତ୍ସବରେ ଅଂଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ କଳିଙ୍ଗ ସମ୍ରାଟ ଖାରବେଳଙ୍କ ସ୍ମୃତି ଚାରଣ କରିଥିଲେ ।

## ପାରିବାରିକ କଳହରୁ ବିଷ ପିଇଲେ ମା'-ଝିଅ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ କଳହକୁ କେନ୍ଦ୍ର କରି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ମା' ଓ ଝିଅ। ଘଟଣାରୁ ପ୍ରକାଶ ଯାଜପୁର ଟାଉନ ଥାନା ଆନ୍ଦୋଳା ଗ୍ରାମର ଜନୈକ ବ୍ୟକ୍ତିଙ୍କ ପତ୍ନୀ ଓ ଝିଅ ପାରିବାରିକ କଳହକୁ କେନ୍ଦ୍ର କରି ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପିତା ନିଶାଶକ୍ତ ଅବସ୍ଥାରେ ଅଧିକାଂଶ ସମୟରେ ପତ୍ନୀ ଓ ଝିଅକୁ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଯାହାକୁ ସହି ନ ପାରି ମା' ଓ ଝିଅ ବିଷ ପାନ କରି ଦେଇଥିଲେ। ଉଭୟଙ୍କୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଉଭୟ ମା' ଓ ଝିଅ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିବା ଜଣାପଡ଼ିଛି।

## ଉତ୍କଳ ଆଲୁମିନା ପକ୍ଷରୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ

**ଭବାନୀପାଟଣା:ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ଆତ୍ମରକ୍ଷା କୌଶଳ ପ୍ରଦାନ ଉଦ୍ଦେଶ୍ୟରେ ଏକ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଥୁଆମୂଲ୍ ରାମପୁର ବ୍ଲକ ସ୍ଥିତ ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଏହା ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ନିରଜ କୁମାର ବତ୍ରା ଯୋଗଦେଇଥିବା ବେଳେ ଥୁଆମୂଲ୍ ରାମପୁର ଏସଆଇ ସୁଶାନ୍ତ ପଣ୍ଡା, ଯୋଗାଣ ନିରୀକ୍ଷକ ବିଭୁ ରଞ୍ଜନ ସାହୁ, ବିଦ୍ୟାଳୟ ଅଧ୍ୟକ୍ଷ ସୀତାକାନ୍ତ ରଣା, ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ କୃତିବାସ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ତହସିଲଦାର ଶ୍ରୀ ବତ୍ରା କହିଛନ୍ତି ଯେ, ସୁସ୍ଥ ଶରୀର, ସୁସ୍ଥ ମସ୍ତିଷ୍କ ଶିକ୍ଷାର୍ଥୀ ଜୀବନର ମହତ୍ତ୍ୱପୂର୍ଣ୍ଣ ମୂଲ୍ୟବୋଧ। ସେହିପରି ଆବଶ୍ୟକ ସ୍ଥଳେ ନିଜର ସୁରକ୍ଷା କରିବା ସହ ଦୁର୍ବୃତ୍ତଙ୍କୁ ଉଚିତ୍ ଶିକ୍ଷା ପ୍ରଦାନ କରି ନିଜକୁ ସୁରକ୍ଷିତ ରଖିବା ପାଇଁ ଆତ୍ମରକ୍ଷା କୌଶଳ ଜରୁରୀ ଆଟେ। ଏହି ପରିପ୍ରେକ୍ଷୀରେ ଛାତ୍ରୀମାନେ ନିଜ ବିଦ୍ୟାଳୟରେ ପ୍ରଦାନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ହାସଲ କରି ଅନ୍ୟକୁ ମଧ୍ୟ ଏହି ତାଲିମ ପ୍ରଦାନ କରିବାକୁ ଶ୍ରୀ ବତ୍ରା କହିଛନ୍ତି। ଅନୁରୂପ ଭାବେ ଉପସ୍ଥିତ ମଞ୍ଚାସୀନ ଅତିଥିମାନେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଗ୍ରହଣ ପାଇଁ ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ଏହାର ଆବଶ୍ୟକତା ଓ ଉପକାରିତା ସଂପର୍କରେ ଶିକ୍ଷାର୍ଥୀଙ୍କୁ ଅବଗତ କରିଥିଲେ। ଏହି ତାଲିମ ଶିବିର ପ୍ରଥମ ପର୍ଯ୍ୟାୟରେ ଦୁଇଟି ସ୍ଥାନ ଅର୍ଥାତ୍ ଥୁଆମୂଲ୍ ରାମପୁର ଆଦର୍ଶ ବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହେବ। ଦୀର୍ଘ ଛଅଦିନ ଏଠାରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ପର୍ଶ୍ୱସ୍ଥ ବିଦ୍ୟାଳୟରେ ଏହି ଶିବିର ଆୟୋଜନ ହେବ। ଦୁଇଜଣ ତାଲିମପ୍ରାପ୍ତ ପ୍ରଶିକ୍ଷକ ରିତିକା ମହାତୋ ଓ ନୈନା ମୁଖୀ ନିୟୋଜିତ ହୋଇଥିବାବେଳେ ଆଗାମୀ ଦିନରେ ୨୪୦ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଉକ୍ତ କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଖଣି ସିଏସଆର ଟିମ୍ ସଦସ୍ୟ ନିରୁପମା ବାରିକ ପରିଚାଳନା କରିଥିବାବେଳେ ସଞ୍ଜୀବ କୁମାର ସହଯୋଗ କରିଥିଲେ। ଅନ୍ୟପକ୍ଷେ ସ୍ଥାନୀୟ ଅଡ୍ରି ହାଇସ୍କୁଲରେ ଉତ୍କଳ ଆଲୁମିନା ବାଫ୍ଲିମାଳି ଖଣି ସିଏସଆର୍ ଟିମ ତରଫରୁ ସାନିଟାରୀ ନାପକିନ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଡ୍ରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମାଧୁରୀ ସିଂ, ସ୍ଥାନୀୟ ସରପଞ୍ଚ ନନ୍ଦେଇ ମାଝୀ, ସ୍ୱାସ୍ଥ୍ୟକର୍ମୀ ଯଜ୍ଞାସେନୀ ଶଗଡ଼ିଆ, ସିଏଚଓ ଚନ୍ଦ୍ରକାନ୍ତି ଶବର ଏବଂ ଆଶା କର୍ମୀ ମନିକା ନାଏକ ଓ ପ୍ରଧାନ ଶିକ୍ଷକଙ୍କ ସମେତ ଅନ୍ୟ ସହଯୋଗୀ ଶିକ୍ଷକ, ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ସାନିଟାରୀ ନାପକିନ ବିତରଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଉତ୍କଳ ଆଲୁମିନା ଖଣି ସିଏସଆର ପକ୍ଷରୁ ଆୟୋଜିତ ହୋଇଥିବାବେଳେ ଟିମ୍ ସଦସ୍ୟ ଦେବୀ ପ୍ରିୟା ଓ ଦିଲୀପ ନାୟକ ଏହାକୁ ପରିଚାଳନା କରିଥିଲେ।

## ନାଲ୍‌କୋରେ ସତର୍କତା ସଚେତନତା ସପ୍ତାହ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ଭାରତ ସରକାରଙ୍କ ଖଣି ମନ୍ତ୍ରାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ 'ସତର୍କତା: ଆମର ସହଭାଗୀ ଦାୟିତ୍ୱ' ବିଷୟବସ୍ତୁ ଆଧାରରେ ସତର୍କତା ସଚେତନତା ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଜୀବନରେ ଅଖଣ୍ଡତା, ସ୍ୱଚ୍ଛତା ଏବଂ ଦାୟିତ୍ୱବୋଧତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କମ୍ପାନୀର ସମସ୍ତ ୟୁନିଟ୍ ଏବଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ, ଭୁବନେଶ୍ୱର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଭୁବନେଶ୍ୱର ଏବଂ କଟକର ପ୍ରାୟ ୭୦ଟି ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟଳରୁ ୨୫୦ ରୁ ଅଧିକ ଉତ୍ସାହୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। କର୍ମକ୍ଷେତ୍ରରେ ନୈତିକ ଆଚରଣ ଏବଂ ସତର୍କତାର ବାର୍ତ୍ତାକୁ ଆହୁରି ସୁଦୃଢ଼ କରିବା ପାଇଁ ନାଲକୋ କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଇଥିଲା।

ଆଜି କର୍ପୋରେଟ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସମାପନୀ ସମାରୋହରେ, ହେମନ୍ତ ଶର୍ମା, ଆଇଏଏସ୍, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର, ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏଥି ସହ, ବ୍ରିଜେନ୍ଦ୍ର ପ୍ରତାପ ସିଂହ, ସିଏମଡି, ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଜଗଦୀଶ ଆରୋରା, ନିର୍ଦ୍ଦେଶକ (ପିଏଣ୍ଡଟି), ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ) ଏବଂ ପ୍ରଣବଜ୍ୟୋତି ନାଥ, ଆଇଏଏସ୍, ସିଭିଓ, ନାଲକୋ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ, ପ୍ରଣବଜ୍ୟୋତି ନାଥ ସପ୍ତାହବ୍ୟାପୀ ପାଳନ ସମୟରେ ଆୟୋଜିତ ବିଭିନ୍ନ ସଚେତନତା କାର୍ଯ୍ୟକଳାପ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ ଏବଂ ସତର୍କତା ସଚେତନତା ସପ୍ତାହ ସମୟରେ କର୍ମଚାରୀ, ଛାତ୍ର ଏବଂ ଅଂଶୀଦାରମାନଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ସହଭାଗିତାକୁ ପ୍ରଶଂସା କରିଥିଲେ। ସେ ନୈତିକ ଆଚରଣ ଏବଂ ସାଂଗଠନିକ ଅଖଣ୍ଡତାକୁ ପ୍ରୋତ୍ସାହିତ କରିବାରେ ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ନିଜ ଅଭିଭାଷଣରେ ହେମନ୍ତ ଶର୍ମା ନାଲକୋର ଅବଦାନକୁ ପ୍ରଶଂସା କରି କହିଥିଲେ ଯେ, ନାଲକୋ ସଚ୍ଚୋଟତାର ସହିତ ସମ୍ବଳର ସୁପରିଚାଳନା ଦ୍ୱାରା ଦେଶର ପ୍ରଗତି କ୍ଷେତ୍ରରେ ନିଜର ଯୋଗଦାନ କରିପାରିଛି। ଆନ୍ତରିକ ମୂଲ୍ୟବୋଧକୁ ବଜାୟ ରଖିବା ସହ ଓଡ଼ିଶା ତଥା ସାମୁଦାୟିକ ବିକାଶରେ ସମ୍ବଳର ସର୍ବୋତ୍ତମ ବ୍ୟବହାର କ୍ଷେତ୍ରରେ ନାଲକୋର ପ୍ରଚେଷ୍ଟାକୁ ସେ ପ୍ରଶଂସା କରିଥିଲେ। ବିଶ୍ୱସନୀୟତା ଯେକୌଣସି ସଫଳ ସଂଗଠନର ଆଧାର ବୋଲି ସେ ଉଲ୍ଲେଖ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, 'କର୍ମଚାରୀମାନଙ୍କୁ ସଶକ୍ତ କରିବା ଦ୍ୱାରା ସତର୍କତା ପ୍ରୋତ୍ସାହିତ ହୁଏ ଓ ସ୍ୱଚ୍ଛତା ଏବଂ ଗୁଣବତ୍ତା ସହିତ କାର୍ଯ୍ୟ କରିବା ଦ୍ୱାରା ତାହା ସ୍ୱାଭାବିକ ଭାବରେ ସଂଗଠନର ଆୟ ବୃଦ୍ଧି ନିମନ୍ତେ ପଥ ପ୍ରଶସ୍ତ କରେ'।


ବ୍ରିଜେନ୍ଦ୍ର ପ୍ରତାପ ସିଂହ ନିଜ ଅଭିଭାଷଣରେ ଗୁରୁତ୍ୱାରୋପ କରିଥିଲେ ଯେ, ସତର୍କତା ଏକ ନିରନ୍ତର ଅଭ୍ୟାସ ହେବା ଉଚିତ। 'ସତର୍କତା କେବଳ ଭୁଲକୁ ରୋକିବା ବିଷୟ ନୁହେଁ; ବରଂ ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାର ବିଷୟ ଯେଉଁଠାରେ ସଚ୍ଚୋଟତା ଏବଂ ନ୍ୟାୟ ପ୍ରତ୍ୟେକ କାର୍ଯ୍ୟ ଏବଂ ନିଷ୍ପତ୍ତିକୁ ମାର୍ଗଦର୍ଶନ କରେ। ସତର୍କତା କାର୍ଯ୍ୟବ୍ୟବସ୍ଥାକୁ ମଜବୁତ କରିବା ସହ ନୈତିକ ଅଭ୍ୟାସକୁ ପ୍ରୋତ୍ସାହିତ କରେ ଏବଂ ସାଂଗଠନିକ ବିଶ୍ୱସନୀୟତା ନିର୍ମାଣ କରେ, ଯାହା ଦ୍ୱାରା ଅଂଶୀଦାରଙ୍କ ବିଶ୍ୱାସ ଅଧିକ ସୁଦୃଢ଼ ହୋଇଥାଏ।'

ସମାପନୀ ସମାରୋହ ନାଲକୋର ନୈତିକ ଉତ୍କର୍ଷତା ଏବଂ ସ୍ୱଚ୍ଛତାର ସହିତ କାର୍ଯ୍ୟ ପ୍ରତି ପ୍ରତିବଦ୍ଧତାକୁ ଦର୍ଶାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନାଲକୋ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ବିଷୟବସ୍ତୁ ସହିତ, ଅଗଷ୍ଟ ୧୮, ୨୦୨୫ ଠାରୁ ଆରମ୍ଭ ହୋଇଥିବା ତିନି ମାସ ବ୍ୟାପୀ ସଚେତନତା ଅଭିଯାନ ମଧ୍ୟ ପାଳନ କରିଛି।

## ଦେଓଗାଁ ଅଶାନ୍ତ ଦୁର୍ଭାଗ୍ୟଜନକ: ପ୍ରକୃତ ଦୋଷୀଙ୍କୁ ଗିରଫ କରୁ ପୋଲିସ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ କିଛି ସପ୍ତାହ ହେଲା ଶାନ୍ତିପୂର୍ଣ୍ଣ ଦେଓଗାଁ ଅଶାନ୍ତ ହୋଇ ପଡିଛି । ପ୍ରତ୍ୟେକ ଦିନ କୌଣସି ନା କୌଣସି ପ୍ରକାର ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି । ସଦ୍ୟ ଦେଓଗାଁରେ ଘଟିଯାଇଥିବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଅଟେ । ଏହାକୁ ମୁଁ ଦୃଢ ନିନ୍ଦା କରୁଛି । ପୋଲିସ ଏ କ୍ଷେତ୍ରରେ ବହୁତ ଯତ୍ନବାଦ ହେବା ଦରକାର । ଯାହା କିଛି ବି ଘଟିଯାଇଛି ତାର ସଠିକ୍ ତଦନ୍ତ ନିହାତି ହେବା ଦରକାର ଏବଂ ଏହି ଘଟଣାରେ ନିରୀହଙ୍କୁ ଗିରଫ ନ କରି ପ୍ରକୃତ ଦୋଷୀ ଯିଏ ଅଛି ତାହାକୁ ପୋଲିସ ଖୋଜି ଗିରଫ କରୁ ବୋଲି ଏକ ପ୍ରେସ ବିବୃତି ମାଧ୍ୟମରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଜଣାଇଛନ୍ତି । ସେ ଏହି ପ୍ରେସ ବିବୃତିରେ ଆହୁରି ମଧ୍ୟ କହିଛନ୍ତି ଯେ ସ୍ଥାନୀୟ ପୋଲିସ ଆଇଆଇସି ବିନା ତଦନ୍ତରେ ନିରିହ ଲୋକଙ୍କୁ ଉଠାଇ ଆଣୁଥିବାରୁ ଦେଓଗାଁ ଅଂଚଳରେ ଏକ କୋକୁଆ ଭୟ ସୃଷ୍ଟି ହେଇଯାଇଛି । ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ଏପରିକି କାର୍ତ୍ତିକ ପୂର୍ଣ୍ଣମୀ ଦିନ ମଧ୍ୟ ଲୋକେ ମନ୍ଦିର ଦର୍ଶନ କରିବାରେ ଭୟ କରୁଛନ୍ତି । ଯାହା ଫଳରେ ପୂର୍ଣ୍ଣମୀ ଦିନ ଦେଓଗାଁର ପ୍ରାୟତଃ ମନ୍ଦିର ଜନଶୂନ୍ୟ ଓ



ଖାଁ ଖାଁ ଅଛି। ଶ୍ରୀ ମିଶ୍ର ଏହି ବିବୃତିରେ ଏହା ମଧ୍ୟ କହିଛନ୍ତି ଯେ ଖବର ଅନୁଯାୟୀ ଗାଁ ଲୋକେ ସ୍ଥାନୀୟ ପୋଲିସ ଆଇଆଇସିଙ୍କ ଉପରେ ଭରସା କରୁନାହାନ୍ତି । ତେଣୁ ସ୍ଥାନୀୟ ଆଇଆଇସିଙ୍କୁ ସେହି ଜାଗାର ତୁରନ୍ତ ବଦଳି କରି ଜଣେ ଦକ୍ଷ ପୋଲିସ ଅଧିକାରୀଙ୍କୁ ଦେଓଗାଁରେ ନିଯୁକ୍ତି କରନ୍ତୁ । ତା ସହ ଲୋକଙ୍କ ମନରେ ଥିବା କୋକୁଆ ଭୟକୁ ଦୂର କରିବା ପାଇଁ ପୋଲିସ ଶିଘ୍ର ପଦକ୍ଷେପ ନେଉ ।

ଏଠାରେ ସୂଚନାଯୋଗ୍ୟ ଯେ ଗତ ମାସ ୧୩ ତାରିଖରେ କିଛି ସଂଖ୍ୟାଲଘୁ ଯୁବକ ଦେଓଗାଁ ଅଂଚଳରେ ଖଣ୍ଡା ତଥା ଅନ୍ୟାନ୍ୟ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭିତ କରିଥିଲେ । ତେଣୁ ହିନ୍ଦୁ-ମୁସଲିମ ସମ୍ପ୍ରଦାୟ ଭିତରେ ତିକ୍ତତା ଆଣିବା ପାଇଁ କିଛି ଲୋକ ବିଭ୍ରାନ୍ତିକର ଅପପ୍ରଚାର କରୁଛନ୍ତି । ଏହା ଯେପରି ଆଗକୁ ଉଗ୍ର ରୂପ ନନିଏ ସେ ଦିଗରେ ପୋଲିସ ଯତ୍ନବାନ ତଥା ସମ୍ବେଦନଶୀଳ ହୋଇ ପଦକ୍ଷେପ ଗ୍ରହଣ କରୁ । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମଧ୍ୟ ଯେତେ ଶିଘ୍ର ହେବ ଏହି ଘଟଣାରେ ହସ୍ତକ୍ଷେପ କରି ଦେଓଗାଁ ଅଂଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଶାନ୍ତି କମିଟି ଗଠନ କରିବା ପାଇଁ ପଦକ୍ଷେପ ନିଅନ୍ତୁ ଏବଂ ପୋଲିସ ଏଫଆଇଆରରେ ଯେଉଁ ଲୋକଙ୍କର ନାଁ ନାହିଁ ଏହି ଘଟଣା ସମ୍ପୂର୍ଣ୍ଣ ତଦନ୍ତ ନ ସରିବା ପର୍ଯ୍ୟନ୍ତ ଅଧିକ ଲୋକଙ୍କୁ ଭୟଭିତ କରିବା ପାଇଁ ଗିରଫ କରନ୍ତୁ ନାହିଁ ।


ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 6th November, 2025 Thursday | RNI Regd. No. ODIODI/2006/23033 | Postal Regd. No. : BN/169/13-15

### ସୀତା-ରାମଙ୍କ କୃପା

ହେଲ୍‌ଥ ଟନିକ୍



ଦୀର୍ଘ ଦିନ ପରେ ବାବାଙ୍କ ସହିତ ଦେଖା ହେଲା ଯୁବକର। ବାବା ଯୁବକଙ୍କୁ ଦେଖି ହସିଦେବାରୁ ଯୁବକ ପଚାରିଲା- ଆଉ ବାବା ଆପଣ କେମିତି ଅଛନ୍ତି ?

ବାବା ଦାଢ଼ି ସାଉଁଳି କହିଲେ- ଆମର ଆଉ କେମିତି କ'ଣ ବାପା ? ପ୍ରଭୁ ରାମ ଆମକୁ ଯେମିତି ରଖିବେ ଆମେ ସେମିତି ରହିବୁ।

ଏବେ ବାବା ଯୁବକକୁ ପଚାରିଲେ- ଆଉ ତୁମେ କେମିତି ଅଛ ଏବେ?

ଯୁବକ କହିଲା- କେମିତି ଆଉ କ'ଣ ବାବା ? ସୀତା ଆମକୁ ଯେମିତି ରଖିବେ ଆମେ ସେମିତି ରହିବୁ।

# ବିଶ୍ୱ ବିଜୟିନୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱ ବିଜୟିନୀଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦୀ। ଦିଲ୍ଲୀ ଲୋକକଲ୍ୟାଣ ମାର୍ଗ ସ୍ଥିତ ନିଜ ବାସଭବନରେ ପୂରା ଟିମ୍‌କୁ ଭେଟିଲେ ମୋଦୀ। ଟିମ୍ କ୍ୟାପଟେନଙ୍କୁ ସ୍ୱାଗତ କରିବା ସହ ସମସ୍ତ ଖେଳାଳୀ ଏବଂ ଅନ୍ୟ ସଦସ୍ୟଙ୍କୁ ଉଭୟ ସ୍ୱାଗତ କରିଥିଲେ। ଚାମ୍ପିଅନ୍‌ମାନଙ୍କୁ ସମ୍ମାନିତ କରିବା ସହ ସେମାନଙ୍କଠାରୁ କାହାଣୀ ଶୁଣିଥିଲେ ପ୍ରଧାନମନ୍ତ୍ରୀ। ମୋଦି ଭାରତ ମହିଳା କ୍ରିକେଟ୍ ଦଳକୁ ସ୍ୱାଗତ କରି ସେମାନଙ୍କ ସହ ସମୟ ବିତାଇଥିଲେ। ଜଣ ଜଣ କରି ସମସ୍ତଙ୍କ ଠାରୁ ସେମାନଙ୍କ ବିଶ୍ୱ ବିଜୟୀ ଯାତ୍ରାର ସଂଘର୍ଷ ଏବଂ ସଫଳତା କଥା ଶୁଣିଥିଲେ। ଏଥିସହ ବିଶ୍ୱକପ ଟ୍ରଫି ସହ ବି ଗ୍ରୁପ ଫଟୋ ଉଠାଇଥିଲେ ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ବିଶ୍ୱ ବିଜୟୀ ପାଇଁ ଦଳକୁ ଅଭିନନ୍ଦନ ଜଣାଇଥିଲେ ଏବଂ ତିନୋଟି ପରାଜୟ ସହ ସୋସିଆଲ ମିଡିଆରେ ସେମାନେ ସମ୍ମୁଖୀନ ହୋଇଥିବା ଟ୍ରୋଲିଂ ପରେ ଟୁର୍ଣ୍ଣାମେଣ୍ଟରେ ସେମାନଙ୍କ ଉଲ୍ଲେଖନୀୟ ପ୍ରତ୍ୟାବର୍ତ୍ତନକୁ ଭୂରିଭୂରି ପ୍ରଶଂସା କରିଥିଲେ। ଅଧିନାୟକ ହରମନପ୍ରୀତ କୌର ୨୦୧୭ରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବା କଥା ମନେ ପକାଇଥିଲେ । ସେତେବେଳେ ସେମାନେ ମୋଦୀଙ୍କୁ ବିନା ଟ୍ରଫିରେ ଭେଟିଥିଲେ ମାତ୍ର ଏବେ ସେମାନେ ତାଙ୍କୁ ଟ୍ରଫି ସହିତ ଭେଟିଛନ୍ତି ।

ସେପଟେ ହରମନପ୍ରୀତ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିଲେ ଯେ ସେ ସର୍ବଦା ବର୍ତ୍ତମାନରେ କିପରି ରହିପାରନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏପରି ରହିବା ତାଙ୍କ ଜୀବନର ଏକ ଅଂଶ ଏବଂ ଏହା ତାଙ୍କର ଅଭ୍ୟାସ ପାଲଟିଯାଇଛି। ପ୍ରଧାନମନ୍ତ୍ରୀ ୨୦୨୧ରେ ଇଂଲଣ୍ଡ ବିପକ୍ଷରେ ହରଲିନଙ୍କ ପ୍ରସିଦ୍ଧ କ୍ୟାଚ୍‌କୁ ମଧ୍ୟ ମନେ ପକାଇଲେ, ଯାହା ବିଷୟରେ ସେ ସେତେବେଳେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।



ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ ଯେ ହରମନପ୍ରୀତ କିପରି ଫାଇନାଲ୍ ମ୍ୟାଚ୍ ପରେ ବଲକୁ ପକେଟରେ ରଖିଥିଲେ। ସେ କହିଥିଲେ ଯେ ସେ ଭାଗ୍ୟବାନ ଯେ ବଲ୍ ତାଙ୍କ ପାଖକୁ ଆସିଥିଲା, ଏବଂ ସେ ଏହାକୁ ରଖିଥିଲେ। ପ୍ରଧାନମନ୍ତ୍ରୀ ଅମନଜୋତ କୌରଙ୍କ ବର୍ତ୍ତମାନ ପ୍ରସିଦ୍ଧ କ୍ୟାଚ୍ ବିଷୟରେ ବି ଆଲୋଚନା କରିଥିଲେ। ଯାହାକୁ ସେ ଅନେକ ଫମ୍ବଲ୍ ପରେ ଧରିବାରେ ସଫଳ ହୋଇଥିଲେ। ସେ କହିଥିଲେ ଯେ ଏହା ଏକ ଫମ୍ବଲ୍ ଯାହାକୁ ସେ ଦେଖିବାକୁ ପସନ୍ଦ କରନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ଯେ କ୍ୟାଚ୍ କରିବା ସମୟରେ ତୁମେ ବଲ୍ ଦେଖୁଛ, କିନ୍ତୁ କ୍ୟାଚ୍ ପରେ ତୁମେ ନିଶ୍ଚିତ ଭାବରେ ଟ୍ରଫି ଦେଖୁଛ।

ପ୍ରଧାନମନ୍ତ୍ରୀ ସେମାନଙ୍କୁ ଫିଟ୍ ଇଣ୍ଡିଆର ବାର୍ତ୍ତାକୁ ଆଗକୁ ନେବାକୁ କହିଥିଲେ, ବିଶେଷକରି ସାରା ଦେଶର ଝିଅମାନଙ୍କ ପାଇଁ। ଫିଟ୍ ରହିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସେମାନଙ୍କୁ ସେମାନଙ୍କ ସ୍କୁଲକୁ ଯାଇ ସେଠାରେ ଯୁବପିଢିଙ୍କୁ ପ୍ରେରଣା ଦେବାକୁ ମଧ୍ୟ କହିଥିଲେ।

ଉପ ଅଧିନାୟକ ସ୍ମୃତି ମନ୍ଧାନା କହିଛନ୍ତି, ପ୍ରଧାନମନ୍ତ୍ରୀ ସେମାନଙ୍କୁ ପ୍ରେରଣା ଦେଇଛନ୍ତି ଏବଂ ସମସ୍ତଙ୍କ ପାଇଁ ପ୍ରେରଣା ବି ପାଲଟିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପାଇଁ ଝିଅମାନେ ଆଜି ସବୁ କ୍ଷେତ୍ରରେ ଭଲ କରୁଛନ୍ତି। ସେହିପରି ଦୀପ୍ତି ଶର୍ମା କହିଥିଲେ ଯେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ଅପେକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ ଯେ ଦୀପ୍ତି ଶର୍ମା ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଜୟ ଶ୍ରୀ ରାମ ଲେଖିଛନ୍ତି ଏବଂ ତାଙ୍କ ହାତରେ ଭଗବାନ ହନୁମାନଙ୍କ ଟାଟୁ ଅଛି। ତାପରେ ଦୀପ୍ତି କହିଥିଲେ- ଯେ ଏହା ମତେ ଶକ୍ତି ଦିଏ ।

## ୭ରେ ଖରିଆର ରୋଡ୍ ଓ ନୂଆପଡାରେ ପ୍ରଚାର କରିବେ ନବୀନ

**ଭୁବନେଶ୍ୱର,୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୭ ତାରିଖରେ ପୁଣି ନୂଆପଡ଼ା ଯିବେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବେ ନବୀନ। ନୂଆପଡା ଖରିଆର ରୋଡ୍ ଓ ନୂଆପଡା ବ୍ଲକରେ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବେ। ଏ ନେଇ ଭିଡିଓ ବାର୍ତ୍ତା ମାଧ୍ୟମରେ ନବୀନ ପଟ୍ଟନାୟକ ନିଜେ ଏ ନେଇ ସୂଚନା ପ୍ରଦାନ କରିଛନ୍ତି। କୋମନାରେ ଲୋକଙ୍କ ଭଲପାଇବା ପାଇଁ କୃତଜ୍ଞତା ଜଣାଇଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।

ଉଲ୍ଲେଖଯୋଗ୍ୟ ଯେ, ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ା ଉପନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଉପନିର୍ବାଚନ ଫଳାଫଳ ନଭେମ୍ବର ୧୪ ତାରିଖରେ ପ୍ରକାଶ ପାଇବ। ବିଜେଡିର ଦିବଂଗତ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ନୂଆପଡ଼ାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଉପନିର୍ବାଚନ ପାଇଁ ବିଜେପି ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିଛି। ସେହିଭଳି ବିଜେଡି ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରି ମୈଦାନରେ ଓହ୍ଲାଇଛି।

## ବୋଇତ ବନ୍ଦାଣ ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ

**ଭୁବନେଶ୍ୱର,୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ପାରାଦ୍ୱୀପ ପୋର୍ଟ ଡେ ୨୦୨୫' ଅବସରରେ ଆୟୋଜିତ ବୋଇତ ବନ୍ଦାଣ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟ ପରମ୍ପରା, ରାଜ୍ୟର ଅର୍ଥନୈତିକ ପ୍ରଗତି ଓ ବନ୍ଦର ଭିତ୍ତିକ ଉନ୍ନତି ଉପରେ ଗୁରୁତ୍ୱ ଦେଇ ଏକ ଦୃଢ ସନ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୋଇତ ବନ୍ଦାଣ ଓ ବାଲିଯାତ୍ରା ମାତ୍ର ଏକ ପର୍ବ ନୁହେଁ, ଏହା ଓଡ଼ିଶାର ଗୌରବମୟ ନୌବାଣିଜ୍ୟ ଐତିହ୍ୟ ଓ ସାଧବମାନଙ୍କ ଦୁଃସାହସିକ ମନୋବଳର ପ୍ରତୀକ। ଏହି ପରମ୍ପରା ଆଜି ବି ଓଡ଼ିଆ ଜନତାଙ୍କୁ ପ୍ରେରଣା ଦେଉଛି ଯେ, ସେମାନେ ଧୈର୍ଯ୍ୟ ଓ ସାହସ ସହିତ ନୂଆ ଶିଖର ଛୁଇଁପାରନ୍ତି।

ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରଗତିରେ ପାରାଦୀପ ବନ୍ଦରର ଅଗ୍ରଣୀ ଭୂମିକାକୁ ଉଲ୍ଲେଖ କରି କହିଥିଲେ ଯେ, ଏହା ଆଜି ଭାରତର ସର୍ବଶ୍ରେଷ୍ଠ ବୃହତ୍ ବନ୍ଦର ଭାବେ ପରିଚିତ ହୋଇଛି। ୨୦୧୫ ମସିହାରେ ୭୧ ନିୟୁତ ଟନ୍ ପଣ୍ୟ ପରିବହନ କ୍ଷମତା ଥିଲା ଏହି ବନ୍ଦରର, ଯାହା ବଢ଼ି ୨୦୨୫ରେ ୧୫୦ ନିୟୁତ ଟନ୍‌କୁ ପହଞ୍ଚିଛି। ପାରାଦୀପ ବନ୍ଦର ଆଧୁନିକ ଓଡ଼ିଶାର ପ୍ରଗତିର ଦ୍ୱାର, ଅର୍ଥନୀତିର କୋଣାର୍କ। "ମାରିଟାଇମ ଇଣ୍ଡିଆ ଭିଜନ ୨୦୩୦" ଅନୁସାରେ ବାର୍ଷିକ ୩୦୦ ନିୟୁତ ଟନ୍ ଓ "ବିକଶିତ ଭାରତ ୨୦୪୭" ଯୋଜନା ଅନୁଯାୟୀ ୫୦୦ ନିୟୁତ ଟନ୍ ପର୍ଯ୍ୟନ୍ତ ପଣ୍ୟ ପରିବହନ କ୍ଷମତା ସହିତ ପାରାଦୀପ ବନ୍ଦରକୁ ଏକ ମେଗା ପୋର୍ଟ ଭାବେ ଗଢ଼ାଯିବ ବୋଲି ସେ ଘୋଷଣା କଲେ।

ସେ ଏହା ମଧ୍ୟ କହିଥିଲେ ଯେ ଓଡ଼ିଶା ସରକାର ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମିଳିତ ଭାବେ ଗଞ୍ଜାମ ଜିଲ୍ଲାର ବାହୁଦାଠାରେ ୨୧,୫୦୦ କୋଟି ଟଙ୍କା ବିନିଯୋଗରେ ଏକ ବୃହତ ବନ୍ଦର ଗଢ଼ିବା ପାଇଁ ଯୋଜନା କରୁଛନ୍ତି। ସେହିପରି, ମହାନଦୀ ମୁହାଣରେ ୨୪,୭୦୦ କୋଟି ଟଙ୍କା ବିନିଯୋଗରେ ଜାହାଜ ନିର୍ମାଣ ଓ ମରାମତି କେନ୍ଦ୍ର ସ୍ଥାପନ ହେବ ଓ ପୁରୀରେ ବିଶ୍ୱସ୍ତରୀୟ କ୍ରୁଜ୍ ଟର୍ମିନାଲ୍ ଗଢ଼ାଯିବ। ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାର ବାଣିଜ୍ୟ, ପର୍ଯ୍ୟଟନ ଓ ଶିଳ୍ପ ମୁଖ୍ୟ କ୍ଷେତ୍ରକୁ ନୂଆ ଦିଗ ଦେବ ବୋଲି ସେ ଆଶା ବ୍ୟକ୍ତ କଲେ।



ମୁଖ୍ୟମନ୍ତ୍ରୀ ଆହୁରି କହିଲେ ଯେ, ଭାରତ ସରକାରଙ୍କ "ସାଗରମାଳା, ଗତିଶକ୍ତି ଓ ନ୍ୟାସନାଲ୍ ଲଜିଷ୍ଟିକ୍ ପଲିସି" ଯୋଜନା ସହ ସମନ୍ୱୟ କରି ଓଡ଼ିଶାରେ ବନ୍ଦର ଭିତ୍ତିକ ଅର୍ଥନୀତି ଗଢ଼ାଯାଇଛି। ରାଜ୍ୟ ସରକାର ତଟବର୍ତ୍ତୀ ଅଞ୍ଚଳଗୁଡ଼ିକରେ କୋଷ୍ଟାଲ୍ ଇକୋନୋମିକ୍ ଜୋନ ସ୍ଥାପନ ପାଇଁ ଉଦ୍ୟମ କରୁଛି। ସେ କହିଲେ ଯେ, "ମୋଦୀଜୀଙ୍କ ଦୃଢ ନେତୃତ୍ୱରେ ଭାରତ ନୌବାଣିଜ୍ୟରେ ନୂତନ ଯୁଗକୁ ପ୍ରବେଶ କରିଛି ଓ 'ମାରି-ଟାଇମ୍ ଅମୃତକାଲ୍ ଭିଜନ ୨୦୪୭' ଅନୁଯାୟୀ ଦେଶର ବନ୍ଦରମାନେ ବିଶ୍ୱସ୍ତରୀୟ ହେବେ।"

ଗତ ଚାରି ବର୍ଷ ଧରି ପାରାଦୀପ ବନ୍ଦର ନିରନ୍ତର ଭାବେ ନୂତନ ରେକର୍ଡ ସୃଷ୍ଟି କରିଛି ଓ ପୂର୍ବ ପଚାଶ ବର୍ଷର ସଫଳତାକୁ ଅତିକ୍ରମ କରିଛି। କ୍ଷମତା ବୃଦ୍ଧି, ବ୍ୟବସାୟିକ ପଦ୍ଧତିର ଉନ୍ନତି, ଦକ୍ଷତା ବିକାଶ ଓ ସମସ୍ତଙ୍କଠାରୁ ଅଧିକ 'ଟିମ୍ ପାରାଦୀପ'ର ଅକ୍ଳାନ୍ତ ଶ୍ରମ ଓ ସମର୍ପଣର ଫଳରେ, ପାରାଦୀପ ବନ୍ଦର ଆଜି ଦେଶର ନମ୍ବର ଏକ ବନ୍ଦର ଭାବେ ପରିଚିତ ହୋଇଛି ବୋଲି ପାରାଦୀପ ବନ୍ଦର ଅଧ୍ୟକ୍ଷ ପି. ଏଲ୍.ହରନାଧ କହିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ, ଜିଲ୍ଲାପାଳ ଜେ.ସୋନାଲ, କେନ୍ଦ୍ରାଞ୍ଚଳ ଡ଼ି. ଆଇ. ଜି ଡଃ ସତ୍ୟଜିତ ନାଏକ ପ୍ରମୁଖ ମଂଚାସୀନ ଥିବା ବେଳେ, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଅଲେଖ ଚରଣ ସାହୁ ଧନ୍ୟବାଦ ଦେଇଥିଲେ।

## ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ: ଦଳକୁ ଫେରିଲେ ଋଷଭ

**ନୂଆଦିଲ୍ଲୀ,୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ନଭେମ୍ବର ୧୪ରୁ ଆରମ୍ଭ ହେଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଟେଷ୍ଟ ସିରିଜ ପାଇଁ ଆଜି ଘୋଷଣା ହୋଇଛି ଭାରତୀୟ ଦଳ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଆହତ ହୋଇଥିବା ଋଷଭ ପନ୍ତ ଶେଷରେ ଭାରତୀୟ ଟିମକୁ ଫେରିଛନ୍ତି। ଜାତୀୟ ଦଳରେ ସାମିଲ ହେବା ପୂର୍ବରୁ ପନ୍ତଙ୍କୁ ଫିଟନେସର ପରୀକ୍ଷା ଦେବାକୁ ପଡିଥିଲା। ଦକ୍ଷିଣ ଆଫ୍ରିକା ଏ' ବିପକ୍ଷ ୪ ଦିନିଆ ଟେଷ୍ଟ ମଧ୍ୟ ସେ ଖେଳିଥିଲେ। ଏହାପରେ ବିସିସିଆଇ ତାଙ୍କୁ ୧୫ ଜଣିଆ ସ୍କ୍ୱାଡରେ ସାମିଲ କରିଛି।

ଇଂଲଣ୍ଡ ବିପକ୍ଷ ସିରିଜରେ ଆହତ ହେବା ଯୋଗୁ ପନ୍ତ ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ସିରିଜରୁ ବାଦ ପଡିଥିଲେ। ଏବେ କିନ୍ତୁ ସେ ଦଳକୁ କମବ୍ୟାକ କରିଛନ୍ତି। ଦଳକୁ ଫେରିବା ସହ ସେ ପୂର୍ବଭଳି ଭାରତୀୟ ଟିମର ଉପ ଅଧିନାୟକ ଦାୟିତ୍ୱରେ ରହିବେ।




ପନ୍ତଙ୍କ ଅନୁପସ୍ଥିତିରେ ରବୀନ୍ଦ୍ର ଜାଡେଜା ୱେଷ୍ଟଇଣ୍ଡିଜ ବିପକ୍ଷ ଘରୋଇ ଟେଷ୍ଟରେ ଉପ ଅଧିନାୟକ ଦାୟିତ୍ୱ ପାଇଥିଲେ। ପନ୍ତ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ପ୍ରଥମ ୱିକେଟ କିପର ଭାବେ ସ୍ଥାନ ପାଇଥିବା ବେଳେ ଧ୍ରୁବ ଜୁରେଏ ତାଙ୍କ ବ୍ୟାକଅପ ଭାବେ ସ୍କ୍ୱାଡରେ ରହିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ବାଦ ପଡିଥିବା ବେଳେ ଅକ୍ଷର ପଟେଲଙ୍କ କମବ୍ୟାକ ହୋଇଛି।

୨୦୨୪ରେ ଅକ୍ଷର ଭାରତ ପାଇଁ ଶେଷ ଟେଷ୍ଟ ଖେଳିଥିଲେ। ଏବେ ତାଙ୍କୁ ଜେଡେଜା ଓ ୱାଶିଂଟନ ସୁନ୍ଦରଙ୍କ ବ୍ୟାକଅପ ଭାବେ ରଖା ଯାଇଛି। ଇଣ୍ଡିଜ ବିପକ୍ଷ ଟେଷ୍ଟରେ ନଜର ଆସି ନଥିବା ଆକାଶ ଦୀପ ମଧ୍ୟ ଭାରତୀୟ ସ୍କ୍ୱାଡକୁ ଫେରିଛନ୍ତି।

ଭାରତ ବିପକ୍ଷରେ ଟେଷ୍ଟ ଖେଳିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ପଡୋଶୀ ପାକିସ୍ତାନ ସହ ମ୍ୟାଚ୍ ଖେଳୁଛି। ଟେଷ୍ଟ ସିରିଜକୁ ଦଳ ୧-୧ରେ ଡ୍ରରେ ରଖିଥିବା ବେଳେ ଟି-୨୦ ସିରିଜ ହାରି ସାରିଛି। ଏବେ ଦୁଇ ଦେଶ ମଧ୍ୟରେ ଦିନିକିଆ ସିରିଜ ଚାଲିଛି। ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ହାରି ଯାଇଛି।

ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଟେଷ୍ଟ ନଭେମ୍ବର ୧୪ରୁ ୧୮ ଯାଏ ଇଡେନ ଗାର୍ଡେନ୍ସରେ ଖେଳାଯିବ। ଏହାପରେ ଗୁହାଟୀରେ ନଭେମ୍ବର ୨୨ରୁ ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବ। ଟେଷ୍ଟ ସିରିଜ ପରେ ଦୁଇ ଦେଶ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବେ।

ଭାରତୀୟ ଟେଷ୍ଟ ସ୍କ୍ୱାଡ: ଶୁବମନ ଗିଲ(ଅଧିନାୟକ), ଋଷଭ ପନ୍ତ(ଉପ ଅଧିନାୟକ), ଯଶସ୍ୱୀ ଜୈସୱାଲ, କେଏଲ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ, ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ ବୁମ୍ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ ସିରାଜ, କୁଲଦୀପ ଯାଦବ ଓ ଆକାଶ ଦୀପ।

## ପ୍ରଥମ ପୃଷ୍ଠାରୁ...

### ୨୨ଥର ଭୋଟ...

କହିଛନ୍ତି, "ନିର୍ବାଚନ କମିଶନ ନକଲି ଭୋଟରଙ୍କୁ ଗୋଟିଏ ସେକେଣ୍ଡରେ ହଟାଇବାକୁ ସକ୍ଷମ। କାହିଁକି ସେମାନେ ଏମିତି କରି ନାହାନ୍ତି ? ଏହାର କାରଣ ହେଲା, ସେମାନେ ବିଜେପିକୁ ସହଯୋଗ କରୁଛନ୍ତି। ଭୋଟ ଚୋରିର ୧୦୦% ପ୍ରମାଣ ସମସ୍ତଙ୍କ ଆଗରେ ରହିଛି। ବେଶ ବ୍ୟବସ୍ଥିତ ଢଙ୍ଗରେ କଂଗ୍ରେସର ବିଜୟକୁ ପରାଜୟରେ ପରିଣତ କରାଯାଇଥିଲା। ଆମ ଟିମ ୫.୨୧ ଲକ୍ଷ ନକଲି ଭୋଟରଙ୍କୁ ସାମିଲ କରାଯିବାର ପ୍ରମାଣ ପାଇଛି।

ହରିୟାଣା ଇତିହାସରେ ପ୍ରଥମଥର ପୋଷ୍ଟାଲ ବାଲଟ ପ୍ରକୃତ ଭୋଟ ସହ ମେଳ ଖାଇନଥିଲା। ଏପରି ପୂର୍ବରୁ କେବେ ବି ହୋଇ ନଥିଲେ। ଏପରି କରି ଗଣତନ୍ତ୍ରକୁ ଦୁର୍ବଳ କରାଯାଇଛି। କଂଗ୍ରେସର ଏକତରଫା ବିଜୟପୁ ପରାଜୟର ରୂପ ଦିଆଯାଇଛି।"

ନିଜର ଅଭିଯୋଗକୁ ତଥ୍ୟ ଉପରେ ଆଧାରିତ ବୋଲି ରାହୁଲ ଗାନ୍ଧି ଦାବି କରି କହିଛନ୍ତି ଯେ ସେ କେବଳ ଇସିଙ୍କୁ ପ୍ରଶ୍ନ କରୁ ନାହାନ୍ତି, ବରଂ ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି।

ତେବେ ରାହୁଲ ଗାନ୍ଧିଙ୍କ ଦାବିକୁ ନିର୍ବାଚନ କମିଶନ ଗୋଟିଏ ସୂତ୍ରରେ ଖଣ୍ଡନ କରିଛନ୍ତି। ରାଜ୍ୟର ଭୋଟର ତାଲିକା ବିରୋଧରେ କୌଣସି ଆବେଦନ କରାଯାଇ ନଥିଲେ। କେବଳ ୨୨ଟି ନିର୍ବାଚନ ପିଟିସନ ଏବେ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ପଡି ରହିଛି।

ମତଦାନ ସମୟରେ କଂଗ୍ରେସ ଏଜେଣ୍ଟମାନେ କ'ଣ କରୁଥିଲେ ? ଯଦି କେହି ଭୋଟ ଦେଇ ସାରିଛନ୍ତି କିମ୍ବା କାହାର ପରିଚୟ ଉପରେ ସେମାନଙ୍କର ସନ୍ଦେହ ରହିଥିଲା, ତା'ହେଲେ ସେମାନେ କାହିଁକି ଏହାକୁ ବିରୋଧ କରି ନଥିଲେ ବୋଲି ଇସିଙ୍କ ସୂତ୍ରରେ ପ୍ରଶ୍ନ କରାଯାଇଛି।

### ଗତବର୍ଷ ସଡ଼କ...

୨୦୨୩ରେ ୨୩,୬୫୧୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୪ରେ ଏହି ସଂଖ୍ୟା ବଢି ୨୪,୧୧୮ ହୋଇଛି। ଓଡ଼ିଶାରେ ୨୦୨୩ରେ ୫୭୩୯ ଜଣଙ୍କ ସଡ଼କ ଦୁର୍ଘଟଣାରେ ପ୍ରାଣ ଯାଇଥିଲା, ୨୦୨୪ରେ ଏହା ବଢି ୬୧୪୨ ହୋଇଛି। ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅନେକ ରାଜ୍ୟରେ ଦୁର୍ଘଟଣା ଯୋଗୁ ହେଉଥିବା ମୃତ୍ୟୁ ସଂଖ୍ୟା ବଢୁଥିବା ନଜର ଆସୁଛି। ତେବେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ହୋଇଥିବା ମୃତ୍ୟୁରେ ହ୍ରାସ ଦେଖିବାକୁ ମିଳୁଛି। ଏହି ସୂଚୀରେ କେରଳ ଓ ଗୁଜରାଟର ନାଁ ସାମିଲ ରହିଛି।

### ୪ଜଣଙ୍କ ଉପରେ...

କାଲକା-ହାୱଡା ନେତାଜୀ ଏକ୍ସପ୍ରେସ ଆସୁଥିଲା। ଏ ସମ୍ପର୍କରେ କିନ୍ତୁ ଯାତ୍ରୀମାନେ ଜାଣି ପାରି ନଥିଲେ। ସେ ଟ୍ରାକରେ ଓହ୍ଲାଇ ଚାଲିଚାଲି ଯାଉଥିବା ବେଳେ ଦ୍ରୁତଗାମୀ ଟ୍ରେନଟି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ୪ ଜଣ ପ୍ରାଣ ହରାଇଥିବା ରେଳବାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏଥିସହ ରେଳ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣାକୁ ଗୁରୁତ୍ୱର ସହ ନେଇ ମୃତକଙ୍କ ପରିବାର ପ୍ରତି ଶୋକ ପ୍ରକାଶ କରିଛନ୍ତି।

ଘଟଣା ପରେ ପୂରା ଷ୍ଟେସନରେ ଧାଁଦୌଡ ସ୍ଥିତି ଦେଖିବାକୁ ମିଳିଥିଲା। ବିପୁଳ ସଂଖ୍ୟାରେ ପୁଲିସ୍ ଓ ରେଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସ୍ଥିତିକୁ ନିୟନ୍ତ୍ରଣ କରିଛନ୍ତି। ସମସ୍ତଙ୍କ ପ୍ରୟାସରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଶେଷ ହୋଇଛି। ଘଟଣା ଯୋଗୁ ବେଶ କିଛି ସମୟ ଟ୍ରେନ ଚଳାଚଳ ପ୍ରଭାବିତ ହୋଇଥିଲା। ତେବେ ମଧ୍ୟାହ୍ନ ସମୟରେ ସ୍ଥିତି ସ୍ୱାଭାବିକ ହୋଇଛି।

### ବାଲିଯାତ୍ରା ଓଡ଼ିଆ...

ଉଦବୋଧନରେ ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ପରମ୍ପରାର ସ୍ମୃତି ସଂପର୍କରେ ଆଲୋକପାତ କରିଥିଲେ। ଏଥି ସହିତ ଇଣ୍ଡୋନେସିଆ ଓ ଓଡ଼ିଶାର ଭାବାଗତ ସଂପର୍କ ଅତି ପ୍ରାଚୀନ ଓ ସୁଦୃଢ଼ ବୋଲି ସେ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କୁ ସିସୋର ବୋଟ କ୍ଲବ ନିକଟରୁ ବୋଇତରେ ଗଡ଼ଗଡ଼ିଆ ଘାଟକୁ ଅଣାଯାଇଥିଲା। ସେଠାରେ ପାରମ୍ପାରିକ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ପରେ ମୁଖ୍ୟ ଅତିଥି ଶ୍ରୀ ମାଝୀ କଟକ-ଇନ-କଟକ ପାଭିଲିୟନକୁ ଉଦଘାଟନ କରିଥିଲେ। ଏହା ପରେ ଓରମାସ ଷ୍ଟଲ ପରିଦର୍ଶନ କରିବା ପରେ ଅତିଥିମାନେ ଗଣକବି ବୈଷ୍ଣବ ପାଣି ମଂଚକୁ ଆସିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଓ ମୁଖ୍ୟ ଅତିଥି ଶ୍ରୀ ମାଝୀଙ୍କୁ ବାଲିଯାତ୍ରାର ସ୍ମାରକୀ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲିଯାତ୍ରା ସ୍ମରଣିକାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ । ଚଳିତବର୍ଷ ବାରବାଟୀ କିଲ୍ଲା ଓ ମହାନଦୀପଠା ଉଭୟ ପଡ଼ିଆରେ ପ୍ରାୟ ୧୭୦୦ ଷ୍ଟଲ ହୋଇଥିବାବେଳେ ୨୦୦୦ ବ୍ୟବସାୟୀ ଏଥିରେ ସାମିଲ ହୋଇଛନ୍ତି। ଏସିଆ ମହାଦେଶର ସର୍ବବୃହତ ମୁକ୍ତାକାଶ ବାଣିଜ୍ୟମେଳା କଟକ ବାଲିଯାତ୍ରା ନଭେମ୍ବର ୫ରୁ ନଭେମ୍ବର ୧୨ ଯାଏ ଅନୁଷ୍ଠିତ ହେବ। ପ୍ରଥମ ସନ୍ଧ୍ୟାର ସାଂସ୍କୃତିକ ମଞ୍ଚରେ ଇଣ୍ଡୋନେସିଆ କଳାକାରମାନଙ୍କ ପକ୍ଷରୁ ପରିବେଷିତ ହୋଇଥିବା ଚିତାକର୍ଷକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ସମ୍ମୋହିତ କରିଥିଲା। ପ୍ରଥମ ସନ୍ଧ୍ୟାରେ ବାଲିଯାତ୍ରାରେ ଲକ୍ଷାଧିକ ଦର୍ଶକଙ୍କ ସମାଗମ ହୋଇଥିଲା।

### ରାଜ୍ୟ ଉପରେ...

ତାହା ରାଜସ୍ୱ ନିଅଣ୍ଟକୁ ପରିବର୍ତ୍ତିତ ହେବ। ୨୦୨୪-୨୫ (ସଂଶୋଧିତ ଆକଳନ) ତୁଳନାରେ ଆସାମ ଓ ପଶ୍ଚିମବଙ୍ଗ ଏହି ଯୋଜନା ପାଇଁ ସେମାନଙ୍କର ବ୍ୟୟବରାଦକୁ ଯଥାକ୍ରମେ ୩୧% ଏବଂ ୧୫% ବୃଦ୍ଧି କରିଛନ୍ତି। ପିଆର୍‌ଏସ୍ ସତର୍କ କରାଇ ଦେଇଛି ଯେ, ଯଦି ଅଧିକ ରାଜ୍ୟ ଉପାର୍ଜନରେ ଅନୁରୂପ ବୃଦ୍ଧି ନ କରି ଏହିପରି କଲ୍ୟାଣକାରୀ ମଡେଲ୍ ଗ୍ରହଣ କରନ୍ତି, ତେବେ ଏହା ଏକ ବଡ଼ ଆର୍ଥିକ ଆହ୍ୱାନ ସୃଷ୍ଟି କରିବ।

### ଡିଜେ ପାଇଁ ଚାଲିଗଲା...

ତଥାପି ମୋଟାମୋଟି ଠିକ୍ ଥିଲେ। କିନ୍ତୁ ତା'ପରେ ଏହି ଡିଜେ ବାଜିବା ପରେ ସେ ସେହି ଶବ୍ଦକୁ ସମ୍ଭାଳି ପାରିନଥିଲେ ବୋଲି ଆମେ ଭାବୁଛୁ।

ଅନ୍ୟପକ୍ଷରେ ଦେବୀ ରଥଙ୍କ ଘର ପାଖରେ ଡିଜେ ବାଜିନି ବୋଲି କହିଛନ୍ତି ଡିଜେ ସଂଘ ସଭାପତି ଶିଶିର ଦାସ। ସେ କହିଛନ୍ତି, କାର୍ତ୍ତିକ ପୂର୍ଣ୍ଣିମା ଶୋଭାଯାତ୍ରା ବେଳେ ବାଜାକୁ ନେଇ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଜାଣିଛି। ଡିଜେ ଉପରେ ଅଙ୍କୁଶ ଲାଗିଛି। ମାତ୍ର ବାଜାକୁ ନେଇ କୌଣସି କଟକଣା ନାହିଁ। ସେଥିପାଇଁ ଏକ ଅମୂଲ୍ୟ ଜୀବନ ଚାଲିଗଲା। ସେଥିପାଇଁ ଆମେ ଦୁଃଖିତ। କେନ୍ଦ୍ରାପଡାରୁ ବାଜା ଦଳ ଆସିଥିଲେ। ସେମାନଙ୍କୁ ଦଣ୍ଡିତ କରାଯାଉ।

ଦେବୀ ରଥ ନିଜର ନିଆରା ଅଭିନୟ ପାଇଁ ଯାତ୍ରା ଜଗତରେ ବେଶ୍ ପରିଚିତ ଥିଲେ। ବିଶେଷକରି ସମ୍ଭ୍ରାନ୍ତ ବାପା, ଜମିଦାର ଭଳି ଭୂମିକାରେ ଯିଏ ଦେବୀଙ୍କୁ ଥରେ ଦେଖିଛି, ସେ ସବୁଦିନ ପାଇଁ ତାଙ୍କୁ ମନେ ରଖିଛନ୍ତି। ୪୦ ବର୍ଷର କ୍ୟାରିୟର ଭିତରେ ଶହେରୁ ଅଧିକ ନାଟକରେ ଅଭିନୟ କରିଛନ୍ତି ଦେବୀ ରଥ। ଜେଲ ଟାଇଗର ନାଟକ ପାଇଁ ସାରା ଓଡିଶାରେ ଚହଳ ପକାଇଥିଲେ ଦେବୀ। ରାଜ୍ୟର ଅନେକ ନାମୀଦାମୀ ଯାତ୍ରା ଅନୁଷ୍ଠାନର ଲିଡ୍ ଆର୍ଟିଷ୍ଟ ଥିଲେ ସେ। ୨୦୧୭ ପରେ ଅସୁସ୍ଥ କାରଣ ପାଇଁ ଦେବୀ ଆଉ ଯାତ୍ରାରେ ଅଭିନୟ କରୁନଥିଲେ। ଶ୍ୱାସରୋଗ ପାଇଁ ତାଙ୍କର ନିୟମିତ ଚିକିତ୍ସା ଚାଲିଥିଲା।

## ଘରୋଇ ମେଡିକାଲରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା

**ଭୁବନେଶ୍ୱର,୫।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱରର ମୈତ୍ରୀ ବିହାର ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ଘରୋଇ ହସ୍‌ପିଟାଲ୍‌ର ଜଣେ ଟେକ୍ନିସିଆନ (ନ୍ୟୁରୋ ଆସିଷ୍ଟାଣ୍ଟ)ଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି ତାଙ୍କର ଜଣେ ମହିଳା ସହକର୍ମୀ (ସିଷ୍ଟର ଇନ୍‌ଚାର୍ଜ)। ଏନେଇ ସେ ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଛନ୍ତି। ଏହା ସହିତ ସେ ହସ୍‌ପିଟାଲର ଅନେକ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କାରଣ ସେମାନେ ନ୍ୟାୟ ଦେବା ବେଳେ ତାଙ୍କୁ ଧମକ ଦେବା ସହିତ ମାନସିକ ନିର୍ଯାତନା ଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ପୀଡିତା ଅଭିଯୋଗ କରିଛନ୍ତି, ଘଟଣାଟି ଗତ ୨୫ ତାରିଖର। ଏଯାଏ ମେଡିକାଲ କର୍ତ୍ତୃପକ୍ଷ ତଦନ୍ତ କଲେନି। ଘଟଣା ସଂପର୍କରେ ଅଭିଯୋଗ କରି ସଂଘ ପାଖକୁ ଯାଇଥିଲି। ସଂଘ ଶୁଣିଲାନି। ମାନବ ସମ୍ବଳ ମୁଖ୍ୟ (ଏଚ୍‌ଆର ହେଡ୍) ଓ ସିଇଓ ମଧ୍ୟ ଶୁଣିଲେନି। ସେ (ଅଭିଯୁକ୍ତ) ସମସ୍ତଙ୍କ ସହିତ ବ୍ୟବହାର ଖରାପ କରୁଛି। ମୋତେ ସ୍ପର୍ଶ କରିଛି। ତା' ସତ୍ତ୍ୱେ କାହିଁକି ତାକୁ ସମର୍ଥନ କରାଯାଉଛି ? ଅଭିଯୋଗ କଲା ପରେ ମୋତେ ଡାକି କହିଲେ, 'ତୁମେ ରାତାରାତି ଇସ୍ତଫା ଦେଇ ଚାଲିଯାଅ। ନହେଲେ ଆମେ ତୁମକୁ ଟର୍ମିନେଟ୍ କରିଦେବୁ। ଟର୍ମିନେଟ୍ କରିବା ସହିତ ବ୍ଲାକ୍‌ଲିଷ୍ଟରେ ପକାଇ ଦେବୁ। ଫଳରେ ଅଲଗା ହସ୍‌ପିଟାଲରେ ତୁମକୁ ଚାକିରି ମିଳିବନି।' ୧୧ ଦିନ ହେଲାଣି ମୋ କଥା ବୁଝାଯାଇନି। ଏଚ୍‌ଆର ସମ୍ମୁଖରେ ବସାଇ ଦେଉଛନ୍ତି। ତଦନ୍ତ ଚାଲିଛି କହି କାମ କରିବାକୁ ଅନୁମତି ଦେଉନାହାନ୍ତି।

ପୀଡିତା ନର୍ସ ଜଣଙ୍କ ଅଭିଯୋଗ କରିଛନ୍ତି ଯେ ହସ୍‌ପିଟାଲରେ ଚାଲିଥିବା କିଛି ବେଆଇନ କାର୍ଯ୍ୟ ବିଷୟରେ ସେ ମ୍ୟାନେଜମେଣ୍ଟକୁ ଅଭିଯୋଗ କରିବା ପରେ ତାଙ୍କୁ ଟାର୍ଗେଟ କରାଯାଇଛି।

ସେ କହିଛନ୍ତି, ଓଟି ଭିତରେ ଯାହା ବି ଦୁର୍ନୀତି ଚାଲିଥିଲା, ତାହାକୁ ମୁଁ ଆଗକୁ ଆଣିଥିଲି। ମ୍ୟାନେଜମେଣ୍ଟକୁ ଜଣାଇଥିଲି। ଏଠାରେ ସର୍ଜରୀ କରୁଛନ୍ତି ନର୍ସ। ଯେଉଁମାନେ ପାସ୍ କରି ୬ ମାସ କାମ କରିଛନ୍ତି, ସେମାନଙ୍କୁ ସୁପରଭାଇଜର ପୋଷ୍ଟରେ ନିଯୁକ୍ତ କରୁଛନ୍ତି। ସେମାନଙ୍କୁ ଓଟିରେ ଅପରେସନ କରିବା ପାଇଁ ପଠାଯାଉଛି। ସର୍ଜରୀ ଅଧାଅଧି ହେବା ପରେ ସର୍ଜନ ଆସୁଛନ୍ତି। ସେଇଟା କହିଲି ବୋଲି ମୁଁ ଖରାପ ହେଲି। ସେଥିପାଇଁ ମୋତେ ଟାର୍ଗେଟ କଲେ।

ସମାଜସେବୀ ସସ୍ମିତା ଦାସ କହିଛନ୍ତି, ଅଭିଯୁକ୍ତ ସମସ୍ତଙ୍କ ସାମ୍ନାରେ ଏହି ନର୍ସଙ୍କୁ ଶାରୀରିକ ନିର୍ଯାତନା ଦେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିଥିଲେ। ପୀଡତା ଏନେଇ ହସ୍‌ପିଟାଲର ଏଚ୍‌ଆର୍ ହେଡ୍ ଓ ସିଇଓଙ୍କୁ ଜଣାଇଥିଲେ। ସେମାନେ ଓଲଟି ପୀଡିତାଙ୍କୁ ଧମକ ଦେଇଥିଲେ। ତାଙ୍କୁ ତୁରନ୍ତ ଇସ୍ତଫା ଦେବାକୁ କହିଥିଲେ। ନହେଲେ ତାଙ୍କୁ ଚାକିରିରୁ ବାହାର କରିଦିଆଯିବ ବୋଲି କହିଥିଲେ। ସେ ଅନ୍ୟ କୌଣସି ହସ୍‌ପିଟାଲରେ ମଧ୍ୟ ଚାକିରି ପାଇବେନି ବୋଲି ଧମକ ଦେଇଥିଲେ। ହସ୍‌ପିଟାଲ କର୍ତ୍ତୃପକ୍ଷ ତାଙ୍କ ଦୁଃଖ ବୁଝିବା ବଦଳରେ ତାଙ୍କୁ ବ୍ଲାକମେଲିଂ କରିଥିଲେ। ସେମାନେ ଚାହିଁଥିଲେ ସମାଧାନ କରିପାରିଥା'ନ୍ତେ। ତାହା ନକରି ଧମକ ଦେଇଥିଲେ। ଅଭିଯୁକ୍ତ ପୀଡିତାଙ୍କୁ ଫୋନ୍ କରି ଧମକ ଦେଇଥିଲେ। ତାଙ୍କ ଫଟୋ ନେଇ ଅଶ୍ଳୀଳ ଫିଲ୍ମ କରି ଭାଇରାଲ କରିଦେବେ ବୋଲି କହିଥିଲେ ଅଭିଯୁକ୍ତ। ସେ କହିଥିଲେ ଯେ ତାଙ୍କର ଗୁଣ୍ଡା ଅଛନ୍ତି। ପୀଡିତାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିବେ ବୋଲି ମଧ୍ୟ ସେ ଧମକ ଦେଇଥିଲେ।

ସୂଚନାଯୋଗ୍ୟ, ପୀଡତା ଉକ୍ତ ଟେକ୍ନିସିଆନ (ନ୍ୟୁରୋ ଆସିଷ୍ଟାଣ୍ଟ)ଙ୍କ ସହିତ ଆଉ ଦୁଇ ଜଣ ବ୍ୟକ୍ତିଙ୍କ ନାଁରେ ଅଭିଯୋଗ ଆଣିଛନ୍ତି। ତେବେ ଟେକ୍ନିସିଆନ ଜଣଙ୍କ ମୁଖ୍ୟ ବୋଲି ସେ କହିଛନ୍ତି। ଏ ତିନି ଜଣଙ୍କ ସହିତ ସିଇଓ, ମେଡିକାଲ ଅଧୀକ୍ଷକ, ନର୍ସିଂ ନିର୍ଦ୍ଦେଶକ ଓ ଏଚ୍‌ଆର ହେଡ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ଏହି ଘଟଣା ନେଇ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ବିଷାକ୍ତ ଧୂଆଁରେ ଅଣନିଶ୍ୱାସୀ ଦିଲ୍ଲୀବାସୀ: ସହଯୋଗ କରିବାକୁ ଚୀନ ପ୍ରସ୍ତୁତ

**ନୂଆଦିଲ୍ଲୀ,୫।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟମାନଙ୍କର ବେହିସାବ ଜୀବନ ଶୈଳୀ ଓ ସରକାରଙ୍କର ବିଫଳତା ଯୋଗୁ ବର୍ତ୍ତମାନ ରାଜଧାନୀ ଦିଲ୍ଲୀ ବିଷାକ୍ତ ଧୂଆଁରେ ଅଣନିଶ୍ୱାସୀ ହୋଇପଡିଛି। ଏକ ସର୍ଭେ ଅନୁସାରେ ଦିଲ୍ଲୀରେ ରହୁଥିବା ୭୫% ଜନତା ବର୍ତ୍ତମାନ ରୋଗଗ୍ରସ୍ତ ହୋଇପଡିଛନ୍ତି। ସଂକ୍ରମଣ ଜନିତ କାଶ, ଅଣ୍ଡା ଲାଗି ରହିଛି।

ଦେଶର ଏଭଳି ସ୍ଥିତି ଯୋଗୁ ଶିକ୍ଷିତ ଜନତାଙ୍କ ଠାରୁ ଆରମ୍ଭ କରି ସୁପ୍ରିମକୋର୍ଟ ଚିନ୍ତା ପ୍ରକାଶ କରୁଥିଲେ ବି ଲୋକଙ୍କ ଚିନ୍ତାଧାର ବଦଳୁ ନାହିଁ କି ସରକାର କିଛି କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଚୀନ ସହଯୋଗରେ ହାତ ବଢ଼ାଇଛି। ପ୍ରଦୂଷଣ ରୋକିବାରେ ଭାରତକୁ ସହଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଛି ପଡୋଶୀ ଚୀନ।

ଭାରତରେ ଥିବା ଚୀନ ଦୂତାବାସ ପକ୍ଷରୁ ଏନେଇ ଏକ୍ସରେ ପୋଷ୍ଟ କରି କୁହାଯାଇଛି। ଏହି ପୋଷ୍ଟରେ ଚୀନ କହିଛି ଯେ ବେଜିଂ ପ୍ରଦୂଷଣ ମୁକାବିଲା କରିବାରେ ନିଜର ଅଭିଜ୍ଞତା ଭାରତ ସହିତ ବାଣ୍ଟିବାକୁ ପ୍ରସ୍ତୁତ ଅଛି। ବେଜିଂ ଏବଂ ସାଂଘାଇ ଭଳି ପ୍ରମୁଖ ସହରରେ କୁହୁଡ଼ି ସ୍ତରକୁ ଆମେ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାରେ ସଫଳ ହୋଇଛୁ ବୋଲି ଦୂତାବାସ ଲେଖିଛି।

ଚୀନ୍ ଦୂତାବାସର ମୁଖପାତ୍ର ୟୁ ଜିଙ୍ଗ୍ ଏକ୍ସରେ ଲେଖିଛନ୍ତି, 'ଚୀନ୍ ମଧ୍ୟ ଦିନେ ଗମ୍ଭୀର ଧୂମିଳ କୁହୁଡ଼ି ସହିତ ସଂଘର୍ଷ କରୁଥିଲା। ତେଣୁ ଆମେ ସ୍ୱଚ୍ଛ ନୀଳ ଆକାଶ ଆଡ଼କୁ ଆମର ସଫଳ ଯାତ୍ରା ଭାରତ ସହିତ ଶେୟାର କରିବାକୁ ପ୍ରସ୍ତୁତ ଅଛୁ। ଏବଂ ବିଶ୍ୱାସ କରୁଛୁ ଯେ ଭାରତ ଖୁବ୍ ଶୀଘ୍ର ସେହି ସଫଳତା ପାଇପାରିବ।'

ସୂଚନାଯୋଗ୍ୟ, ଚୀନ ଦଶନ୍ଧୀ ଧରି ପ୍ରଦୂଷଣ ବିରୋଧରେ ଲଢ଼େଇ ଜାରି ରଖିଛି। ୨୦୧୩ ମସିହାରେ, ଚୀନ ସରକାର 'ପ୍ରଦୂଷଣ ବିରୁଦ୍ଧରେ ଯୁଦ୍ଧ' ଘୋଷଣା କରିଥିଲେ। ଏବଂ ବାୟୁର ମାନ ଉନ୍ନତ କରିବା ପାଇଁ ୧୦୦ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରି ଏକ ବହୁବର୍ଷୀୟ ପ୍ରୟାସ ଆରମ୍ଭ କରିଥିଲେ। କର୍ତ୍ତୃପକ୍ଷ କାରଖାନାଗୁଡ଼ିକ ଉପରେ କଠୋର ନିୟନ୍ତ୍ରଣ ଲାଗୁ କରିଥିଲେ। ରାସ୍ତାରୁ ପୁରୁଣା ଯାନବାହନ ହଟାଇବା ସହ କୋଇଲାର କମ ବ୍ୟବହାର ନ୍ୟାଚୁରାଲ ଗ୍ୟାସର ବ୍ୟବହାର କରିବା ବଢ଼ାଇଥିଲା। ଏଥିରେ ବେଜିଂକୁ ସଫଳତା ମିଳିଛି ବୋଲି ନ୍ୟୁଟର୍କ ଟାଇମ୍ସ ରିପୋର୍ଟ ପ୍ରକାଶ କରିଛି।

ଏପଟେ ଦିଲ୍ଲୀ ସରକାର ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ କ୍ଲାଉଡ ସିଡିଂ କରି ଅଯଥା ଜନତାଙ୍କ ଟଙ୍କା ବର୍ବାଦ କରୁଛନ୍ତି। କ୍ଲାଉଡ୍ ସିଡିଂର ପରିଣାମ ସେତେ ସଫଳ ନୁହେଁ ବୋଲି ଜାଣିସୁଦ୍ଧା ଦିଲ୍ଲୀ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିଦେଇଛନ୍ତି। ପ୍ରଥମ ୩ଟି ପ୍ରୟାଶରେ ଦିଲ୍ଲୀ ସରକାର ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ, ହେଲେ ଦିଲ୍ଲୀରେ ଗୋଟିଏ ବୁନ୍ଦା ବି ବର୍ଷା ଝରି ନଥିଲା। ତେଣୁ ଏଭଳି ସ୍ଥିତିରେ ଦିଲ୍ଲୀବାସୀ ସରକାରଙ୍କର ଅଦୂରଦର୍ଶୀ କାର୍ଯ୍ୟ ଓ ଅର୍ଥର ଅପଚୟକୁ ନେଇ ପ୍ରଶ୍ନ ଉଠାଇଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ